

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ମଙ୍ଗଳବାର ୨୩ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 July 2024

Vol.No. 35 ■ No.197 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# କେନ୍ଦ୍ରର ବଡ଼ ନିଷ୍ପତ୍ତି: ବିହାରକୁ ମିଳିବନି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା



ନୂଆଦିଲ୍ଲୀ, ୨୨/୭ : ବିହାର ପାଇଁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ଦାବି କରୁଥିବା ବିଜେପିର ସହଯୋଗୀ ଜେଡିୟୁକୁ ଶକ୍ତ ଝଟକା ଲାଗିଛି । ନୀତୀଶ କୁମାରଙ୍କ ଜେଡିୟୁ ସହାୟତାରେ ବିଜେପି କେନ୍ଦ୍ରରେ ସରକାର ଗଠନ କରିଛି । ହେଲେ ଜେଡିୟୁର ଦାବିକୁ ବାଏଁବାଏଁ ଉଡ଼ାଇ ଦେଇଛନ୍ତି କେନ୍ଦ୍ର ସରକାର । ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ଜେଡିୟୁ ଦାବି କରି ଆସୁଥିଲା । କିନ୍ତୁ ଆଜି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାର କୌଣସି ଯୋଜନା ନାହିଁ । ବିହାରର ଝାଞ୍ଜହରପୁରର ଜେଡିୟୁ ସାଂସଦ ରାମପ୍ରିତ ମଣ୍ଡଳ ଲୋକସଭାରେ ଅର୍ଥ ମନ୍ତ୍ରଣାଳୟକୁ ପ୍ରଶ୍ନ କରିଥିଲେ ଯେ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରିବାକୁ କୌଣସି ଯୋଜନା ଅଛି କି ? ପଛୁଆ ବର୍ଗର ରାଜ୍ୟଗୁଡ଼ିକରେ ଅର୍ଥନୀତିକ ଅଭିବୃଦ୍ଧି ଓ ଶିଳ୍ପାୟନ ପାଇଁ ମନ୍ତ୍ରଣାଳୟର କିଛି ଯୋଜନା ରହିଛି କି ? ଏହାର ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କିଛନ୍ତି, "ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାର କାରଣ କିଛି ନାହିଁ । ପୂର୍ବରୁ ନ୍ୟାଶନାଲ ଡେଭଲପମେଣ୍ଟ କାଉନସିଲ (ଏନଡିସି) କିଛି ରାଜ୍ୟର ସ୍ଥିତିକୁ ବିଚାରକୁ ନେଇ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେଇଥିଲେ । ଏଥିପାଇଁ ଏକାଧିକ ସର୍ତ୍ତ ରହିଛି । ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇବାକୁ ସର୍ତ୍ତଗୁଡ଼ିକ ହେଲା ୧-ପାହାଡ଼ିଆ ଓ କଷ୍ଟକର ରାସ୍ତା ଥିବ ୨-କମ ଜନସଂଖ୍ୟା/ ବଡ଼ ସଂଖ୍ୟାରେ ଆଦିବାସୀ ଲୋକ ଥିବେ ୩- ପଡ଼ୋଶୀ ଦେଶରେ ସୀମାନ୍ତରେ ଥିବା ରାଜ୍ୟ ୪- ଅର୍ଥନୀତିକ ଓ ଭିତ୍ତିଭୂମି ବିକାଶରେ ପଛରେ ପଡ଼ିବା ୫- ରାଜ୍ୟ ପାଣ୍ଠି ଯୋଗାଡ଼ କରିବାକୁ ଅକ୍ଷମ ରହୁଥିବା ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ମିଳିଥାଏ । ପୂର୍ବରୁ ବିହାର ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରସ୍ତାବକୁ ଗୋଟିଏ ଇଣ୍ଟର ମିନଷ୍ଟରିଆଲ ଗ୍ରୁପ ଦ୍ୱାରା ବିଚାର କରାଯାଇଥିଲା । ୨୦୧୨ ମାର୍ଚ୍ଚ ୩୦ରେ ଆଇଏମଜି ରିପୋର୍ଟ ଦେଇଥିଲା । ଆଇଏମଜି କହିଥିଲା ଯେ ଏନଡିସି ରଖିଥିବା ସର୍ତ୍ତ ଅନୁସାରେ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିବାର କୌଣସି କାରଣ ନାହିଁ ।" ଏବେ କେନ୍ଦ୍ର ସରକାର ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମିଳିବ ନାହିଁ କହିଥିବାରୁ ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ପଦକ୍ଷେପ ଉପରେ ସମସ୍ତ ନଜର ରହିଛି । କାରଣ ଏହି ପ୍ରସଙ୍ଗକୁ ନେଇ ଅନେକ ଥର ଜେଡିୟୁ ଓ ବିଜେପି ମଧ୍ୟରେ ▶▶ପୃଷ୍ଠା ୭

# ବିଜ୍ଞପ୍ତି ପ୍ରତ୍ୟାହାର କଲା କ୍ରୀଡ଼ା ବିଭାଗ: ବଦଳିବନି ଗାଇଡଲାଇନ୍




ଭୁବନେଶ୍ୱର, ୨୨/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀଙ୍କ ଅଜାଣତରେ ଜାରି ହୋଇଥିବା 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ' ଗାଇଡଲାଇନ୍ ବିଜ୍ଞପ୍ତିକୁ ଆଜି ବିଧିବଦ୍ଧ ଭାବେ ପ୍ରତ୍ୟାହାର କରିନେଇଛି କ୍ରୀଡ଼ା ବିଭାଗ । 'ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ'ର ନାଁକୁ ଉଚ୍ଛେଦ କରି 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ'ର ଗାଇଡଲାଇନ୍ ଗତ ୧୯ ତାରିଖରେ ଜାରି ହୋଇଥିଲା । କ୍ରୀଡ଼ା ବିଭାଗର ବିଜ୍ଞପ୍ତି ଅନୁସାରେ, ବିଭାଗ ଦ୍ୱାରା ୨୦୨୩ ଜୁନ୍ ୫ ତାରିଖରେ ଜାରି ହୋଇଥିବା ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଗାଇଡଲାଇନ୍ ବଳବତ୍ତର ରହିବ । କ୍ରୀଡ଼ା ବିଭାଗ ୨୦୨୪ ଜୁଲାଇ ୧୯ ତାରିଖରେ ଜାରି କରିଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଗଲା । ୧୯ ତାରିଖର ବିଜ୍ଞପ୍ତିକୁ ଆଜି ପ୍ରତ୍ୟାହାର କରାଯିବା ସମ୍ପର୍କରେ ବିଭାଗ ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ଓ ସମସ୍ତ ବିଭାଗକୁ ଅବଗତ କରାଯାଇଛି । ଉଲ୍ଲେଖଯୋଗ୍ୟ, 'ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ'ର ନାଁ ପରିବର୍ତ୍ତନ କରି 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ' କରାଯିବା ପରେ ବିରୋଧୀ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା । ଆଉ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ବିଜ୍ଞପ୍ତି ତାଙ୍କ ଜାଣତରେ ହୋଇନି ବୋଲି କହିବା ପରେ ବିଭିନ୍ନ ମହଲରେ ରାଜ୍ୟ ସରକାରଙ୍କ ଉପରକୁ ଅଙ୍ଗୁଳି ଉଠିଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ ବିଷୟରେ ଗଣମାଧ୍ୟମରୁ ସୂଚନା ପାଇଲି । ନାମ ପରିବର୍ତ୍ତନ ନେଇ କୌଣସି ବିଧିବଦ୍ଧ ନିଷ୍ପତ୍ତି ହୋଇନାହିଁ । ମୋ' ସରକାର ଓଡ଼ିଶାର ବରପୁତ୍ରମାନଙ୍କୁ ଯଥୋଚିତ ସମ୍ମାନ ଦିଏ । ବିଜୁବାବୁ ନିଜର ଦୀର୍ଘ ଦଶନ୍ଧିର ରାଜନୀତିକ ଓ ସାମାଜିକ ଜୀବନରେ କରିଥିବା ଅବଦାନ ସ୍ମରଣୀୟ ହୋଇ ରହିବ । ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପୂର୍ବପରି ଚାଲୁ ରହିବ ବୋଲି କହିଥିଲେ ।

# ବିଜେଡିକୁ ନେଇ ଭବିଷ୍ୟବାଣୀ କଲେ ଜୟନାରାୟଣ



ଭୁବନେଶ୍ୱର, ୨୨/୭ (ନି.ପ୍ର): ବିଧାନସଭା ବଜେଟ ଅଧିବେଶନର ଆଜି ପ୍ରଥମ ଦିନ ହୋଇଥିବା ବେଳେ ଗୃହ ବାହାରେ ବିଜେଡିକୁ ନେଇ ଏକ ଭବିଷ୍ୟବାଣୀ କରିଛନ୍ତି ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର । ଗଣମାଧ୍ୟମ ପ୍ରତିନିଧିଙ୍କ କିଛି ପ୍ରଶ୍ନର ଉତ୍ତର ଦେବା ଅବସରରେ ସେ ବିଜେଡିକୁ ନେଇ ଭବିଷ୍ୟବାଣୀ ଦେଇଥିଲେ । ବିଜେପି-ବିଜେଡି ଗୋଟିଏ ଦଳ କି ବୋଲି ସାମ୍ବାଦିକମାନେ ପଚାରିବାରେ ଜୟନାରାୟଣ କହିଥିଲେ, ଆମେ ଯେତେବେଳେ ବିରୋଧୀ ଦଳରେ ଥିଲୁ ସେତେବେଳେ ଦୁଇ ପାର୍ଟି (ବିଜେପି ଓ ବିଜେଡି) ଗୋଟିଏ ବୋଲି କୁହାଯାଉଥିଲା । ଏବେ ଆମେ ସରକାରୀ ଦଳରେ ଥିବା ବେଳେ ବି ସେହି କଥା କୁହାଯାଉଛି । ଯଦି ଗୋଟିଏ ଦଳ ହେଲେ, ତା'ହେଲେ ଆମର ଯୋଗ୍ୟତା ସେଇଟା । କିଏ କାହା ଆଡ଼କୁ ଢଳୁଛି, ତାହା ଜଣାନାହିଁ । କିନ୍ତୁ ଗୋଟିଏ କଥା ବିଜେଡିର ଆୟୁଷ ବହୁତ କମ୍ । ଜଣେ ଜ୍ୟୋତିଷ ଭଳି ମୁଁ ଏହି ଭବିଷ୍ୟବାଣୀ କଲି । ବିଜେଡି ପୁଣି ଥରେ ସରକାର କରିବ ବୋଲି କହୁଥିବା ପଚରାଯିବାରୁ ଶ୍ରୀ ମିଶ୍ର କହିଥିଲେ, ସେତେବେଳେ ପର୍ଯ୍ୟନ୍ତ ଦଳ ବଞ୍ଚିଥିଲେ ତ ସରକାର କରିବ । ବଜେଟ୍ ଅଧିବେଶନ ପୂର୍ବରୁ ଗତକାଲି ସର୍ବଦଳୀୟ ବୈଠକ ବସିଥିବା ▶▶ପୃଷ୍ଠା ୭

# ସଂସଦରେ ୨୦୨୩-୨୪ ଅର୍ଥନୈତିକ ସର୍ଭେ ରିପୋର୍ଟ

## ୨୦୨୫ ରେ ୬.୫ ରୁ ୭ ପ୍ରତିଶତ ହାରରେ ଅଭିବୃଦ୍ଧି ଆକଳନ



ନୂଆଦିଲ୍ଲୀ, ୨୨/୭ :ଆସନ୍ତାକାଲି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ । ଏହା ପୂର୍ବରୁ ଆଜି ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୮.୨ ପ୍ରତିଶତ ବୃଦ୍ଧି ପାଇଛି, ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୬.୫-୭ପ୍ରତିଶତ ଅଭିବୃଦ୍ଧି ହାରରେ ଆଗକୁ ବଢିବ ବୋଲି ଆକଳନ କରାଯାଇଛି । ୨୦୨୪-୨୫ ବର୍ଷରେ ମୁଦ୍ରାସ୍ଫୀତି ହାର ୪.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ଏହା ସହ ୨୦୨୫-୨୬ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ହାର ୪.୧ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ତୃତୀୟ କାର୍ଯ୍ୟକାଳରେ ମୋଦି ସରକାରଙ୍କ ସମ୍ପୂର୍ଣ୍ଣ ଫୋକସ କୃଷି, ବେସରକାରୀ କ୍ଷେତ୍ର ଉପରେ ରହିବ ବୋଲି କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଦେଶରେ ▶▶ପୃଷ୍ଠା ୭

### ଅର୍ଥନୈତିକ ସର୍ଭେ ରିପୋର୍ଟ

- ସଂସଦରେ ନିର୍ମଳା ଉପସ୍ଥାପନ କଲେ ଅର୍ଥନୈତିକ ସର୍ଭେ ରିପୋର୍ଟ
- ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫-୭ପ୍ରତିଶତ ରହିବ ବିକାଶ ହାର
- ୨୦୨୪-୨୫ ବର୍ଷରେ ମୁଦ୍ରାସ୍ଫୀତି ହାର ୪.୫ ପ୍ରତିଶତ ରହିବ
- ୨୦୨୫-୨୬ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ହାର ୪.୧ ପ୍ରତିଶତ ହେବ
- କୃଷି, ବେସରକାରୀ କ୍ଷେତ୍ର ଉପରେ ମୋଦି ସରକାରଙ୍କ ଫୋକସ୍
- କରୋନା ମହାମାରୀ ପରେ ଦେଶର ହ୍ରାସ ପାଉଛି ବେକାରୀ ହାର
- ସହରୀ ବେକାରୀ ହାର ଗତ ବର୍ଷ ମାର୍ଚ୍ଚ ସୁଦ୍ଧା ୬.୭% କୁ ହ୍ରାସ ପାଇଛି
- ୨୦୧୭-୧୮ରେ ୧୭.୮% ରୁ ୨୦୨୨-୨୩ ରେ ୧୦% କୁ ଖସି ଆସିଛି ବେକାରୀ ହାର
- ୨୦୩୦ ସୁଦ୍ଧା ଅଣ କୃଷି କ୍ଷେତ୍ରରେ ବାର୍ଷିକ ପ୍ରାୟ ୭୮.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ରହିଛି
- ଭାରତର ଆର୍ଥିକ ନିଅଣ୍ଟ ୪.୫ ପ୍ରତିଶତକୁ ଖସି ଆସିବାର ସମ୍ଭାବନା ରହିଛି

# ଭିଜିଲାନ୍ସ ଜାଲରେ ମତ୍ସ୍ୟ ସମ୍ପଦ ବିଭାଗ ଡେପୁଟି ଡାଇରେକ୍ଟର



ଭୁବନେଶ୍ୱର, ୨୨/୭ (ନି.ପ୍ର): ସରକାରୀ ପାଣ୍ଠିରୁ ନିଜ ଖାତାକୁ ଟଙ୍କା ଟ୍ରାନ୍ସଫର କରି ଅଡୁଆରେ ସରକାରୀ ବାବୁ । ଭିଜିଲାନ୍ସ ଜାଲରେ ମତ୍ସ୍ୟ ସମ୍ପଦ ବିଭାଗ ଡେପୁଟି ଡାଇରେକ୍ଟର ବସନ୍ତ କୁମାର ଦାସ । କୋଟିଏରୁ ଅଧିକ ସରକାରୀ ଟଙ୍କା ହଡ଼ପ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଚଢାଉ କରିଛି । ବସନ୍ତଙ୍କ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରିଥିବା ସୂଚନା ମିଳିଛି । ▶▶ପୃଷ୍ଠା ୭

# ଆହୁରି ୪ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷିବ !

ଭୁବନେଶ୍ୱର, ୨୨/୭ (ନି.ପ୍ର): ଆଜି ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହୋଇଛି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ଏମିତି ବର୍ଷା ଲାଗି ରହିବ । ତେବେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଗାମୀ ▶▶ପୃଷ୍ଠା ୭

# ୨ ବର୍ଷ ମଧ୍ୟରେ ପୂରଣ ହେବ ୬୫ ହଜାର ସରକାରୀ ପଦବୀ: ରାଜ୍ୟପାଳ

## ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନଙ୍କ କକ୍ଷତ୍ୟାଗ



ଭୁବନେଶ୍ୱର, ୨୨/୭ (ନି.ପ୍ର): '୨୦୨୯ ସୁଦ୍ଧା ରାଜ୍ୟରେ ସୃଷ୍ଟି ହେବ ସାଢ଼େ ତିନି ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ । ଆସନ୍ତା ୨ ବର୍ଷ ମଧ୍ୟରେ ପୂରଣ ହେବ ୬୫ ହଜାର ସରକାରୀ ପଦବୀ ।' ଆଜିଠାରୁ ସପ୍ତଦଶ ବିଧାନସଭାର ପ୍ରଥମ ବଜେଟ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ସରକାରଙ୍କ ଲକ୍ଷ୍ୟ ସଂପର୍କରେ କହିବାକୁ ଯାଇ ଦେଇଛନ୍ତି ଏହି ତଥ୍ୟ । ରାଜ୍ୟପାଳ ରଘୁବର ଦାସ କହିଛନ୍ତି, କୃଷି ଓ କୃଷକଙ୍କ ବିକାଶ ତଥା ଆୟବୃଦ୍ଧି ଉପରେ ଫୋକସ୍ କରିଛନ୍ତି ରାଜ୍ୟ ସରକାର । ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତ୍ତିଭୂମି କ୍ଷେତ୍ରକୁ ଦିଆଯାଉଛି ପ୍ରାଥମିକତା । ୨୦୨୯ ସୁଦ୍ଧା ରାଜ୍ୟରେ ସାଢ଼େ ୩ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଆସନ୍ତା ୨ ବର୍ଷ ମଧ୍ୟରେ ପୂରଣ ହେବ ୬୫ ହଜାର ସରକାରୀ ପଦବୀ । ▶▶ପୃଷ୍ଠା ୭

# ଭାରତର ଇନୋଭେସନ ବିଶ୍ୱସ୍ତରରେ ପହଞ୍ଚିଛି: ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୨/୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଇନୋଭେସନକୁ ପ୍ରୋତ୍ସାହିତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଅଟଳ ଇନୋଭେସନ ମିଶନ ଏବଂ ୱିପୋ(ୱାର୍ଲ୍ଡ ଇଣ୍ଟେଲେକ୍ଚୁଆଲ୍ ପ୍ରପୋର୍ଟି ଅର୍ଗାନାଇଜେସନ) ମଧ୍ୟରେ ଏକ ଏଲଓଆଇ(ଲେଟର ଅଫ୍ ଇଣ୍ଟେଣ୍ଟ) ସ୍ୱାକ୍ଷରିତ ହୋଇଯାଇଛି । ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ବିଶ୍ୱସ୍ତରରେ ପହଞ୍ଚିଛି । ବିଶେଷତଃ ଗ୍ଲୋବାଲ ସାଉଥ ସମୂହ ଦେଶ ଗୁଡିକ କଲ୍ୟାଣ ପାଇଁ ଉଦ୍ଭାବନ, ଉଦ୍ୟମିତା ଏବଂ ବୌଦ୍ଧିକ କ୍ଷମତା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ▶▶ପୃଷ୍ଠା ୭

# କାଉଡ଼ିଆ ଯାତ୍ରା ମାର୍ଗରେ ନାମଫଳକ ଲଗାଇବା ପ୍ରସଙ୍ଗ: ଯୋଗୀଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୨୨/୭ : ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ । ସୋମବାର ସୁପ୍ରିମକୋର୍ଟ ଉତ୍ତରପ୍ରଦେଶର ଯୋଗୀ ସରକାରଙ୍କୁ ଏକ ବଡ ଝଟକା ଦେଇଛନ୍ତି । କାଉଡ଼ିଆ ଯାତ୍ରା ମାର୍ଗରେ ପଡୁଥିବା ହୋଟେଲଗୁଡ଼ିକରେ ମାଲିକଙ୍କ ନାମ ସାର୍ବଜନୀନ କରାଯିବା ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ନିଷ୍ପତ୍ତି ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ । ଏହା ସହିତ ୟୁପି, ମଧ୍ୟପ୍ରଦେଶ ଏବଂ ଉତ୍ତରାଖଣ୍ଡ ସରକାରଙ୍କୁ ନୋଟିସ ପଠାଇ ଉତ୍ତର ମାଗିଛନ୍ତି କୋର୍ଟ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୬ରେ ହେବ ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା ଯେ, କାଉଡ଼ିଆ ଯାତ୍ରା ମାର୍ଗରେ ପଡୁଥିବା ହୋଟେଲଗୁଡ଼ିକରେ ମାଲିକଙ୍କ ନାମ ସାର୍ବଜନୀନ କରାଯିବା ପାଇଁ ଉତ୍ତରପ୍ରଦେଶ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ସହିତ ମଧ୍ୟପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ମଧ୍ୟ ଏହି ନିୟମ ଲାଗୁ କରାଯାଇଛି । ଏଭଳି ଆବେଦନ ▶▶ପୃଷ୍ଠା ୭

# ଦିନେ ଦୁଇ ଦିନ ଭିତରେ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରିବ ଏଏସଆଇ

ଭୁବନେଶ୍ୱର, ୨୨/୭ (ନି.ପ୍ର): ଦିନେ ଦୁଇ ଦିନ ଭିତରେ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରିବ ଏଏସଆଇ । ଯାଞ୍ଚ ସରିବା ପରେ ରତ୍ନଭଣ୍ଡାର ମରାମତି ନେଇ ନିଷ୍ପତ୍ତି ହେବ । ଆଜି ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବାହାର ଓ ଭିତର ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ସ୍ଥାନାନ୍ତର କରାଯାଇଛି । ଦିନେ ଦୁଇ ଦିନ ଭିତରେ ଭାରତୀୟ ଇଝଓ ରତ୍ନଭଣ୍ଡାରର ସ୍ଥିତି ଯାଞ୍ଚ କରିବ । ସେଠାରେ ଯେଉଁସବୁ ମରାମତିର ଆବଶ୍ୟକତା ରହିଛି । ସେଥିପାଇଁ ଇଝଓ ପକ୍ଷରୁ ସମୟ ନିର୍ଘଣ୍ଟ ସ୍ଥିର କରାଯିବ । ଏହାକୁ ସରକାର ▶▶ପୃଷ୍ଠା ୭

## ପାଇପ୍‌ରେ ଆସୁଛି ଗୋଳିଆ ପାଣି

ଗଂଜାମ, ୨୨/୦୭ (ନି.ପ୍ର): ବର୍ଷା ଋତୁ ଆସିଯାଇଛି। ଗଂଜାମ ଜିଲାରେ ବିଭିନ୍ନ ଅଂଚଳରେ ଝାଡାବାନ୍ତି, ଡେଂଗୁ, କାମଳ ଓମାଲେରିଆ ଭଳି ସଂକ୍ରାମକ ରୋଗ ବ୍ୟାପି ଥିବା ଜଣାପଡ଼ିଛି । ତେବେ ଏକମାସ ହେଲା ବ୍ରହ୍ମପୁର ସହରରେ ପାଇପ ଯୋଗେ ଗୋଳିଆ ଓ ମାଟିଆପାଣି ଯୋଗାଣ ହେଉଛି। ପାଇପରେ ବର୍ଷାପାଣି ନାଳ ନର୍ଦ୍ଦମା ପାଣି ମିଶି ଆସୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ପାଇପରେ ଆସୁଥିବା ପାଣିକୁ ବ୍ଲିଚିଂ କିମ୍ବା କ୍ଲୋରିନ ଦ୍ୱାରା ବିଶୋଧନ ନକରି ପାଇପରେ ପାଣି ଛଡାଯାଉଛି। ଫଳରେ ବ୍ରହ୍ମପୁର ସହରରେ ମାରାତ୍ମକ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି। ତୁରନ୍ତ ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

## ନିମ୍ନମାନର ରାସ୍ତାକାମ ଅଭିଯୋଗ: ଠିକାଦାର ଓ ଜେଇଙ୍କ ମଧୁଚନ୍ଦ୍ରିକା, ଖାଲ ଓ ଢିପରେ ପିଚୁ ରାସ୍ତା

ବଲାଙ୍ଗୀର, ୨୨/୦୭ (ନି.ପ୍ର): ଆଗଲପୁର (ଡୁଡୁକା )ବ୍ଲକରେ ଜଳ ସଂପଦ ବିଭାଗ କିଭଳି ନିମ୍ନମାନର ରାସ୍ତା କାମ ହୋଇଛି, ତାର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି କୁଟାସିଂହା ଓ ଛୋକର୍ମାଲ ପଂଚାୟତରେ। ରାସ୍ତା ନିର୍ମାଣ ର ୭ ଦିନ ନ ପୂରୁଣୁ ପିଚୁ ଉଠିଯାଇଥିବା ଦେଖା ଯାଇଛି। ଅଙ୍ଗ ଶାଖା କେନାଲ ବଲାଙ୍ଗୀର-ସୋନପୁର ଆର୍‌ଡି-୯୮୦ପାଣିଛତ୍ର ଛକ ବାଲପୁର ଡିଷ୍ଟ୍ରିବୁଟର ଠାରୁ କୁଟାସିଂହା ଡିସଟ୍ରିବୁଟର ପର୍ଯ୍ୟନ୍ତ ୪ କି. ମି ୪୦୩ ମିଟର ଏହି ରାସ୍ତା ୩୦-୧୨-୨୩ରୁ ଆରମ୍ଭ ହୋଇ ୨୯-୧୨-୨୪ ତାରିଖରେ ଶେଷ ହେବାରଥିଲା ଠିକାଦାର ଓ ଜଳସମ୍ପଦ ବିଭାଗ ମିଳିତ ଭାବେ ୨ ମାସରେ ମେଟାଲିଙ୍ଗ, ରୋଲିଙ୍ଗ, ପିଚୁ ସାରିଦେଇଛନ୍ତି ଫଳରେ ଟାଇଟ ନନେଇ ଗେଟି ଓ ବଜରୀ ଉଠିଯାଉଛି ପୁଣି ପ୍ରତକ୍ଷଦର୍ଶୀଙ୍କ କହିବାନୁସାରେ ରାସ୍ତା ନିର୍ମାଣବେଳେ ଆବଶ୍ୟକ ମୁତାବକ ତେଲ(ପିଚୁ) ଦିଆଯାଇନାହିଁ। ଧାର୍ଯ୍ୟ ତାରିଖ ଠାରୁ ବହୁ ପୂର୍ବରୁ ତରବରିଆ ଭାବେ କାମ ସାରିଦେଇଥିବାରୁ ସଂପୃକ୍ତ ଠିକାଦାର ଓ ଜଳସମ୍ପଦ ବିଭାଗ ର କି କାରଣ ଥାଇପାରେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଗ୍ରାମାଂଚଳର ଯୋଗାଯୋଗ ପାଇଁ ବିଭାଗ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କେନାଲକୁ ମଧ ରାସ୍ତା ସଂଯୋଗି କାରଣ କରାଜାଇଛି, ଠିକାଦାର ଓ ଜେଇ ଏହି କାମକୁ ସଂପୂର୍ଣ୍ଣ ନିମ୍ନମାନର ରାସ୍ତା କାମ କରୁଥିବା ପ୍ରମାଣ ରାସ୍ତାକୁ ଜିଆ ଦେଖିବା ସିଏ କହିପାରିବ। ଜନସାଧାରଣଙ୍କ ସୁବିଧା ନିମନ୍ତେ ଏସବୁ କାମ କରୁଛନ୍ତି। ହେଲେ ଧର୍ମକୁ ଆଖିଥର କରି କାମ ନିମ୍ନ ମାନର କାମ କରିଛନ୍ତି। ବ୍ୟାପକ ପିସି କାରବାର ହେଇଛି। ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରିବାକୁର ଅଂଚଳର ଜନସାଧାରଣ ଦାବି କରୁଛନ୍ତି। ରାସ୍ତା ନିର୍ମାଣ ପାଇଁ ୧୨୬୦୮୫୩୨ ଟଙ୍କା ବ୍ୟୟ ବରାଦ କରାଯାଇଥିଲେ ମଧ ନିହାତି ନିମ୍ନମାନର କାମ ହୋଇଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଂଚଳବାସୀ ଦାବୀ କରିଛନ୍ତି।

## ପ୍ରୋଭିଜିନାଲ ପେନଶନ ଦେବାକୁ ପଂଚାୟତ ସଂପାଦକଙ୍କ ଦାବି

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): ଜିଲ୍ଲାରେ ବିଭିନ୍ନ ପଂଚାୟତରେ ପଂଚାୟତ ସଂପାଦକ ବା ପଂଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ନେଇଥିବା କର୍ମଚାରୀ ମାନଙ୍କୁ ସର୍ବନିମ୍ନ ପେନଶନ ଯୋଗାଇ ଦେବାପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଅବସର ପ୍ରାପ୍ତ ପଂଚାୟତ ସରପଂଚଙ୍କ ଏକ ପ୍ରତିନିଧି ମଣ୍ଡଳୀ ପେନଶନ ପାଇବା ପାଇଁ ଅଦାଲତର ଆଦେଶ ଅନୁଯାୟୀ ଓଡିଶା ସରକାର ର ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ପତ୍ର ନଂ- ୨୩୭୦, ୩୧.୦୧.୨୦୨୪ ତାରିଖରେ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାପଡା ଜିଲ୍ଲାରୁ ୩୪ ଜଣଙ୍କ ନାମ ଘୋଷଣା କରି ଅଛନ୍ତି । ଚାକିରୀର ଶେଷ ଭାଗରେ ପଦୋନ୍ନତି ପାଇଥିବାରୁ ଅବସର କାଳୀନ ସରକାରୀ ସହାୟତା ପାଇପାରୁ ନାହାଁନ୍ତି । ଏହି କର୍ମଚାରୀ ମାନେ ପରିଣତ ବୟସରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମାନଙ୍କ ମଧ୍ୟରୁ ୬ଜଣ ମୃତ୍ୟୁବରଣ କରି ସାରିଲେଣି । ତେଣୁ ତୁରନ୍ତ ଏମାନଙ୍କୁ ପ୍ରୋଭିଜିନାଲ ପେନଶନ ଦେବାକୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ତାଙ୍କ ସମସ୍ୟା ଦୂର କରିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ମଦନ ମୋହନ ବେହେରା, ସୌଦାଗର ବିଶ୍ୱାଳ, ସଂଗ୍ରାମ କେଶରୀ ସାମଲ, ବଟକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭଲ ରାସ୍ତା ନ ଥିବାରୁ ବିଦ୍ୟାଳୟକୁ ଯିବାକୁ ଛାତ୍ରଛାତ୍ରୀ ଅମଙ୍ଗ

ଧର୍ମଶାଳା, ୨୨/୦୭ (ନି.ପ୍ର): ସରକାର ଗମନାଗମନକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି। ଏପରି କି ଅନେକ କଂକ୍ରିଟ୍ ରାସ୍ତା ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହେଲେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ଫଳ ମିଳୁ ନାହିଁ। ବିଶେଷକରି ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନେ କଚ୍ଚା ରାସ୍ତାରେ ବିଦ୍ୟାଳୟକୁ ଯିବାକୁ ଅମଙ୍ଗ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ କୁନ୍ଦଳ ପଂଚାୟତ ମାଲିଆଶୁଣୀ ବିଦ୍ୟାଳୟ କ୍ଷେତ୍ରରେ । ଏହି ବିଦ୍ୟାଳୟରେ ସ୍ଥାନୀୟ ୩ ଗୋଟି ପଂଚାୟତର ଛାତ୍ରଛାତ୍ରୀ ଏଠାକୁ ପାଠ ପଢିବାକୁ ଆସିଥାନ୍ତି। ୫ଟି ଅଧିନରେ ଏହି ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ହେଲେ ବିଦ୍ୟାଳୟକୁ ଯିବାକୁ ଭଲ ରାସ୍ତା ନାହିଁ । ସାମାନ୍ୟ ବର୍ଷା ପାଣିରେ ରାସ୍ତାରେ ପାଣି ଜମି କାଦୁଅ ହୋଇ ପଡୁଛି । ଫଳରେ କାଦୁଅ ପଚପଚ ରାସ୍ତାରେ ଛାତ୍ରଛାତ୍ରୀମାନେ ଯାତାୟତ ନିମନ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାରେ ଅନେକ ସମୟରେ ଛାତ୍ରଛାତ୍ରୀମାନେ ପଡି ଖଣ୍ଡିଆଖାବରା ହେବା ସହିତ ସେମାନଙ୍କ ପୋଷାକ ଖରାପ ହେଉଛି । ଫଳରେ ଏହି ରାସ୍ତା ଦେଇ ବିଦ୍ୟାଳୟ ଯିବାକୁ ସେମାନେ ରାଜି ହେଉ ନାହାନ୍ତି । ଏନେଇ ଅବିଭାବକମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ । ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଜୟପୁର , ୨୧/୦୭ (ନି.ପ୍ର): ଜୟପୁର ଉପ ଜିଲାପାଳ ଙ୍କ କାଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । କୋରାପୁଟ ଜିଲାପାଳ ଭି କିର୍ତି ଭାସନ ଉପସ୍ଥିତ ରହି ୨୫ଟି ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠି ମୋଟ ୩୫ଟି ଅଭିଯୋଗର ଶୁଣାଣି କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ଏସପି ଅଭିନବ ସୋନାକାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରି ଦେବାଶିଷ ପଟ୍ଟନାୟକ, ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା, ଜିଲା ଚିକିତ୍ସାଧିକାରି ସୁଶାନ୍ତ ଦାସ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ଜୟପର ବ୍ଲକ ଏକଟାଗୁଡାରେ ରାସ୍ତା ନିର୍ମାଣ , ଜବରଦଖଲ ଉଚ୍ଛେଦ, ପେପର ମିଲ ଅବସର ପ୍ରାପ୍ତ କର୍ମଚାରିଙ୍କ ବକେୟା ଦରମା,ଇପିଏଫ ଆଦି ଦାବିର ଶୁଣାଣି କରିଥିଲେ । ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ସ୍ଥିତ ସରକାରୀ ଗୋପବନ୍ଧୁ ଶିକ୍ଷ ତାଲିମ ଅନୁଷ୍ଠାନ ରେ ଟେଣ୍ଡର ଅନିୟିତତା ହୋଇଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଆଜି ଜୟ ମା ସନ୍ତୋଷି ଏସଏଚଜି ଗ୍ରୁପ ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ଜିଲାପାଳ ଙ୍କ ନିକଟରେ ଅଭିଯୋଗ କରି ତଦନ୍ତ କରିବାକୁ ଦାବି କରିଛନ୍ତି । ଏହି ଶୁଣାଣିରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ବିଡିଓ ଶକ୍ତି ମହାପାତ୍ର, ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ମୋନାଲିସା ଆଚାର୍ଯ୍ୟ ସହ ଜିଲା ସ୍ତିରୟ ଅଧକାରି ମାନେ ଉପସ୍ଥିତ ଥିଲେ

## ଇଗ୍‌ନାଇଟିଙ୍ଗ ମାଇଣ୍ଡସ୍, ପ୍ରେରଣା ଗ୍ରୀନ ଆର୍ମି ଓ ଆଲାଟିକ୍ ପକ୍ଷରୁ ଓଡ଼ିଶାରେ ୧କୋଟି ଗଛ ଲାଗିବ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଓଡ଼ିଶାରେ ସବୁଜ ବଳୟ ସୃଷ୍ଟି, ଶୀତଳତା ପ୍ରଦାନ ମାଧ୍ୟମରେ ପୃଥିବୀକୁ ସୁରକ୍ଷିତ ରଖିବା ସହ ଜୀବଜଗତକୁ ସୁରକ୍ଷା ଦେବା ପାଇଁ ଇଗ୍‌ନାଇଟିଙ୍ଗ ମାଇଣ୍ଡସ୍, ପ୍ରେରଣା ଗ୍ରୀନ୍ ଆର୍ମି ଓ ଆଲାଟିକ୍ ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ୧କୋଟି ବୃକ୍ଷ ବିଭିନ୍ନ ସ୍ଥାନରେ ରୋପଣ କରାଯିବ। ରବିବାର ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ ଯେ, ପ୍ରଧାନମନ୍ତ୍ରୀ ମା' ପାଇଁ ଗଛଟିଏ ଲଗାଇବା ପାଇଁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ନିଜ ମା' ସୁରକ୍ଷିତ ରହିବା ସହିତ ପୃଥିବୀ ମା' ମଧ ସୁରକ୍ଷିତ ରହିବ। ଯାହଦ୍ୱାରା ପୃଥିବୀପୃଷ୍ଠରେ ଥିବା ସମସ୍ତ ଜୀବଜଗତ ସୁରକ୍ଷିତ ରହିବେ। ଶ୍ରୀମତୀ ପାଢୀ ବୃକ୍ଷରୋପଣ କରିବା ପରେ ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡା ଇନ୍ ଚିଫ୍ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିରେ ସ୍ଥାନୀୟ ଆଇଆରସି ଭିଲେଜ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ଡକ୍ଟର ଶ୍ରୀଚନ୍ଦନ କହିଲେ, ସ୍କୁଲ୍, କଲେଜ ଆଦି ସ୍ଥାନରେ ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଓଡ଼ିଶାରେ ସବୁଜ ବଳୟ ସୃଷ୍ଟି କରି ପରିବେଶରେ ସନ୍ତୁଳନ ରକ୍ଷା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ଆରମ୍ଭରେ ଇଗ୍‌ନାଇଟିଙ୍ଗ ମାଇଣ୍ଡସ୍ ସଂଗଠନର ପାଟ୍ରୋନ ପ୍ରଫେସର ପ୍ରଫୁଲ୍ଲ କୁମାର ଧଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇ ଓଡ଼ିଶାର ସାମ୍ପ୍ରତିକ ପରିବେଶର ସ୍ଥିତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଗ୍‌ନାଇଟିଙ୍ଗ ମାଇଣ୍ଡସ୍ ସଂଗଠନର ପ୍ରତିଷ୍ଠାତା ମିଷ୍ଟର କରୁଣାକର ରେଡ୍ଡି କହିଲେ ଯେ, ଏଭଳି କାର୍ଯ୍ୟକ୍ରମ ଭାରତବର୍ଷର ବିଭିନ୍ନ ସ୍ଥାନରେ କରାଯାଉଥିବା ସ୍ଥଳେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ବ୍ୟାପକ ଭାବରେ କରାଯିବ। ଏଥିରେ ପୂର୍ବତନ ରାଜ୍ୟସଭା ସଦସ୍ୟ ସନ୍ତୋଷ କୁମାର ଯୋଗିନାପଲ୍ଲୀ ଯୋଗଦେଇ କହିଲେ ଯେ, ବର୍ତମାନ ସମୟରେ ପୃଥିବୀ ସମ୍ମୁଖରେ ପରିବେଶ ପ୍ରଦୂଷଣ ସବୁଠାରୁ ବିଶେଷ ବିପଦ ହୋଇ ଠିଆ ହୋଇଛି। ଏହି ଅବସରରେ ଜଳର ଅପବ୍ୟବହାର ନକରି ସଦୁପଯୋଗ କରିବାକୁ ବାଚସ୍ପତି ଶ୍ରୀମତୀ ପାଢୀ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲ୍ ବସରେ ଅଗ୍ନି ନିରାପତ୍ତା ନିୟମର କଡ଼ା ଅନୁପାଳନ ପାଇଁ ନିର୍ଦ୍ଦେଶନାମା ଜାରି

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ସ୍କୁଲ ବସରେ ଅଗ୍ନି ନିରାପତ୍ତା ନିୟମ ପାଳନକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । କେନ୍ଦ୍ରୀୟ ମୋଟର ଯାନ ନିୟମ (ସିଏମ୍‌ଭିଆର୍) ୧୯୮୯ର ଧାରା ୧୨୫ସି ଅନୁଯାୟୀ ସମସ୍ତ ସ୍କୁଲ ବସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ଅନୁପାଳନ ହେବା ଅନିବାର୍ଯ୍ୟ । ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଆଂଚଳିକ ପରିବହନ ଅଧିକାରୀଙ୍କୁ ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି ।

ଅଗ୍ନି ନିରାପତ୍ତା ନିୟମ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ସେ ସଂପର୍କରେ ବିଭିନ୍ନ ସମୟରେ ରାଜ୍ୟ ପରିବହନ ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରି ଆସିଥିବାବେଳେ ଆଗକୁ ଏହାକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି । ସ୍କୁଲ ବସ୍‌ଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ତୀକ୍ଷଣ ନଜର ରଖାଯିବ । ସମସ୍ତ ଜୋନ୍ ଉପପରିବହନ ଆୟୁକ୍ତ ଏବଂ ଆଂଚଳିକ ପରିବହନ ଅଧିକାରୀମାନେ ନିୟମିତ ଭାବେ ଏହାର ଯାଂଚ କରିବେ । କୌଣସି ସ୍କୁଲ ବସ୍ ଏହାର ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବହନ କମିସନର ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ନିଜ ନିଜ ଅଂଚଳରେ ଏହି ନିୟମ ଅନୁପାଳନକୁ ସୁନିଶ୍ଚିତ କରିବା ନିମନ୍ତେ ମୋଟର ଯାନ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସ୍କୁଲ ବସରେ ଫାୟାର ଡିଟେକ୍‌ସନ୍ ଆଲାର୍ମ ସିଷ୍ଟମ୍ (ଏଫ୍‌ଡିଏଏସ୍), ଫାୟାର ଡିଟେକ୍‌ସନ୍ ସପ୍ରେସନ୍ ସିଷ୍ଟମ୍ (ଏଫ୍‌ଡିଏସ୍‌ଏସ୍) ଓ ଫାୟାର ଆଲାର୍ମ ପ୍ରୋଟେକସନ୍ ସିଷ୍ଟମ୍ (ଏଫ୍‌ଏପିଏସ୍) ବ୍ୟବସ୍ଥା ଆବଶ୍ୟକ ଭାବେ ଲାଗୁ କରିବାକୁ ବାଧତାମୂଳକ ନିୟମ ରହିଛି । ଅଗ୍ନି ଅଘଟଣ ରୋକିବା ଓ ମୁକାବିଲା ଦିଗରେ ଏହା ସହାୟକ ହୋଇଥାଏ । ତେଣୁ ବସରେ ଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୯ର ନିୟମ ୧୨୫ସି ଅନୁସାରେ ସମସ୍ତ ସ୍କୁଲ ବସରେ ଏଆଇଏସ୍ ୧୩୫ ଆଧାରରେ ଏହି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ୍ ଭାବେ ଅନୁପାଳନ ହେବା ଆବଶ୍ୟକ । ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହ ଅନୁବନ୍ଧିତ ହୋଇ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ବସ୍ ମାଲିକମାନେ ଏହି ନିୟମ ନିଶ୍ଚିତ ଭାବରେ ପାଳନ କରିବା ନିମନ୍ତେ ଆଇନରେ ପ୍ରାବଧାନ ରହିଛି ।

କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦର୍ଶାଯାଇ ନିୟମ ଉଲ୍ଲଙ୍ଘନ କରୁଥିବା ବସ୍‌ଗୁଡ଼ିକର ଫିଟନେସ୍ ସାର୍ଟିଫିକେଟ ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏକ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ରାଜ୍ୟ ପରିବହନ କମିସନର ଶ୍ରୀ ଠାକୁର ନିର୍ଦ୍ଦେଶ ଦେଇଛନ୍ତି ।

## ମାଟିକୁ ବିଷାକ୍ତ କରୁଛି କପାଚାଷ: ଜୈବିକ କାର୍ବନ ୦.୩୭%କୁ ଖସିଲା

ରାୟଗଡ଼ା, ୨୨/୦୭ (ନି.ପ୍ର): ମାତ୍ରାଧିକ କୀଟନାଶକ ବ୍ୟବହାର ଯୋଗୁ ମୃତ୍ତିକା ଧୀରେଧୀରେ କୃଷି ପ୍ରତି ଅନୁପଯୋଗୀ ହେଉଛି। ରାୟଗଡ଼ା ଜିଲ୍ଲାରେ କପାଚାଷ ବଢୁଥିବାରୁ ସମସ୍ୟା ଜଟି ?ଳ ହେବାରେ ଲାଗିଛି। ଚଳିତ କୃଷି ବର୍ଷରେ ଜିଲ୍ଲାରେ ୫୦ହଜାର ହେକ୍ଟରରେ କପାଚାଷ କରିବାକୁ ଯୋଜନା ହୋଇଛି। ବିଶେଷକରି କପାଚାଷରେ ମାତ୍ରାଧିକ କୀଟନାଶକ ବ୍ୟବହାର ହେଉଥିବାରୁ ମାଟି ପ୍ରଦୂଷିତ ହେଉଥିବା କୃଷି ବିଭାଗ ସୂଚନା ଦେଇଛି। ପୋଡୁଚାଷ, ଜଙ୍ଗଲ କ୍ଷୟ ଓ ପ୍ଲାଷ୍ଟିକ ମାଟିରେ ମିଶୁଥିବାରୁ ଜିଲ୍ଲାରେ ମାଟି ବିଷ ?ାକ୍ତ ହେବାରେ ଲାଗିଛି। ପ୍ରାକୃତିକ ଉପାଦାନ କମୁଥିବାରୁ ଚାଷ ପାଇଁ ମାଟି ଅନୁର୍ବର ହେଉଛି। ସମସ୍ୟା ପ୍ରତି ପ୍ରଶାସନ ଓ ଚାଷୀ ସଚେତନ ନହେଲେ ନିକଟ ଭବିଷ୍ୟତରେ ଜମିରୁ ଉତ୍ପାଦନ କମିବା ସହ ଗୁଣବତ୍ତା ହରାଇବା ଆଶଙ୍କା ପ୍ରକାଶ ପାଇଛି। କୃଷି ବିଭାଗ ସୂଚନା ଅନୁସାରେ, ୨୦୧୫-୧୬ ବେଳକୁ ଏଠାରେ ମାଟିରେ ୦.୪୯ପ୍ରତିଶତ ଅର୍ଗାନିକ (ଜୈ ?ବିକ) କାର୍ବନ ରହୁଥିଲା। ୨୦୨୩-୨୪ରେ ଏହା ଖସିଆସି ୦.୩୭ପ୍ରତିଶତ ହୋଇଛି। କୃଷି ବିଭାଗ ଦ୍ୱାରା ମାଟିର ସ୍ୱାସ୍ଥ୍ୟ ପରୀକ୍ଷାରୁ ଏହା ଜଣାପଡିଛି। ଆଗାମୀ ଦିନରେ ମାଟିର ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ। ଅର୍ଗାନିକ କାର୍ବନ ମାତ୍ରା ୦.୫ପ୍ରତିଶତ ରହିଲେ ମାଟି ନିମନ୍ତେ ଉତ୍ତମ ବୋଲି ସହାୟକ କୃଷି ଅଧିକାରୀ ପ୍ରଜ୍ଞା ଦାଶ କହିଛନ୍ତି। ମୃତ୍ତିକା କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ମୃତ୍ତିକା ମଧ ସ୍ୱାସ୍ଥ୍ୟ ହରାଉଛି। ମାଟିରୁ ଯବକ୍ଷାରଜାନ, ଫସଫରସ ମାତ୍ରା କମୁଥିବାରୁ ଉଦ୍ଭିଦ ବୃଦ୍ଧି ବାଧାପ୍ରାପ୍ତ ହେଉଛି। ଯବକ୍ଷାରଜାନ ଉଦ୍ଭିଦରେ ପୁଷ୍ଟିସାର ଖାଦ୍ୟ ପ୍ରସ୍ତୁତି ଓ ପତ୍ରରେ ସବୁଜକଣିକା ବଢ଼ାଉଥିବା ବେଳେ ଫସଫରସ୍ ଚେର ବୃଦ୍ଧିରେ ସାହାଯ୍ୟ କରିବା ସହ ଫୁଲଫଳ ଧରିବାରେ ସହାୟକ ହୋଇଥାଏ। ଅଧିକ ଅମଳ ପାଇଁ ଚାଷୀ ମାତ୍ରାଧିକ କୀଟନାଶକ ବ୍ୟବହାର କରୁଥିବାରୁ ଭୂତଳ ଜଳ ମଧ ପ୍ରଦୂଷଣ ହେବାରେ ଲାଗିଛି। ଜିଲ୍ଲାରେ ପୋଡୁଚାଷ ଏବଂ ଏବଂ ଜଙ୍ଗଲ ଅବକ୍ଷୟ ବଢୁଥିବାରୁ ଉର୍ବର ମାଟି ଧୋଇହୋଇ ଯାଉଥିବା ମଧ ଅଧିକାରୀ କହିଛନ୍ତି। ଜିଲ୍ଲାରେ ୨୦୨୨ରୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ଆରମ୍ଭ କରାଯାଇ ମାଟି ପରୀକ୍ଷା କରାଯାଉଛି। ୨୦୨୨ରେ ୧୦ ହଜାର, ୨୦୨୩ରେ ୧୦ହଜାର ସ୍ଥାନରୁ ମାଟି ସଂଗ୍ରହ କରି ପରୀକ୍ଷା କରାଯାଇଥିବା ବେଳେ ଚଳିତବର୍ଷ ୧୦ହଜାର ସ୍ଥାନର ମାଟି ପରୀକ୍ଷା କାର୍ଯ୍ୟକ୍ରମ ରହିଛି।

## ଶୁଣିଲାନି ପ୍ରଶାସନ: ଗ୍ରାମବାସୀ କଲେ ରାସ୍ତା

କୋରେଇ, ୨୧ ଜୁଲାଇ (ହି.ସ.) - ଶୁଣିଲାନି ପ୍ରଶାସନ । ଫଳରେ ବାଧ୍ୟ ହୋଇ ଗ୍ରାମାବସୀ ନଜସ୍ୱ ଅର୍ଥରେ କଲେ ରାସ୍ତ ନିର୍ମାଣ । କୋରେଇ ବ୍ଲକ ଅନ୍ତଗତ ଗୋଳେଇପୁର ପଂଚାୟର ହାଟସାହି ଗ୍ରାମର ଗୋପାଳ ସାହି ରାସ୍ତା ପାଇଁ ଦୀର୍ଘ ୧୫ ବର୍ଷ ଧରି ଅଭିଯୋଗ କଲା ପରେ ବି ଶୁଣିଲେନି ରାଜନେତା କି ପ୍ରଶାସନ । ସମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମିବା ସହ କାଦୁଅ ହୁଏ । ୩୦ରୁ ଉର୍ଦ୍ଧ ପରିବାର ଏହାର ଶିକାର ହୁଅନ୍ତି । ସରପଂଚ ଠାରୁ ଆରମ୍ଭ କରି ସମସ୍ତ ରାଜନେତାଙ୍କ ପାଖରେ ଅଭିଯୋଗ ପରେ ମଧ୍ୟ କେହି କଲେନି କର୍ଣ୍ଣପାତ । ଫଳରେ ବାଧ୍ୟହୋଇ ଗମନାଗମନ ପାଇଁ ଗ୍ରାମାବସୀ ଓ ସ୍ୱେଚ୍ଛାସେବୀ ଅଂଟା ଭିଡିଲେ । ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚ କରି ରାସ୍ତା ନିର୍ମାଣ କରିଛନ୍ତି । ରମେଶ ଦାସ, ଅଶୋକ ଦାସ. ଆଲୋକ ଦାସ, ହରେକୃଷ୍ଣ ସାହୁ, ବିଦ୍ୟାଧର ଦାସ, ଗଦାଧର ଦାସ, ଗଣେଷ ମଲିକ, ବୁଲୁ ମଲିକ ପ୍ରମୁଖ ନିଜସ୍ୱ ଅର୍ଥରେ ରାସ୍ତା ନିର୍ମାଣ କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ସର୍ବଦା ଅବହେଳିତ ଓ ବିକାଶ ଠାରୁ ଦୂରରେ ଥିବା ଏକାମ୍ର କ୍ଷେତ୍ର ଏବେ ନୂଆ ବିଧାୟକ ଙ୍କ ନେତୃତ୍ୱରେ ବିକାଶ ପଥରେ ଅଗ୍ରସର ହେଉଛି। ନୂତନ ଭାବେ ନିର୍ବାଚିତ ବିଧାୟକ ବାବୁ ସିଂ ପ୍ରତିଦିନ ନିଜ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭିନ୍ନ ୱାର୍ଡ଼ ଓ ପଞ୍ଚାୟତ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି। ଆଜି ଏକାମ୍ର ରେ ନୂଆ ବିଧାୟକ ବିଭିନ୍ନ ସ୍ଥାନରେ ନୂତନ ପ୍ରକଳ୍ପ ର ଭିତ୍ତି ପ୍ରସ୍ତର ଦେବା ସମୟରେ ଏକ ରୋଚକ ପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳିଥିଲା।ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ ଫଳକରେ ନିଜ ନାମ ବଦଳରେ କେବଳ ଏକାମ୍ର ବିଧାୟକ ଲେଖି ଭିନ୍ନ ଉଦାହରଣ ସୃଷ୍ଟି କରିଥିଲେ ବିଧାୟକ ବାବୁ ସିଂ । ଏହା ତାଙ୍କର ସରଳତାର ନିଛକ ଚିତ୍ରଣ ବୋଲି ଲୋକେ କୁହା କୁହି ହେଉଥିଲେ।ଆଜି ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ ୬୭ ସୁନ୍ଦରପଦା କପିଳପ୍ରସାଦ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ସୁନ୍ଦରପଦା ହରିଆ ଛକ ଠାରୁ ଦୁର୍ଗା ମଣ୍ଡପ ଓ ପାଲା ମଣ୍ଡପ ଠାରୁ ଷଣ୍ଢ କ୍ଲବ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାର ଭିତ୍ତି ପ୍ରସ୍ତର କରାଯାଇଛି ।ସୁନ୍ଦରପଦା ପାଲା ମଣ୍ଡପ ଠାରୁ ଆର୍ପିତ ଆପାର୍ଟମେଂଟ ଭାୟା ଭୋଇ ସାହି ବିମଳା ମନ୍ଦିର ପର୍ଯ୍ୟନ୍ତ,ଗୋଲଖ ଚନ୍ଦ୍ର ପ୍ରଧାନ ଘର ଠାରୁ ସୂର୍ଯ୍ୟ ଟ୍ରେଡିଙ୍ଗ ପର୍ଯ୍ୟନ୍ତ କଂକ୍ରିଟ୍ ନାଳ ନିର୍ମାଣ ।ଏହା ସହ ଗୋଖିବାବା କମ୍ୟୁନିଟି ହଲ ,ଭଟ୍ଟ ସାହି କମ୍ୟୁନିଟି ହଲର ଉଦଘାଟନ କରାଯାଇଛି । ଏହା ସହ ଗୋଖିବାବା ମନ୍ଦିରରୁ ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ଫେବର ବ୍ଲକ ରାସ୍ତାର ଭିତ୍ତି ପ୍ରସ୍ତର କରାଯାଇଛି ।ଏସବୁ ପ୍ରକଳ୍ପର ମୂଲ୍ୟ ପ୍ରାୟ ଦେଢ କୋଟି ରୁ ଉର୍ଦ୍ଧ ହେବ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ,ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ। ଭୋଟର ଆମକୁ ଜନ ପ୍ରତିନିଧୀ ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଉଛୁ। ଏକାମ୍ର ବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ମୋର ପ୍ରାଥମିକ କର୍ତ୍ତବ୍ୟ ବୋଲି କହିଛନ୍ତି ଏକାମ୍ର ବିଧାୟକ ବାବୁସିଂ। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ,ୱାର୍ଡ ନମ୍ବର ୬୭ ର କର୍ପୋରେଟର ମଧୁସ୍ମିତା ପ୍ରଧାନ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, କର୍ପୋରେଟର ରାମ ଚନ୍ଦ୍ର ରଣସିଂହ, ବିଜେପି ଭୁବନେଶ୍ୱର ଉପ ସଭାପତି ଧିରେନ୍ ପାତ୍ର, ସୁନ୍ଦରପଦା କପିଳପ୍ରସାଦ ଗ୍ରାମର ମହେନ୍ଦ୍ର କୁମାର ନନ୍ଦ, ରାଜକିଶୋର ରାଉତରାୟ, ବିଜୟ ସ୍ୱାଇଁ, ବିଜୟ ସାହୁ, ମୁରଲୀ ମନୋହର ପାତ୍ର,ଜୟ କୃଷ୍ଣ ମାର୍ଥା, ରବୀନ୍ଦ୍ର କୁମାର ନାୟକ, ତପନ ରାଉତରାୟ, ସୁରେନ୍ଦ୍ର ଜେନା, ବିଶ୍ୱଜିତ୍ ଦାସ ଙ୍କ ସହ ଗ୍ରାମର ସମସ୍ତ ମୂରବୀ ଉପସ୍ଥିତ ଥିଲେ।

## ୧୪୬ ବର୍ଷ ପରେ ବି ପରିଚୟ ପାଇଁ ସଂଘର୍ଷ: ଶିକ୍ଷା ବିଭାଗର ସାବତ ପୁଅ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର, ୨୨/୦୭ (ନି.ପ୍ର): ୧୪୬ ବର୍ଷର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏବେ ନିଜ ପରିଚୟ ଖୋଜୁଛି। ଏହାକୁ ରାଜ୍ୟ ସରକାର ଏକକ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲେ ମଧ ଆଜି ପର୍ଯ୍ୟନ୍ତ ୟୁଜିସି ତାଲିକାଭୁକ୍ତ ହୋଇପାରିନାହିଁ। ୧୮୭୮ ମସିହାରେ ବ୍ରହ୍ମପୁର ସହରରେ ଖଲ୍ଲିକୋଟ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପର୍ଯ୍ୟାୟ କ୍ରମେ ଏହା ସ୍ୱୟଂଶାସିତ, ରାଜ୍ୟର ପ୍ରଥମ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ଗବେଷଣା ବିଶ୍ୱବିଦ୍ୟାଳୟକୁ ରୂପାନ୍ତରୀକରଣ ହୋଇଥିଲା। ଶେଷରେ ୨୦୨୧ ଅଗଷ୍ଟ ୧ରେ ଏହା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏଠାରେ କର୍ମଚାରୀ ଓ ଭିତ୍ତିଭୂମି ସମସ୍ୟା ଲାଗିରହିଛି। ଭିତ୍ତିଭୂମି ଅଭାବରୁ ଶିକ୍ଷାନୁଷ୍ଠାନର କିଛି ବିଭାଗକୁ ଅସ୍ଥାୟୀ କ୍ୟାମ୍ପସ ସହର ଉପକଣ୍ଠ କନିଷି ଠାରେ ଖୋଲାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଅସ୍ଥାୟୀ କ୍ୟାମ୍ପସରେ ଥିବା ବିଭିନ୍ନ ବିଭାଗକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ମିଶାଇ ଦିଆଯାଇଥିଲା। ୟୁଜିସି ନିୟମ ଅନୁଯାୟୀ ଗୋଟିଏ ନୂତନ ବିଶ୍ୱବିଦ୍ୟାଳୟ ଗଠନ ହେଉ କିମ୍ବା ଦୁଇଟି ବିଶ୍ୱବିଦ୍ୟାଳୟର ମିଶ୍ରଣ ହେଉ ଉଭୟ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଏହାକୁ ରାଜ୍ୟ ବିଧାନସଭାରେ ପାରିତ କରି ୟୁଜିସିକୁ ଚିଠି ପ୍ରଦାନ କରଯିବା କଥା। ତେବେ ଆଜି ପର୍ଯ୍ୟନ୍ତ ବିଧାନସଭାରେ ଏହି ପ୍ରସଙ୍ଗକୁ ନେଇ ପ୍ରସ୍ତାବ ପାରିତ ହୋଇ ନାହିଁ। ମାନ୍ୟତା ମାପଦଣ୍ଡ ପୂରଣ କରିନଥିବାରୁ ବିଶ୍ୱବିଦ୍ୟାଳୟକୁ ୟୁଜିସିର ୨-ଏଫ୍ ମାନ୍ୟତା ମିଳିନାହିଁ। ତେଣୁ ଶିକ୍ଷାନୁଷ୍ଠାନକୁ ୟୁଜିସି ସମ୍ବନ୍ଧୀୟ ସ୍ୱତନ୍ତ୍ର ପାଣ୍ଠି ମିଳୁନି କି ୧୨-ଏଫ୍ ମାନ୍ୟତାରେ ସାମିଲ ହୋଇପାରୁନି। ଏହି ବାଦବିବାଦ ମଧ୍ୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ମଧ ହ୍ରାସ ପାଇଛି। ୟୁଜିସି ମାନ୍ୟତା ନଥିବାରୁ ବିଦ୍ୟାର୍ଥୀଙ୍କୁ ମିଳୁଥିବା ଶିକ୍ଷା ପ୍ରମାଣପତ୍ର ଅନ୍ୟ ରାଜ୍ୟରେ କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହୋଇଛି। ଏହି ସମ୍ୟାକୁ ନେଇ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ମଧ ଆୟୋଜିତ ହୋଇପାରୁନାହିଁ। ଏକକ ବିଶ୍ୱବିଦ୍ୟାଳୟ ଘୋଷଣାକୁ ୩ ବର୍ଷ ବିତିଥିଲେ ମଧ ସ୍ଥାୟୀ କୁଳପତି ନିଯୁକ୍ତି ହୋଇପାରିନାହାନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଗୀତାଞ୍ଜଳି ଦାଶ ଏହାର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ବିଶ୍ୱବିଦ୍ୟାଳୟ ଘୋଷଣା କେବଳ ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ସୀମିତ ରହିଛି। ନୂଆ ସରକାର ଏହାକୁ ବିଧାନସଭାରେ ପାରିତ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ଅନୁରୋଧ କରାଯାଇଥିବା କୁଳପତି ଗୀତାଞ୍ଜଳି ଦାଶ କହିଛନ୍ତି। ଏବେ ଏହି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତରରେ ୧୮ଟି ନିୟମିତ, ୪ଟି ସେଲ୍‌ଫ ଫାଇନାନ୍ସିଂ ଓ ସ୍ନାତକରେ ୧୭ଟି ପାଠ୍ୟକ୍ରମରେ ଶିକ୍ଷାଦାନ ଚାଲିଛି। ନୂତନ ଶିକ୍ଷାବର୍ଷ ଆରମ୍ଭରୁ ୧୧୨ଟି ଶିକ୍ଷକ ଓ ୧୯ଟି ଅଣଶିକ୍ଷକ ପଦ ଖାଲି ପଡ଼ିଛି। ପ୍ରାଧ୍ୟାପକ ଅଭାବରୁ ଜୁନ୍ ୧୮ରୁ ଶିକ୍ଷାନୁଷ୍ଠାନ ଖୋଲିଥିଲେ ମଧ ପାଠପଢ଼ା ସ୍ୱାଭାବିକ ହୋଇପାରିନାହିଁ। ଗଣିତ, ଅର୍ଥନୀତି, ଦର୍ଶନଶାସ୍ତ୍ର ଓ ହିନ୍ଦୀ ବିଭାଗରେ ଏଠାରେ ଜଣେ ବି ପ୍ରାଧ୍ୟାପକ ନାହାନ୍ତି। ଗତବର୍ଷ ନିଯୁକ୍ତି ପାଇଥିବା ୫୨ଜଣ ଅତିଥି ଅଧ୍ୟାପକଙ୍କ କାର୍ଯ୍ୟକାଳ ଏପ୍ରିଲରେ ସରିଲା ପରେ ଆଉ ସେମାନଙ୍କ ନବୀକରଣ କରାଯାଇନାହିଁ। ସମସ୍ୟା ସଂପର୍କରେ ଉଚ୍ଚଶିକ୍ଷା ବିଭାଗ ଓ ଏଆଇୟୁର ଦୃଷ୍ଟି ଆକର୍ଷଣ ପରେ ଜୁଲାଇ ଦ୍ୱିତୀୟ ସପ୍ତାହ ମଧ୍ୟରେ ପ୍ରାଧ୍ୟାପକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି କୁଳପତି କହିଛନ୍ତି।

## ଥାଇଲାଣ୍ଡରେ ଫସିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଦାବି

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ରାଜନଗର ଓ ରାଜକନିକା ବ୍ଲକର ୭ ଜଣ ଯୁବକ କାମ କରିବାକୁ ଯାଇ ଥାଇଲାଣ୍ଡର ଅଙ୍ଗଠଙ୍ଗ ଠାରେ ଫସି ରହିଥିବାରୁ ଏମାନଙ୍କୁ ଉଦ୍ଧାର କରି ଆଣିବା ପାଇଁ ମହମ୍ମଦ ଅମୀର ଦାବି ଜଣାଇଛନ୍ତି । ସୋମବାର ଅମୀର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଙ୍କୁ ଦାବିପତ୍ର ଦେବା ସହ ସେମାନଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ସେମାନଙ୍କୁ ଚାକିରୀ ଦେବାକୁ ନେଇ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଶ୍ରମିକ ମାନେ ହେଲେ ଅମୀୟ ନାୟକ, ସଂଜୟ ପଲାଇ, ଅଶୋକ ନାୟକ, ଜଗନ୍ନାଥ ରାଉତ ଟୁରିଷ୍ଟ ଭିସାରେ ଥାଇଲାଣ୍ଡ ର ସାନଭିଂ ୟୁନିଭର କମ୍ପାନୀକୁ ଗତ ଛଅ ମାସ ତଳେ ଯାଇଥିଲେ । ଟୁରିଷ୍ଟ ଭିସାର ଅବଧି ୩ ମାସ ଥିବାବେଳେ ସେମାନେ ସେଠାରେ ଫସି ରହିଛନ୍ତି । ତୁରନ୍ତ ସେମାନଙ୍କୁ ଉଦ୍ଧାର ପାଇଁ ଦାବି କରାଯାଇଛି ।

# ଘରେ ତିଆରି କରନ୍ତୁ ପିଆଜ କେଶ ତେଲ: ଚୁଟିକୁ କରେ ଲମ୍ବା, ମୋଟା ଏବଂ ମଜବୁତ୍

ଭାରତୀୟ ବଜାରରେ ପିଆଜ କେଶ ତେଲ ବହୁତ ଲୋକପ୍ରିୟ ହେବାରେ ଲାଗିଛି। ଏଥିରେ ଥିବା ସଲଫର ଯୋଗୁଁ ଏହା ଚୁଟିକୁ ଲମ୍ବା, ମୋଟା ଏବଂ ମଜବୁତ୍ କରିବାରେ ସାହାଯ୍ୟ କରୁଛି। ଜାଣନ୍ତୁ ଘରେ କିପରି ପ୍ରାକୃତିକ ଉପାୟରେ ତିଆରି କରିବେ ପିଆଜ କେଶ ତେଲ।

ବର୍ତ୍ତମାନ କିଛି ଦିନ ହେବ ଭାରତୀୟ ବଜାରରେ ପିଆଜ କେଶ ତେଲ ବହୁତ ଲୋକପ୍ରିୟ ହେବାରେ ଲାଗିଛି। ଏଥିରେ ଥିବା ସଲଫର ଯୋଗୁଁ ଏହା ଚୁଟିକୁ ଲମ୍ବା, ମୋଟା ଏବଂ ମଜବୁତ୍ କରିବାରେ ସାହାଯ୍ୟ କରୁଛି। ଏହା ମଧ୍ୟ ଖପୁରୀରେ ରକ୍ତ ପ୍ରବାହକୁ ଉନ୍ନତ କରିଥାଏ, ଯାହା ଫଳରେ ଚୁଟିର ମୂଳକୁ ଦୃଢ କରିଥାଏ।

ତେବେ ବଜାରରେ ମିଳୁଥିବା ଏହି ପିଆଜ କେଶ ତେଲର ଦାମ୍ ମଧ ଅଧିକ। ଫଳରେ ଏହାକୁ ସମସ୍ତେ କିଣି ବ୍ୟବହାର କରିବା ମଧ ସହଜ ନୁହେଁ। ଅନ୍ୟଏକ ଦିଗ ଦେଖିଲେ, ସାଧାରଣତଃ ବଜାରରେ ମିଳୁଥିବା ସବୁ ଦ୍ରବ୍ୟରେ କେମିକାଲର ମିଶ୍ରଣ ହୋଇଥାଏ, ଯାହା ଶରୀର ପାଇଁ ପରେ କ୍ଷତି ମଧ କରିଥାଏ।

ଏପରି ପରିସ୍ଥିତିରେ ଆପଣ ଯଦି ଘରେ ଏହି ତେଲକୁ ପ୍ରସ୍ତୁତ କରି ବ୍ୟବହାର କରିପାରିବେ ତେବେ ଏହା ବହୁତ ଭଲ ହେବ। ତେଣୁ, ଆମେ ଆପଣଙ୍କୁ ଏମିତି କିଛି ସହଜ ଉପାୟ କହିବୁ ଯାହା ଦ୍ୱାରା



ଆପଣ ଘରେ ବସି ପିଆଜ କେଶ ତେଲ ପ୍ରସ୍ତୁତ କରିପାରିବେ।
ପିଆଜ କେଶ ତେଲ ଚୁଟିକୁ କରେ ଲମ୍ବା, ମୋଟା ଏବଂ ମଜବୁତ୍

<u>ଆବଶ୍ୟକ ଜିନିଷ:</u>
ସର୍ବପ୍ରଥମେ ଆପଣଙ୍କୁ ୩ ରୁ ୪ ବଡ ପିଆଜ ନେବାକୁ ପଡିବ।
ଏହା ପରେ ଆପଣଙ୍କୁ ନିଜ ପସନ୍ଦ ଅନୁଯାୟୀ ୧ କପ୍ ନଡିଆ, ଅଲିଭ୍ କିମ୍ବା ଅନ୍ୟ କୌଣସି ତେଲ ନେବାକୁ ପଡିବ।
ଯଦି ଆପଣ ଚାହାଁନ୍ତି, ଆପଣ ଏଥିରେ ରୋଜମେରି, ଲାଭେଣ୍ଡର କିମ୍ବା ଅନ୍ୟ କୌଣସି ତେଲ ମଧ ମିଶାଇ ପାରିବେ।

<u>*ପ୍ରସ୍ତୁତ ପ୍ରଣାଳି:*</u>
ପିଆଜର ଉପର ଚୋପାକୁ ଭଲଭାବେ ଛଡେଇ ଦିଅନ୍ତୁ
ଏହା ପରେ ପିଆଜକୁ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ ଏହା ପରେ ଏହାକୁ ଭଲ ଭାବେ ଗ୍ରାଇଣ୍ଡ୍ କରି ଏକ ଚିକ୍କଣ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ।
ଏହା ପରେ, ଏକ ପତଳା କପଡାରେ ଏହି ପିଆଜ ପେଷ୍ଟ୍‌କୁ ଛାଣନ୍ତୁ। ଏହି ରସକୁ ସଂପୂର୍ଣ୍ଣ ରୂପେ ବାହାରକୁ ଯିବାକୁ ଚେଷ୍ଟା କରନ୍ତୁ।
ଏହା ପରେ ଗ୍ୟାସ୍‌ରେ କଡେଇ ବସାନ୍ତୁ ଏବଂ ନଡ଼ିଆ, ଅଲିଭ୍ କିମ୍ବା ଅନ୍ୟ କୌଣସି ତେଲ ପକାଇ ହାଲୁକା ଗରମ କରନ୍ତୁ।
ତେଲ ଗରମ ହେବା ପରେ ଏଥିରେ ପିଆଜ ରସକୁ ପକାନ୍ତୁ।
ଏହାକୁ ୧୫ ରୁ ୨୦ମିନିଟ୍ ପର୍ଯ୍ୟନ୍ତ କମ୍ ନିଆଁରେ ଗରମ କରନ୍ତୁ। ଏହାକୁ ଧିରେ ଧିରେ ଘାଣ୍ଟନ୍ତୁ, ଯେପରି ଏହା ପୋଡି ନ ଯାଏ।
ବର୍ତ୍ତମାନ ଏହାକୁ ଥଣ୍ଡା ହେବାକୁ କିଛି ସମୟ ଛାଡିଦିଅନ୍ତୁ
ବର୍ତ୍ତମାନ ଏହାକୁ ଭଲ ଭାବେ ଛାଣିଦିଅନ୍ତୁ ଯେପରି କୌଣସି ଟୁକୁଡା ଅଂଶ ନ ରୁହେ।

<u>*ବାସ୍ନା ପାଇଁ:*</u>
ବର୍ତ୍ତମାନ ଏଥିରେ ଅତ୍ୟାବଶ୍ୟକ ତେଲ ମିଶାନ୍ତୁ।
ଉତ୍ତମ ସୁଗନ୍ଧ ପାଇଁ ଆପଣ ଏଥିରେ ଅଳ୍ପ କିଛି ଏସେନ୍‌ସିଆଲ୍ ତେଲ ମିଶାଇ ପାରିବେ।
ବର୍ତ୍ତମାନ ପିଆଜ ତେଲ ଏବଂ ଏହି ଏସେନ୍‌ସିଆଲ୍ ତେଲକୁ ଭଲ ଭାବରେ ମିଶାନ୍ତୁ।
ଏହା ପରେ ଏହି ତେଲକୁ ଏକ ସଫା ପାତ୍ର କିମ୍ବା ବୋତଲରେ ରଖନ୍ତୁ।

## ଶୁଖିଲା କାଶ ପାଇଁ





ଉଷୁମ ପାଣିରେ ଅଳ୍ପ ଲୁଣ ପକାଇ ଗାର୍ଗିଲିଂ କରନ୍ତୁ।
କାଶ ପାଇଁ ମହୁ ଉତ୍ତମ ମହୋଷଧି। ଏହାକୁ ଗରମ ପାଣି କିମ୍ବା କ୍ଷୀରରେ ମିଶାଇ ସେବନ କରନ୍ତୁ। ତେବେ ଦୁଇବର୍ଷ ତଳର ଶିଶୁଙ୍କୁ ଏହା ଦେବା ଅନୁଚିତ।
ଅଦାକୁ ଜଳରେ ଜାକି ଟିକେ ଟିକେ ଚୋବେଇଲେ ଏହା ଗଳାରେ ହେଉଥିବା ଖସ୍ ଖସ୍ ଦୂରକରିବ।
ଅଦାକୁ ଛେଚି ଗରମ ପାଣିରେ ପକାଇ ଫୁଟାନ୍ତୁ। ଏହା ଥଣ୍ଡା ହେବାପରେ ଦିନରେ ଥରଟିଏ ସେବନ କରନ୍ତୁ।

## ବେଙ୍ଗୁଲିରାଣୀର ବିଷଧର ଚେହେରା



ଏପରି ଅନେକ ଜୀବଜନ୍ତୁ ଆମ ଜୀବଜଗତରେ ବାସ କରନ୍ତି ଯେଉଁମାନେ ଆକାରରେ ଛୋଟ ହେଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବିଷାକ୍ତ। ବିଷଧର ବଡ଼ ଜନ୍ତୁମାନଙ୍କର ବିଷ ମଧ୍ୟ ଏମାନଙ୍କ ଶରୀରରେ କୌଣସି ପ୍ରଭାବ ପକାଇ ନଥାଏ। ବର୍ଷାଦିନେ ରଙ୍ଗବେରଙ୍ଗର ଏକ ସେଂଟିମିଟରରୁ ବି ଛୋଟ ଆକର୍ଷଣୀୟ ବେଙ୍ଗ ଦେଖିବାକୁ ମିଳେ। ହେଲେ ଏହି ବେଙ୍ଗଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର ତାଠାରୁ ଏମାନେ ଅଧିକ ବିଷାକ୍ତ ମଧ୍ୟ ହୋଇଥାନ୍ତି। ଏମାନଙ୍କ ଚର୍ମରୁର ସବୁବେଳେ ଏକ ପ୍ରକାର ଲାଳ ନିଗିଡ଼ିଥାଏ। ଏଥିରେ ୨୦୦ ଗୁଣା ଟକସିନ ଭରି ରହିଥାଏ। ଏହି ବିଷାକ୍ତ ଲାଳ ଥରେ କାହା ଦେହରେଲାଗିଲେ ୧ଘଂଟା ମଧ୍ୟରେ ମୃତ୍ୟୁ ହେବାର ସମ୍ଭାବନା ରହିଥାଏ।

## କଣ ସୁନା ଦାନ୍ତ ପ୍ରକୃତରେ ସମ୍ପୂର୍ଣ୍ଣ ସୁନା ? ଏହାର ମୂଲ୍ୟ କେତେ ? ଜାଣନ୍ତୁ ପୂରା ତଥ୍ୟ...

**ଅନେକ ଲୋକ କଥା କଥାରେ କହିଥାନ୍ତି ଦାନ୍ତ ଭାଙ୍ଗିଲେ ସୁନା ଦାନ୍ତ ଲଗାଇବା।କଣ ସତରେ ଏତେ ସହଜ ସୁନା ଦାନ୍ତ ଲଗାଇବା। କଣ ଏହି ସୁନା ଦାନ୍ତ ପ୍ରକୃତରେ ସମ୍ପୂର୍ଣ୍ଣ ସୁନାର ହୋଇଥାଏ ? ଏହାର ଦାମ୍ କେତେ ? ଆସନ୍ତୁ ଜାଣିବା...**



ସୁନା ଦାନ୍ତରେ ସୁନା ସହ ଅନେକ ଅଲଗା ଅଲଗା ଧାତୁ ବ୍ୟବହାର କରାଯାଏ। ସୁନା ଦାନ୍ତରେ ୫୦ ପ୍ରତିଶତରୁ କମ୍ ସୁନା ବ୍ୟବହାର କରାଯାଏ । ଅନେକ ସମୟରେ ୨୫ ପ୍ରତିଶତରୁ କମ୍ ସୁନାର ବ୍ୟବହାର ମଧ କରାଯାଏ। ଏହା ମଧ ଅନେକ ପ୍ରକାରର ଅଛି। ବିଶେଷଜ୍ଞଙ୍କ ଅନୁସାରେ ଶୁଦ୍ଧ ସୁନା ଅନ୍ୟ ଧାତୁ ତୁଳନାରେ ଅଧିକ ନରମ ହୋଇଥାଏ। ତେଣୁ ଦାନ୍ତ ଭାବେ ବ୍ୟବହାର କରାଯାଇପାରିନଥାଏ । ସୁନା ରାସାୟନିକ ଭାବରେ ନିଷ୍କ୍ରିୟ ହୋଇଥାଏ । ଅନ୍ୟ ଧାତୁ ପରି ସୁନା ଅକ୍ସିଡାଇଜ୍ ହୁଏ ନାହିଁ । ତେଣୁ ଏହାକୁ ବ୍ୟବହାର କରିବା ପାଟି ପାଇଁ ଭଲ ହୋଇଥାଏ। ସୁନା ଦାନ୍ତ ସହଜରେ ଭାଙ୍ଗେନି । ଏହା ବହୁତ ଶକ୍ତ ହୋଇଥାଏ । ନିୟମିତ ବ୍ୟବହାର କଲେ ମଧ ଏହା ୫୦ ବର୍ଷରୁ ଅଧିକ ଦିନ ଯାଏଁ ଭଲ ରହିଥାଏ । ତେବେ ସୁନା ଦାନ୍ତର ମୂଲ୍ୟ ମଧ ସୁନା ମୂଲ୍ୟ ଅନୁଯାୟୀ ବଦଳିଥାଏ । ଏକ ରିପୋର୍ଟ ଅନୁଯାୟୀ, ସୁନା ଦାନ୍ତର ମୂଲ୍ୟ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

## ଟିକେ ଟିକେ କଥାରେ ରାଗୁଛନ୍ତି କି ? ଶରୀରରେ ହୋଇଥାଇପାରେ ଏହାର ଅଭାବ...



ହସିବା, କାନ୍ଦିବା କି ରାଗିବା ଏହା ଆମ ଭାବନା ଉପରେ ନିର୍ଭର କରେ । ପରିସ୍ଥିତି ଅନୁଯାୟୀ ଏହା ବଦଳେ । କିନ୍ତୁ ଏହା ପଛରେ ମଧ ରହିଥାଏ ହରମୋନାଲ କାରଣ । କୌଣସି କଥା ଖରାପ ଲାଗିବା ପରେ ରାଗିବା ସ୍ୱାଭବିକ । କିନ୍ତୁ ଯଦି ବାରମ୍ବାର ରାଗ ଆସୁଛି ତେବେ ଆପଣଙ୍କ ଶରୀର ମଧରେ କିଛି ଅଭାବ ରହିଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ରହିଥାଏ ସେରୋଟୋନିନ୍ ନାମକ ଏକ ହରମୋନ୍ । ଯାହା ମସ୍ତିଷ୍କକୁ ଶାନ୍ତ ରଖି ଖୁସି ଅନୁଭବ କରାଇଥାଏ । କିନ୍ତୁ ଶରୀରରେ ଏହାର ଅଭାବ ଯୋଗୁଁ ଦେଖାଯାଏ ଖରାପ ମୁଡ୍ର ସମସ୍ୟା । ଶରୀରରେ ସେରୋଟୋନିନ୍ ବୃଦ୍ଧି କରିବାକୁ, ଦୈନିକ ବ୍ୟାୟାମ, ମେଡିଟେସନ୍ ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହାବ୍ୟତୀତ ଲାଇଟ୍ ଗୀତ ଶୁଣନ୍ତୁ, କିଛି ଥଟ୍ଟାମଜା କରନ୍ତୁ, ନିଜ ପସନ୍ଦର କାମ କରନ୍ତୁ । ରାଗ କାରଣରୁ ମାନସିକ ସହ ଶାରୀରିକ ସ୍ୱାସ୍ଥ୍ୟ ମଧ ପ୍ରଭାବିତ ହୁଏ । ଏଥିଯୋଗୁଁ ଷ୍ଟ୍ରେସ୍ ବଢିଥାଏ । ଆଉ ନିଦ ହେବାରେ ଦେଖାଦେଇଥାଏ ସମସ୍ୟା । ସେରୋଟୋନିନ୍ ବ୍ୟତୀତ, ଅକ୍ସିଟୋସିନ୍, ଏଣ୍ଡୋରଫିନ୍ ହରମୋନ୍ ମଧ ଖୁସିରେ ରହିବାରେ କରିଥାନ୍ତି ସାହାଯ୍ୟ ।

# ବର୍ଷାଦିନ ଆସିଛି, ସାପ ଭୟ ରହିଛି; ଲଗାନ୍ତୁ ଏହି ୫ ଗଛ, ଘରେ ପଶିବେନି ସାପ

ବର୍ଷା ଦିନେ ସାପ ଭୟ ବଢିଯାଏ। ଗାତରେ ପାଣି ପଶିଯିବାରୁ ସେମାନେ ବାହାରକୁ ଉଠିଆସନ୍ତି ଆଉ ଘର ଆଡକୁ ମଧ ପଶିଯାଆନ୍ତି। କିନ୍ତୁ ଏମିତି କିଛି ଗଛ ଅଛି ଜାହାକୁ ଘର ଆଗରେ ରଖିଲେ ସାପମାନେ ପଶିବେ ନାହିଁ। ଆସନ୍ତୁ ସେହି ଗଛଗୁଡିକ କ'ଣ ଜାଣିବା।

ବର୍ଷା ଋତୁ ଗରମରୁ ମୁକ୍ତି ଦେଇଥାଏ ସତ କିନ୍ତୁ ଏହା ସହିତ ଅନେକ ରୋଗ ମଧ ଆଣିଥାଏ। ଏହା ବ୍ୟତୀତ ଏହି ଋତୁରେ ବିଭିନ୍ନ ପ୍ରକାରର ପ୍ରାଣୀ ଏବଂ ବିପଜ୍ଜନକ ସାପ ମଧ ଘର ଭିତରକୁ ପ୍ରବେଶ କରିବାର ଆଶଙ୍କା ବଢିଯାଏ। ଏପରି ପରିସ୍ଥିତିରେ, ଯେଉଁମାନଙ୍କର ଘର ପ୍ରଥମ ମହଲା କିମ୍ବା ତଳ ମହଲାରେ ଥାଏ ସେମାନେ ଅଧିକ ସତର୍କ ହେବା ଉଚିତ।

ଏହା ବ୍ୟତୀତ ଯେଉଁମାନଙ୍କର ଘରର ଆଖପାଖରେ ନଦୀ, ଡ୍ରେନ୍, ପୋଖରୀ, ପାର୍କ ଆଦି ଅଛି ସେମାନେ ମଧ ସାପ ପ୍ରତି ସତର୍କ ରହିବା ଉଚିତ। ବିଲରେ ପଣି ହେଇଯିବା ଫଳରେ ଗାତରେ ଥିବା ସାପମାନେ ଘରକୁ ପଶିଆସିପାରନ୍ତି। ସାଧାରଣତଃ ପ୍ରାୟ ସମସ୍ତଙ୍କର ସାପ ଭୟ ଥାଏ ଆଉ ବିଷାକ୍ତ ସାପ ମଧ ଜୀବନ ପ୍ରତି ବିପଦ ଆଣିଥାନ୍ତି।

ତେବେ ଆପଣ ଜାଣନ୍ତି କି ସାପକୁ ଘରୁ ଦୂରରେ ରଖିବାରେ କିଛି ଉଦ୍ଭିଦର ସହଯୋଗ ନିଆଯାଇପାରେ। ଏମିତି ଅନେକ ଉଦ୍ଭିଦ ଅଛି ଯାହାର ଗନ୍ଧ ସାପକୁ ଘଉଡେଇବାରେ ସାହାଯ୍ୟ କରେ। ଏହିସବୁ ଗଡ ଘର ପାଖରେ ରହିଲେ ସାପମାନେ ଆସନ୍ତି ନାହିଁ। ତେବେ ଆସନ୍ତୁ ସେସବୁ ଗଛଗୁଡିକ ବିଷୟରେ ଜାଣିନେବା।







<u>*କୀଟନାଶକ ଉଦ୍ଭିଦ –*</u> କୀଟନାଶକ ଏମିତି ଏକ ଉଦ୍ଭିଦ ଯାହାର ଗନ୍ଧ ଅତ୍ୟନ୍ତ କଟୁ। ଏହି ଗନ୍ଧ ସାପ ସହ୍ୟ କରିପାରେ ନାହିଁ। ଯଦି ଆପଣ ଚାହୁଁଛନ୍ତି ଯେ ଆପଣଙ୍କ ପରିବାର ସଦସ୍ୟ ଏହି ବିପଜ୍ଜନକ ଜୀବରୁ ସୁରକ୍ଷିତ ରୁହନ୍ତୁ, ତେବେ ଆଜି ଆପଣଙ୍କ ବଗିଚା, ଅଗଣା, ବାଲକୋନି କିମ୍ବା ଆପଣଙ୍କ ଘରର ମୁଖ୍ୟ ପ୍ରବେଶ ପଥରେ ଗୋଟିଏ ଏହି ଗଛ ଲଗାନ୍ତୁ। ଆପଣ ଏହି କୀଟନାଶକ ଉଦ୍ଭିଦକୁ ନର୍ସରୀରୁ କିଣିପାରିବେ।

<u>*ନିମ ଗଛ –*</u> ନିମ ସ୍ୱାଦରେ ବହୁତ ପିତା। ସାପମାନେ ମଧ ନିମ ଗଛ ନିକଟରେ ରହିବାକୁ ପସନ୍ଦ କରନ୍ତି ନାହିଁ। କାରଣ ସାପମାନେ ଏଥିରୁ ବାହାରୁଥିବା ଗନ୍ଧକୁ ସହ୍ୟ କରିପାରନ୍ତି ନାହିଁ ଏବଂ ସେମାନେ ଏହି ଉଦ୍ଭିଦଠାରୁ ଦୂରରେ ରହିବାକୁ ପସନ୍ଦ କରନ୍ତି। ଯଦି ଆପଣଙ୍କ ଅଗଣାରେ କିମ୍ବା ଆପଣଙ୍କ ଘର ବାହାରେ ଏକ ନିମ ଗଛ ଅଛି, ତେବେ ଭାବନ୍ତୁ ଆପଣ ସାପଠାରୁ ସୁରକ୍ଷିତ ଅଛନ୍ତି। ଯଦି ନାହିଁ, ତେବେ ଘର ପାଖରେ ଏକ ନିମ ଗଛ ଆଣି ଲଗାଇବା ଜରୁରୀ।

ଏହ ବ୍ୟତୀତ ଯଦି ଆପଣ ନିମ ତେଲ କିମ୍ବା ନିମପତ୍ରର ରସକୁ ଏକ ସ୍ପ୍ରେ ବୋତଲରେ ପାଣିରେ ମିଶାଇ ସ୍ପ୍ରେ କରନ୍ତି ତେବେ ଏହା ମଧ ଲାଭଦାୟକ ହେବ। ଏହା ମଧ ମଶା ଏବଂ ମାଛିକୁ ଦୂରେଇ ରଖେ। ଯଦି ଆପଣ ଚାହାଁନ୍ତି, ବର୍ଷା ସମୟରେ ଆପଣ ଘରର ଦ୍ୱାର, ଝରକା, କବାଟ, କୋଠରୀ ଇତ୍ୟାଦିରେ ନିମ ପତ୍ର ରଖିପାରିବେ।





<u>*ଗେଣ୍ଡୁ ଗଛ –*</u> ଅନେକ ଲୋକ ନିଜ ବଗିଚା, ଛାତ, ବାଲ୍‌କୋନୀରେ ହଳଦିଆ ଗେଣ୍ଡୁ ଫୁଲ ଗଛ ଲଗାନ୍ତି। ଯଦି ଆପଣ ମଧ ନିଜ ଘରେ ଏହି ଗଛ ଲଗାଇଛନ୍ତି ତେବେ ଆପଣ ମଧ ସାପଠାରୁ ସୁରକ୍ଷିତ। ଏହି ଫୁଲ ଦେଖିବା ପାଇଁ ବହୁତ ସୁନ୍ଦର, କିନ୍ତୁ ଏହାର କଟୁ ବାସ୍ନାକୁ ସାପମାନେ ପସନ୍ଦ କରନ୍ତି ନାହିଁ। ଏହା ସାପମାନଙ୍କୁ ଘରୁ ଦୂରେରେ ରଖେ।

<u>*କାକ୍‌ଟସ୍ –*</u> କାକ୍‌ଟସ୍ ଏକ କଣ୍ଟାଜାତୀୟ ଉଦ୍ଭିଦ। ସାପମାନେ ଏପରି ଉଦ୍ଭିଦ ନିକଟରେ ଭ୍ରମଣ କରିବାକୁ ପସନ୍ଦ କରନ୍ତି ନାହିଁ। ଝରକା, ମୁଖ୍ୟ ଫାଟକ, ଘରର ବାଲକୋନି ପରି ସ୍ଥାନରେ ଆପଣ ଏହାକୁ ରଖିପାରିବେ।

<u>*ଡେଭିଲ୍ ପେପର୍ –*</u> ଡେଭିଲ୍ ପେପରକୁ ଇଣ୍ଡିଆନ୍ ସ୍ନେକରୁଟ୍ ମଧ କୁହାଯାଏ। ଏହା ଏକ ପ୍ରକାର ଔଷଧିୟ ଗଛ ଯାହା ସାପମାନଙ୍କୁ ଘଉଡାଇବା ପାଇଁ ଏକ ପ୍ରାକୃତିକ ସାପ ପ୍ରତିରୋଧକ ଭାବରେ ବ୍ୟବହୃତ ହୁଏ। ଏହି ଗଛର ମୂଳରୁ ଏକ ଅଦ୍ଭୁତ ଗନ୍ଧ ବାହାରିଥାଏ, ଯେଉଁ କାରଣରୁ ସାପମାନେ ପଳାୟନ କରନ୍ତି।

## ଗ୍ୟାସର ଉପଚାର



- ଗୁଣ୍ଡ ଅଦା ପାଣିରେ ଫୁଟାଇ ଅଦା ଚା ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଉକ୍ତ ଅଦା ଚା' ଦିନକୁ ୨ରୁ ୩ଥର ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ। ତାହା ସହିତ ଅନ୍ୟ କିଛି ତେଲ ସହିତ ଦୁଇ ତିନିଟୋପା ଅଦାତେଲ ମିଶାଇ ତାହାକୁ ବାହାରପଟେ ପାକସ୍ଥଳୀରେ ମାଲିସ କରାଯାଇପାରିବ।
- ଖାଇବା ସୋଡ଼ା ଗ୍ୟାସରୁ ତୁରନ୍ତ ଆରାମ ଦେଇଥାଏ। ଏକ ଗ୍ଲାସ ପାଣିରେ ଚାମଚରୁ ଚାରିଭାଗରୁ ଏକ ଭାଗ ଖାଇବା ସୋଡ଼ା ମିଶାଇ ପିଇଲେ ଗ୍ୟାସ ଦୂରହେବ। ଚିମୁଟାଏ ଖାଇବା ସୋଡ଼ାକୁ ଏକ ଗ୍ଲାସରେ ଲେମ୍ବୁରସ ସହିତ ମିଶାଇ ସେଥିରେ ପାଣି ମିଶାନ୍ତୁ। ଏହା ମଧ୍ୟ ଆଣ୍ଟାସିଡ଼ ଭଳି କାମ କରିବ।
- ଅପଲ ସାଇଡ଼ର ଭିନେଗାରୁ ୨ ଚାମଚ ଏକ ଗ୍ଲାସ ଉଷୁମ ପାଣିରେ ମିଶାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ଏହା ପିଇଲେ ଗ୍ୟାସ ସମସ୍ୟା ଦୂରହେବ।
- କିଛି ଡାଲଚିନିକୁ ପାଣିରେ ସିଝାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ତାହା ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବର୍ଜ୍ୟବସ୍ତୁର ପୁନଃଚକ୍ରଣ...

ଆଧୁନିକ ଯୁଗରେ ଇଲେକ୍‌ଟ୍ରୋନିକ୍ସ ଉପକରଣ ବିନା ଜୀବନର ପରିକଳ୍ପନା ସହଜ ନୁହେଁ। ଏଗୁଡ଼ିକର ବ୍ୟବହାର ଆମ ଘରେ, କାର୍ଯ୍ୟାଳୟରେ ଓ ଦୋକାନବଜାରରେ ଦିନକୁ ଦିନ ଯେତେ ବଢ଼ି ଚାଲିଛି, ସେହି ଅନୁଯାୟୀ ଏହାର ବର୍ଜ୍ୟ ପରିବେଶ ଉପରେ ସେତିକି କୁପ୍ରଭାବ ସୃଷ୍ଟି କରୁଛି, ଯାହାକୁ ସଂକ୍ଷେପରେ କୁହାଯାଉଛି ଇ-ବର୍ଜ୍ୟ। ଏହି ଇ-ବର୍ଜ୍ୟରେ ଅନେକ ପ୍ରକାର ପଦାର୍ଥ ଥାଏ, ଯାହା ପରିବେଶ ପାଇଁ ହାନିକାରକ। ବର୍ତ୍ତମାନ ପୃଥିବୀରେ ଯେପରି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀର ଚାହିଦା ଓ ଉତ୍ପାଦନ ବଢ଼ିବାରେ ଲାଗିଛି, ତାହାକୁ ଲକ୍ଷ୍ୟ କଲେ ଇ-ବର୍ଜ୍ୟ ପରିମାଣ ଯେ କେତେ ବୃଦ୍ଧି ପାଇବ ତାହା ଅନୁମେୟ। ଯଦି ସେହିସବୁ ବର୍ଜ୍ୟବସ୍ତୁକୁ ସଠିକ୍ ଭାବରେ ପୁନଃଚକ୍ରଣ ନ କରାଯାଏ, ତା'ହେଲେ ପରିବେଶ ପ୍ରତି ବିପଦ ସାଂଘାତିକ ଭାବେ ବଢ଼ିଚାଲିବ। ଏବେ ବୈଜ୍ଞାନିକ ଯୁଗ ଯେତିକି ନୂଆ ନୂଆ ଆବିଷ୍କାର କରୁଛି, ପୃଥିବୀ ପାଇଁ ସେତିକି ବିପଦ ବଢ଼ିବାରେ ଲାଗିଛି। ପ୍ରତିଦିନ ନୂଆ ନୂଆ ଉପକରଣ ତିଆରି ହେଉଛି, ଯାହାର ବ୍ୟବହାର ଅବଧି ଦୁଇରୁ ତିନି ବର୍ଷ ମଧ୍ୟରେ ରହୁଛି। ତେଣୁ ସ୍ୱାଭାବିକ ଭାବରେ ଇ-ବର୍ଜ୍ୟ ବଢ଼ି ପରିବେଶକୁ ଦୂଷିତ କରୁଛି। ଇଲେକ୍‌ଟୋନିକ୍ସ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ଅତ୍ୟଧିକ ଲାଭ ଆଶାରେ ନିମ୍ନମାନର ଜିନିଷ ପ୍ରସ୍ତୁତ କରି ବଜାରକୁ ଛାଡୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏକ ଆକଳନରୁ ଜଣାପଡ଼ିଛି ଯେ ମହାରାଷ୍ଟ୍ରରେ ପ୍ରତିବର୍ଷ ୯୨୦୦୦ ମେଟ୍ରିକ୍ ଟନ୍ ଇ-ବର୍ଜ୍ୟ ବାହାରୁଛି। ଇ-ବର୍ଜ୍ୟ ତାଲିକାରେ ମହାରାଷ୍ଟ୍ର ପଛକୁ ରହିଛି ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇ, କୋଲକାତା, ହାଇଦ୍ରାବାଦ, ପୁନେ ଓ ସୁରଟ। ଇ-ବର୍ଜ୍ୟରୁ ଅନେକ ପ୍ରକାର ବିଷାକ୍ତ ରାସାୟନିକ ଉପାଦାନ ନିର୍ଗତ ହୁଏ, ଯାହା ଆମ ଶରୀର ତଥା ପରିବେଶ ଉପରେ କୁପ୍ରଭାବ ପକାଏ। ସର୍କିଟ୍‌ବୋର୍ଡ, କାଚପାନେଲ୍, ଗ୍ୟାସକିଟ୍, କମ୍ପ୍ୟୁଟର ସିଷ୍ଟମରେ ଥିବା ସୀସା ମଣିଷର ସ୍ନାୟୁତନ୍ତ୍ର ଓ ରକ୍ତସଞ୍ଚାଳନକୁ ପ୍ରଭାବିତ କରି ବୃକ୍‌କକୁ ନଷ୍ଟ କରେ। ଚିପ୍ସ ରେଜିଷ୍ଟର ଓ ସେମି କଣ୍ଡକ୍ଟରରେ ଥିବା କ୍ୟାଡ୍‌ମିୟମର ପ୍ରଭାବରେ ମଣିଷର ବୃକ୍‌କ ଓ ଯକୃତ ଆକ୍ରାନ୍ତ ହୁଏ। ପ୍ରିଣ୍ଟର, ସର୍କିଟ୍ ବୋର୍ଡରେ ପ୍ରାୟ ପାରଦ ରହିଥାଏ, ଯାହା ଆମ ଶରୀରରେ ଦୁରାରୋଗ ବ୍ୟାଧି ସୃଷ୍ଟି କରେ ଏବଂ ମସ୍ତିଷ୍କ ଓ ଚର୍ମକୁ ଆକ୍ରାନ୍ତ କରେ। ପ୍ଲାଷ୍ଟିକ୍, ଇଲୋଟ୍ରୋନିକ୍ସ ବୋର୍ଡ ଆଦିରେ ଥିବା ବେରିୟମ ଶରୀରର ମାଂସପେଶୀକୁ ଦୁର୍ବଳ କରେ। କମ୍ପ୍ୟୁଟର ମଦରବୋର୍ଡରେ ଥିବା ବେରିଲିୟମ ସଂସ୍ପର୍ଶରେ ଆସିଲେ ଫୁସ୍‌ଫୁସ୍‌ରେ କର୍କଟ ଓ ଶ୍ୱାସ ରୋଗ ସୃଷ୍ଟି ହୁଏ। ଏପରି ଅନେକ ଉଦାହରଣ ଅଛି। ବର୍ତ୍ତମାନର ଆଧୁନିକ ଯୁଗରେ ମଣିଷ କମ୍ପ୍ୟୁଟରର ବ୍ୟବହାର ଅଧିକରୁ ଅଧିକ କରୁଛି ଏବଂ ଏହାର ଉତ୍ପାଦନ କରୁଥିବା କମ୍ପାନୀ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଏହି କମ୍ପ୍ୟୁଟରର ବର୍ଜ୍ୟବସ୍ତୁ ମାଟି, ପାଣି ପ୍ରଦୂଷଣ ସୃଷ୍ଟି କରୁଛି। ଏହାର ବିଭିନ୍ନ ଅଂଶ ମୃତ୍ତିକାର ଅମ୍ଳତାକୁ ବଢ଼ାଇ କୃଷି ଉତ୍ପାଦନ ବ୍ୟାହତ କରୁଛି ଏବଂ ଜଳର ବିଭିନ୍ନ ଉତ୍ସରେ ମିଶିବା ଫଳରେ ଜଳଚର ପ୍ରାଣୀମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଇ-ବର୍ଜ୍ୟ ଯୋଗୁଁ ଜଳସ୍ତର ମଧ୍ୟ ହ୍ରାସ ପାଉଥିବା ଦେଖାଯାଉଛି। କେତେକ ଇ-ବର୍ଜ୍ୟକୁ ନିଆଁରେ ପୋଡ଼ାଯାଉଥିବାରୁ ବାୟୁ ପ୍ରଦୂଷଣ ବଢୁଛି। ଏଥିରେ ଥିବା ପାରଦ, ସୀସା ମିଶ୍ରିତ କାଚ, ଧାତବ ଅଂଶ ନିଆଁ ସହ ଜଳିଲେ ଏଥିରୁ ବିଷ ସଦୃଶ ବାୟୁ ସୃଷ୍ଟି ହୁଏ ଏବଂ ମାରାତ୍ମକ ରୋଗ ସୃଷ୍ଟି କରିବା ସହିତ ପରିବେଶ ପ୍ରଦୂଷଣ ବଢ଼ାଏ। ଇ-ବର୍ଜ୍ୟ ବସ୍ତୁ ସହ ଲାଗିଥିବା ପ୍ଲାଷ୍ଟିକ ତଥା ଅଳିଆ ଆବର୍ଜନାକୁ ଦୂର କରିବାକୁ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଲୋକେ ଖୋଲା ଆକାଶରେ ନିଆଁ ଲଗେଇ ଦିଅନ୍ତି। ଯାହା ଫଳରେ ବାୟୁ ପ୍ରଦୂଷଣର ପରିମାଣ ଏତେ ଅଧିକ ହେଉଛି ଯେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଭଳି ସହରରେ ବିଦ୍ୟାଳୟଗୁଡ଼ିକ ବନ୍ଦ କରିବାକୁ ପଡୁଛି। ଏଥିରୁ ରକ୍ଷା ପାଇବାକୁ ହେଲେ ଇଲେକ୍‌ଟ୍ରୋନିକ୍ସ ଓ ଇଲେକ୍‌ଟ୍ରିକାଲ ବର୍ଜ୍ୟବସ୍ତୁର ସୁପରିଚାଳନା ତଥା ସତର୍କତା ଲୋକଙ୍କ ମଧ୍ୟରେ ପହଞ୍ଚାଇବା ଆବଶ୍ୟକ। ବର୍ତ୍ତମାନର ବୈଜ୍ଞାନିକ ଯୁଗରେ କିପରି ଏହି ସମସ୍ୟାର ସମାଧାନ ହେବ, ତାହାର ସନ୍ଧାନ ଯୁବ ସମାଜ ଖୋଜିବା ନିତାନ୍ତ ଜରୁରୀ। ଯଦି ଏହିପରି ଭାବରେ ବର୍ଜ୍ୟବସ୍ତୁ ବଢ଼େ ଏବଂ ତାହାର ପୁନଃ ବ୍ୟବହାର, ପୁନଃଚକ୍ରଣ ଅତିଶୀଘ୍ର କରାନଯାଏ, ତାହା ହେଲେ ନିକଟ ଭବିଷ୍ୟତରେ ପରିସ୍ଥିତି ଭୟଙ୍କର ହେବ। ତେଣୁ ଇଲେକ୍‌ଟ୍ରିକାଲ ଓ ଇଲେକ୍‌ଟ୍ରୋନିକ୍ସର ବର୍ଜ୍ୟବସ୍ତୁକୁ କିପରି ଭାବରେ ସୁପରିଚାଳନା କରିବା, ତାହା ଆମ ପାଇଁ ପ୍ରାଥମିକତା ହେବା ଦରକାର। ଏ ବିଷୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଆବଶ୍ୟକ। କିପରି ଭାବେ ଏହି ବର୍ଜ୍ୟବସ୍ତୁର ପୁନଃଚକ୍ରଣ ହୋଇପାରିବ ସେ ବିଷୟରେ ସରକାର ମଧ୍ୟ ଧ୍ୟାନ ଦେବା ଜରୁରୀ।

# ବ୍ୟାଙ୍କିଙ୍ଗ୍ ଅଭିଯୋଗର ଗୋଟିଏ ଗନ୍ତବ୍ୟ



### ଯୁଧିଷ୍ଠିର ମହାରଣା

ଦିନକୁ ଦିନ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ବଢୁଛି। ଲୋକମାନଙ୍କର ହାତ ପାହାନ୍ତାରେ ଉପଲବ୍ଧ ସୂଚନା ପ୍ରଯୁକ୍ତିର ସାହାଯ୍ୟ ନେଇ ଏହି ସୁବିଧା ହାସଲ କରିପାରୁଛନ୍ତି। ତେବେ ଅଧିକାଂଶ କ୍ଷେତ୍ରରେ ସାଧାରଣ ଗ୍ରାହକମାନଙ୍କ ବିଭିନ୍ନ ସେବାଜନିତ କାମ ପାଇଁ ଅସନ୍ତୋଷ ଦେଖାଦେଇଥାଏ। ତେଣୁ ଏହି ବ୍ୟାଙ୍କିଙ୍ଗ ଅଭିଯୋଗ ସମ୍ପର୍କରେ ଆଜି ଆମେ ଛୋଟିଆ ଆଲୋଚନାଟି ଏଠାରେ ଉପସ୍ଥାପନ କରୁଛୁ। ଆଜିକାଲି ଗ୍ରାହକମାନଙ୍କ ସୁବିଧା ପାଇଁ ବ୍ୟାଙ୍କ ଓ ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥାମାନେ ନୂଆ ନୂଆ ଯୋଜନା ଆଣୁଥିବା ବେଳେ ସେବାପ୍ରଦାନକାରୀ କର୍ମଚାରୀ ଓ ଅଧିକାରୀମାନଙ୍କ ଅବହେଳା ତଥା ଅନ୍ୟାନ୍ୟ ତ୍ରୁଟିବିଚ୍ୟୁତିର ଖବର ମଧ୍ୟ ଆସିବାରେ ଲାଗିଛି। ବିଶେଷକରି ଡିଜିଟାଲ ଦେଣନେଣକୁ ନେଇ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି ଏବଂ ଏହାର ସମାଧାନ ମିଳିପାରୁନାହିଁ। ଏଭଳି ଅଭିଯୋଗର ତୁରନ୍ତ ନ୍ୟାୟୋଚିତ ସମାଧାନ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଣିଛନ୍ତି ଏକୀକୃତ ଲୋକପାଳ ଯୋଜନା।

ଆସନ୍ତୁ ସର୍ବପ୍ରଥମେ ଜାଣିବା ଏହି ଯୋଜନାଟି କ'ଣ? ପୂର୍ବରୁ ବ୍ୟାଙ୍କିଙ୍ଗ ସେବାରେ ଅବହେଳା ନେଇ ଅଭିଯୋଗର ବିଚାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଙ୍ଗ ଲୋକପାଳ ବ୍ୟବସ୍ଥାର ପ୍ରବର୍ତ୍ତନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ମସିହାରେ ଅଣବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥା (ଏନ.ବି.ଏଫ(ସି) ପାଇଁ ଏବଂ ୨୦୧୯ ମସିହାରେ ଡିଜିଟାଲ ଦେଣନେଣକୁ ନେଇ ଅଭିଯୋଗର ବିଚାର ପାଇଁ ଆଉ ଦୁଇଟି ଲୋକପାଳ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏବେ ଗ୍ରାହକମାନଙ୍କ ସୁବିଧା ପାଇଁ ୨୦୨୧ ମସିହାରୁ ଏହି ତିନିଟି ବ୍ୟବସ୍ଥାକୁ ଏକାଠି କରି ଇଣ୍ଟିଗ୍ରେଟେଡ ଓମ୍ବୁଡସମାନ ସ୍କିମ ବା ଏକୀକୃତ ଲୋକପାଳ ଯୋଜନା ପ୍ରବର୍ତ୍ତିତ ହୋଇଛି। ଏବେ ଗୋଟିଏ ସ୍ଥାନରେ ଏ ସମସ୍ତ ପ୍ରକାର ଅଭିଯୋଗ କରିହେଉଛି।

ଏହି ଯୋଜନାରେ ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥା ସହ ଡିଜିଟାଲ ଦେଣନେଣ କରୁଥିବା ପେମେଣ୍ଟ ସିଷ୍ଟମ ପାର୍ଟିସିପାଣ୍ଟ ଓ କ୍ରେଡିଟ ଇନଫରମେସନ କମ୍ପାନୀମାନେ ମଧ୍ୟ ଅନ୍ତର୍ଭୁକ୍ତ। ଏହି ବ୍ୟବସ୍ଥା ଅନୁଯାୟୀ ଲୋକପାଳଙ୍କ ନିକଟରେ ଅଭିଯୋଗ କରିବା ପୂର୍ବରୁ ପ୍ରଥମେ ସେବାରେ ତ୍ରୁଟି କରିଥିବା ବ୍ୟାଙ୍କ ବା ବିତ୍ତୀୟ ସଂସ୍ଥା ନିକଟରେ ଲିଖିତ ଅଭିଯୋଗ କରିବା ଆବଶ୍ୟକ। ୩୦ ଦିନ ମଧ୍ୟରେ ଅଭିଯୋଗର ସମାଧାନ ନ ମିଳିଲେ ବା ସମାଧାନ ସନ୍ତୋଷଜନକ ନହେଲେ ଏକୀକୃତ ଲୋକପାଳଙ୍କ ନିକଟରେ ଅଭିଯୋଗ କରାଯାଇପାରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ସେଣ୍ଟ୍ରାଲାଇଜଡ଼ ରିସିପ୍ଟ ଆଣ୍ଡ ପ୍ରୋସେସିଙ୍ଗ ସେଣ୍ଟର ନାମରେ ଏକ କେନ୍ଦ୍ରୀୟ ଅଭିଯୋଗ ଗ୍ରହଣ କେନ୍ଦ୍ର ଚଣ୍ଡୀଗଡ଼ ଠାରେ ସ୍ଥାପନ କରିଛନ୍ତି। ଦେଶର ଯେ କୌଣସି ସ୍ଥାନରେ ଘଟିଥିବା ତ୍ରୁଟିବିଚ୍ୟୁତି ପାଇଁ ଏଠାକୁ ଲିଖିତ ଅଭିଯୋଗ ପଠାଯାଇପାରିବ ବା ଅନଲାଇନ ମାଧ୍ୟମରେ ଅଭିଯୋଗ ଦାଖଲ କରିହେବ।

ସର୍ବପ୍ରଥମେ ଗ୍ରାହକମାନେ ବ୍ୟାଙ୍କିଙ୍ଗ ସେବା ଓ ଆପଣଙ୍କ ଅଧିକାରକୁ ନେଇ ଭଲ ଭାବେ ନିୟମାବଳୀକୁ ପଢ଼ନ୍ତୁ। କୌଣସି ଅପରିଚିତ ଲୋକଙ୍କ ଠାରୁ ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ସାହାଯ୍ୟ ଗ୍ରହଣ କରନ୍ତୁ ନାହିଁ। ଆପଣଙ୍କର ବ୍ୟାଙ୍କ ସମ୍ପର୍କରେ କୌଣସି ପ୍ରସଙ୍ଗ ଜାଣିବାର ଥିଲେ ଏ ନେଇ ଆପଣ ସର୍ବପ୍ରଥମେ ଆପଣଙ୍କ ଆକାଉଣ୍ଟ ରହିଥିବା ବ୍ୟାଙ୍କ ଶାଖା ସହିତ ଯୋଗାଯୋଗ ରଖି ସବିଶେଷ ତଥ୍ୟ ଜାଣନ୍ତୁ। ଆପଣଙ୍କ ପ୍ରାଥମିକ ଅଭିଯୋଗ ସ୍ଥାନୀୟ ଶାଖାରେ ସବିଶେଷ ଜଣାଇବାର ବ୍ୟବସ୍ଥା ରହିଛି। ଆପଣ କୌଣସି ବିଦେଶୀ ବ୍ୟାଙ୍କିଙ୍ଗ ସେବା ବା ବିଦେଶୀ ଲୋକଙ୍କ ଠାରୁ ଆର୍ଥିକ କାରବାର ସମ୍ପର୍କ ରଖନ୍ତୁନାହିଁ କିମ୍ବା ନିଜର ଗୋପନୀୟ ତଥ୍ୟ ସେମାନଙ୍କୁ ପ୍ରଦାନ କରନ୍ତୁନାହିଁ। ଆପଣଙ୍କର ସାମାନ୍ୟ ଅସାବଧାନତା ଆପଣଙ୍କୁ ଅସୁବିଧାରେ ପକାଇବା ସହ ସମ୍ପୃକ୍ତ ବ୍ୟାଙ୍କ ପାଇଁ ମଧ୍ୟ ଅସୁବିଧାଜନକ ହୋଇପାରିବ। ତେଣୁ ଏ କ୍ଷେତ୍ରରେ ଆପଣଙ୍କ ସଚେତନତା ହିଁ ଗୁରୁତ୍ୱପୂର୍ଣ୍ଣ।


+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ


# ଖୋଲ ପ୍ରତିହାରୀ ମନ୍ଦିର ଦୁଆର

### ଚୌଧୁରୀ ବରଦାପ୍ରସନ୍ନ ଦାସ

ସମୟ ନଈରେ ତରୀ ବାହିବାହି ଯାଉ ଯାଉ ସେଇ ଛବିଳ ଗାଁର ଦୃଶ୍ୟପଟରେ ବିମୁଗ୍ଧ ହେଲା ମନୀଷା। ଦେହକୁ ମନକୁ ଉଲ୍ଲସିତ କରୁଥାଏ ରାତିର ପ୍ରଥମ ପ୍ରହରର ଶୀତୁଆ ପବନ। ଗହନ ଅନ୍ଧାର ଭିତରେ ସଫେଦ ବାଲୁକା ଶଯ୍ୟାଟା ସଫା ବାରି ହୋଇ ପଡୁଥାଏ। ଲାଗୁଥାଏ, ଏ ବିଜନ ବାଲିପନ୍ତାର କେମିତି ଗୋଟାଏ ବାସ୍ନା ଅଛି। ଅହେତୁକ ଆକର୍ଷଣରେ ଟାଣି ହୋଇ କାତ ପୋତିଲୁ ଆମେ। ଗାଁର ନାମ ବାଗଲପୁର। ଜିଲ୍ଲାର ନାମ ଜଗତସିଂହପୁର। ନଦୀର ଡାକନାମ ବିଲୁଆ ଖାଇ। ବିଲ୍ୱମୟୀ ନାମ ଅପଭ୍ରଂଶ ହୋଇ ଆଜି ଲୋକ ମୁଖରେ ଏଇ ନାମ ପାଲଟିଛି।

ଏ କଣ? ନଦୀବାଲିରେ ଚାଲୁଚାଲୁ ମନୀଷା ସ୍ଥିର ହୋଇଗଲା। ନିବିଷ୍ଟ ତାର ଦୃଷ୍ଟି। ଚକିତ ହୋଇ ଦେଖିଲି ସାମନାରେ ଏକ ନିଥର ମୂର୍ତ୍ତି। ଏ ବିସ୍ତୃତ ସିକତା ବୁକୁରେ ଦେବତା ପରି ପ୍ରତୀୟମାନ ପଥର ମୂର୍ତ୍ତି। ଆହୁରି ଆଶ୍ଚର୍ଯ୍ୟ ହେଲୁ ଏ ମୂର୍ତ୍ତି ଦେହରେ ଜୀବନ ଅଛି। ଆଖିରୁ ଧାରଧାର ହୋଇ ଲୁହ ବୋହି ଯାଉଛି, ଅବାରିତ ତାର ଗତି। ଆଉ କୋହକୁ ଚାପି ଦେବାକୁ ସେଇ ମୂର୍ତ୍ତିଟି ତାର ହାତକୁ ଚାପି ଧରିଛି ପାଟିରେ। ତଥାପି କୋହଟା ଶୁଭିଯାଉଛି ବାହାରକୁ।

ପ୍ରାଶ୍ନିଳ ଆଖିରେ ମନୀଷାକୁ ଚାହିଁଲି ମୁଁ। ରୋରୁଦ୍ୟମାନ ମନୀଷା। ଆବେଗରେ ଦେଖେଇ ଦେଲା ନଦୀ ସେପଟର ଗାଁକୁ। ରାତିର ଅନ୍ଧାର ଚିରି ନିଆଁର ହାରଟା ଚିକମିକ କରୁଛି। ନିଥର ପରିବେଶକୁ କରୁଣ କରି ଶୁଭୁଛି ଚିତ୍କାର। ବେଳେବେଳେ ପ୍ରଚଣ୍ଡ ଶିଖାତୋଳି ନିଆଁ ମାଡି ଯାଉଛି ଆକାଶ ଆଡକୁ। ବାଉଁଶର ଗଣ୍ଠିମାନ ଫୁଟିବାର ଶବ୍ଦ କାନକୁ ଭୟଙ୍କର ଶୁଭୁଛି। ହାତ ବଢେଇ ଦେଖେଇ ଦେଲା ଆଁ କରି ମାଡି ଯାଉଥିବା ନିଆଁକୁ। ଘରପୋଡି ଯାଉଛି ନିଶ୍ଚୟ। ଘରଟି ଦୁଃଖରେ ପଥର ପରି ବସି ରହିଥିବା ମଣିଷର ହୋଇଥିବ। ସେଇ ସ୍ଥିର କ୍ରନ୍ଦରରତ ମଣିଷଠାରୁ ଅଳ୍ପଦୂରରେ ପଡିଛି ଗୋଟାଏ ସାଇକେଲ। ଜଳିଯାଉଥିବା ଘରର ନିଆଁକୁ ଦେଖି ଓ ତାର କରୁଣ ପରିଣତି କଥା ଚିନ୍ତା କରି ଲୋକଟି ପ୍ରାୟ କାଠପରି ବସିଛି। ବିପର୍ଯ୍ୟସ୍ତ ହୋଇ ପଡିଛି ସାଇକେଲରେ ଥୋରିଆ ବଳଦ ପରି ଲଦା ହୋଇଥିବା କିଛି ବହି ଖାତା, ସ୍ଲେଟ, କଲମ, ଖଡି ଆଦି।

ଏ ଲୋକର ଘରନୁହେଁ, ତାର ସ୍ୱପ୍ନ ଜଳିଯାଉଛି ଏଇ ନିଆଁରେ। ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଅନ୍ୟ ଆଖିରେ ଲୁହ ଦେଖିଲେ କାନ୍ଦନ୍ତି। ଲୁହର ଠିକଣା ଖୋଜି ଖୋଜି ପହଁଚନ୍ତି। ଲୋକଟିକି ଚିହ୍ନେଇ ଦେଲା ମନୀଷା ନାଁ ତାଙ୍କର ଗୌରାଙ୍ଗ ଚରଣ ଦାସ। ଆଶ୍ଚର୍ଯ୍ୟ ହେଲୁ ଆମେ ଯେତେବେଳେ ଦେଖିଲୁ ତାଙ୍କର ଗୋଟିଏ ହାତ ଛୋଟ। ସାଧାରଣ ଭାବେ ସେ ହାତରେ କାମ କରିବାକୁ ଅସମର୍ଥ। କିନ୍ତୁ ମନର ଦୃଢ ବିଶ୍ୱାସ, ଲକ୍ଷ୍ୟ ହାସଲ ପାଇଁ ନିଷ୍ଠା, ପଙ୍ଗୁକୁ ଗିରି ଲଂଘିବାର ସାମର୍ଥ୍ୟ ଦିଏ। ସେଇପରି ଜଣେ ମଣିଷ ଥିଲେ ଗୌରାଙ୍ଗ ଚରଣ। ଲୋକ ମୁଖରେ ସେ ପରିଚିତ ଥିଲେ ହାତଖଣ୍ଡି ଗୌରାଙ୍ଗ ବୋଲି। କେହି କେହି ଗଉରୀ ବୋଲି କହନ୍ତି। ତାଙ୍କ ନାମ ସହ ମୋର ପରିଚୟ ହୋଇଥିଲା, ମୋ ବାପାଙ୍କ ମୁହଁରୁ। ଅନେକ ଲୋକଙ୍କ ପରି ସେ ତାଙ୍କୁ ଗଉରୀ ଭାଇ ବୋଲି ସମ୍ବୋଧନ କରୁଥିଲେ। ମୋର ଏଇ ଆଦ୍ୟ ପରିଚିତ ପର୍ବର କଥା ଲେଖିଲା ବେଳକୁ ମନୀଷା ଚେତେଇ ଦେଲା ଏଇ ଦେବଦେହଧାରୀ ମଣିଷ ଲୁହକୁ ଆବିଷ୍କାର କରିଥିଲେ ନିଜ ଗାଁରେ। ଜନ୍ମମାଟିରେ। ବାଗଲପୁର ଗାଁରେ।

ଉତ୍ତର ଖୋଜି ପାଇଲେ ନାହିଁ ଗୌରାଙ୍ଗ। ମନକୁ ଆନ୍ଦୋଳିତ କଲା ଅନେକ ପ୍ରଶ୍ନ। ଆମ ଘରର ପିଲା ପାଠ ପଢିବାକୁ ଗଲାବେଳେ କଅଁଳ ବୟସରେ କାହିଁକି ଏ ପିଲାମାନେ ବିଲରେ ଖଟୁଛନ୍ତି? ଏ ଘରର ବୟସ୍କ ଲୋକମାନଙ୍କୁ ଆମ ଘରର କନିଷ୍ଠ ଲୋକେ ନାଁ ଧରି ଡାକୁଛନ୍ତି? ଏମାନେ ଭୋଜିଭାତରେ କାହିଁକି ଅନ୍ୟମାନଙ୍କଠାରୁ ଅଲଗା ବସୁଛନ୍ତି? କାହିଁକି ଏ ଘରର ଝିଅ ବୋହୂମାନେ ସାତସିଆଁ ଲୁଗା ପିନ୍ଧୁଛନ୍ତି? ଗାଁର ଠାକୁର ମନ୍ଦିରକୁ କାହିଁକି ଯିବାପାଇଁ ମନା ଅଛି? ଶ୍ରାଦ୍ଧ, ମହଲା, ବାହାଘର, ଶୁଦ୍ଧଘର ଆଦିରେ ଏମାନଙ୍କର ଝିଅବୋହୂ ଆସି ଘର ଲିପିବା ଭାରି ବାଧିଥିଲା ଗୌରାଙ୍ଗଙ୍କୁ। ଘୋର ବାଧିଲା ଗୌରାଙ୍ଗଙ୍କୁ ଯେଉଁଦିନ ଦେଖିଲେ ଦଳିତ ଘରର ଲୋକମାନେ ମାଠିଆ ଧରି ଚାଲିଚାଲି ଦୂରରେ ଥିବା ନଦୀକୁ ଯାଉଛନ୍ତି, ପୁଣି ଖରାଦିନେ ବାଲିରେ ଚୁଆ ଖୋଳି ପିଇବା ପାଣି ଆଣୁଛନ୍ତି। ନିଜ ଘରର କୂଅକୁ ଚାହିଁଲେ ଗୌରାଙ୍ଗ। କୂଅରେ ଉଚ୍ଛୁଳା ପାଣି। ପାଖରେ ନଦୀ ଯୋଗୁ ଏ ଗାରେ କୂଅ ଶୁଖେନା, ପାଣିର ଅଭାବ ହୁଏ ନାହିଁ। ନଦୀକୁ ପାଣି ପାଇଁ ଯାଉଥିବା ଜଣେ ଦଳିତ ସ୍ତ୍ରୀ ଲୋକକୁ ଯେତେବେଳେ ନିଜ ଘର କୂଅରୁ ପାଣି ନେବା ପାଇଁ କହିଲେ ଜିଭ କାମୁଡି ପକେଇଲେ ସେଇ ଶୀର୍ଣ୍ଣ ମହିଳା। ଆଖି ଛଳଛଳ ହୋଇଗଲା ତାଙ୍କର। ଗୌରାଙ୍ଗ ସେତେବେଳେ ଜାଣିଲେ ଏଇ ସଂପ୍ରଦାୟର ଲୋକେ ତାଙ୍କ କୂଅ ଛୁଇଁଲେ କୂଅମାରା ହୋଇଯିବ। ଅପବିତ୍ର କୂଅର ପାଣି କରଣ ସାଆନ୍ତ କି ବ୍ରାହ୍ମଣମାନେ ପିଇବେ ନାହିଁ। ଦେବତା ମନ୍ଦିରରେ ବ୍ୟବହାର ତ ଦୂରର କଥା। ଘୋର ଆଘାତ ପାଇଲେ ଗୌରାଙ୍ଗ ଯେତେବେଳେ ଦେଖିଲେ ପ୍ରାୟ ଅଶୀବର୍ଷରୁ ଉର୍ଦ୍ଧ୍ୱ ସ୍ତ୍ରୀ ଲୋକ କଷ୍ଟେମଷ୍ଟେ ବଡ ମାଠିଆରେ ପାଣି ଆଣି ଆସୁଛନ୍ତି, ପୁଣି ଠାଏ ଠାଏ ଥୋଉଛନ୍ତି। ଆଉ ଟିକିଏ ଅଣ୍ଟା ସଳଖି ଅଧା ଫିଟିଯାଉଥିବା ଖୋସଣୀକୁ ସଜାଡି ଚାଲୁଛନ୍ତି। ମାଠିଆର ଚହଲା ପାଣିଟା ଦରଦୀ ଗୌରାଙ୍ଗଙ୍କ ଆଖିରୁ ଲୁହ ହୋଇ ସେଇ ଅବହେଳିତ ମଣିଷମାନଙ୍କ ପାଇଁ ବୋହିଗଲା। ସହିପାରିଲେନି ଗୌରାଙ୍ଗ ଯେଉଁଦିନ ଦଳିତମାନେ ସୁନିଆଁରେ ଭେଟି ଧରି ସାଆନ୍ତମାନଙ୍କ ଦୁଆରେ ପହଁଚୁଛନ୍ତି, ମାଟିରେ ମୁଣ୍ଡ ଛୁଆଁଇ ଆଣ୍ଠୁମାଡି ଦଣ୍ଡବତ ହେଉଛନ୍ତି ସାଆନ୍ତ ମାନଙ୍କର। ଆଶ୍ଚର୍ଯ୍ୟ ଲାଗିଲା ଆଘାତ ବି ଲାଗିଲା ବୟସ୍କମାନେ କନିଷ୍ଠ ମାନଙ୍କୁ ଏପରି ପ୍ରଣାମ କରୁଛନ୍ତି ଦେଖି। ସେତେବେଳେ ପ୍ରଥା ଥିଲା ଦଳିତମାନେ ନିଶ ରଖି ପାରିବେନି। ଏଇପରି ଅନେକ ବାଛନ୍ଦର ଶୀକାର ଥିଲେ ଏଇ ମଣିଷମାନେ। ପୁଣି ବିଦ୍ୟାଳୟମାନଙ୍କରେ ଦଳିତ ଛାତ୍ରମାନଙ୍କୁ ପାଠରେ ଅବହେଳା ପାଇଁ ସ୍ନେହରେ କାନଧରି ତାଡନା କରିବା ପରିବର୍ତ୍ତେ କିମ୍ବା ବେତ୍ରାଘାତ କରିବା ବଦଳରେ ତାଙ୍କ ଉପରକୁ ଦୂରରୁ ବେତ ଫୋପାଡୁଛନ୍ତି ଶିକ୍ଷକ। ତାଙ୍କ ହାତରେ ବେତ ଥାଇ ସେଇ ଛାତ୍ରଟି ଦେହରେ ବାଜିଲେ ଶିକ୍ଷକବି ଅପବିତ୍ର ହୋଇଯିବେ। ଏ ଦୃଶ୍ୟ ଦେଖି ଅନ୍ୟଛାତ୍ରମାନେ ବେଳେ ବେଳେ ହସିଲେବି ଗୌରାଙ୍ଗଙ୍କ ମନ ବେଳକୁ ବେଳ ବିଦ୍ରୋହର ନିଆଁରେ ଜଳୁଥିଲା।

ଯେଉଁଠାରେ ଖାଲି ଲୁହ<br>
ହେ ପ୍ରଭୁ ସେଇଠାକୁ ମତେ ନିଅ<br>
ଆଜୀବନ ଯିଏ କାନ୍ଦୁଛି ଖାଲି<br>
ପୋଛିବିତା ଆଖିଲୁହ

ମୁଗ୍ଧ ଆଖିରେ ଅତୀତକୁ ଚାହିଁଲୁ ଆମେ। ମନୀଷା ସୂଚେଇ ଦେଲା ଦରଦୀ ଗୌରାଙ୍ଗ ବିଶ୍ୱନିୟନ୍ତାଙ୍କ ପାଖରେ ପ୍ରାର୍ଥନା କରୁଛନ୍ତି। ଏ ପଦ୍ୟାଂଶଟି ନବକୃଷ୍ଣ ଚୌଧୁରୀ ଓ ଗୌରାଙ୍ଗ ଦାସଙ୍କର ସର୍ବଦା ଆବୃତ୍ତି କରୁଥିବା ଶପଥ। ବହୁ ଚେଷ୍ଟାକରି ଏ ଯାଏ ଜାଣି ପାରିନି କିଏ ଏଇ ପଦ୍ୟର ସ୍ରଷ୍ଟା କିନ୍ତୁ ତାର କମ୍ପନ ଅତ୍ୟନ୍ତ ତିବ୍ର। ଗୌରାଙ୍ଗର ଅନ୍ୟ ପ୍ରିୟ ସକାଳ ସଂଜର ଭଜନ ହେଲା ବୈଷ୍ଣବ ଜନ ତୋ...।

ସେଇ ଅମୃତ ପୁରୁଷ ଲକ୍ଷ୍ୟ କଲେ ଦଳିତ ମଣିଷମାନେ ଅନ୍ତରରେ କାନ୍ଦୁଛନ୍ତି। ଏଇ ଲୁହକୁ ପୋଛିବା ପାଇଁ ହେଲେ ଶିକ୍ଷାର ପ୍ରସାର ଏକାନ୍ତ ଆବଶ୍ୟକ ବୋଲି ଅନୁଭବ କଲେ ଗୌରାଙ୍ଗ। ଏଇ ଆଧାରରେ ଦଳିତମାନଙ୍କୁ ନେଇ ଆରମ୍ଭ କଲେ ଏକ ପାଠଶାଳା।

ଇତିହାସର ଆଇନାରେ ଆମେ ଦେଖିଲୁ ନିଜର ଶ୍ରମଦାନ କରି ବଞ୍ଚିତ ଲୋକମାନେ ଘରଟିଏ ଛିଡା କରିଦେଲେ। ପାଠ ପଢିବେ, ବାବୁଭୂୟାଙ୍କ ସାଙ୍ଗରେ ସମାନ ହେବେ ଏଇ ସ୍ୱପ୍ନରେ ବିଭୋର ହେଲେ ସେମାନେ। ସମୟ ବିଂଶ ଶତାବ୍ଦୀର ଦ୍ୱିତୀୟ ଓ ତୃତୀୟ ଦଶକ। ଏଇ ଅଳକା (ଏକ ମୃତପ୍ରାୟ ନଦୀ) ମାଟିରେ ମଣିଷ ଗଢା ଶିକ୍ଷା ଚେତନା ବର୍ତ୍ତିକା ଧରି ଜନ୍ମ ନେଇସାରିଥାଏ ଅଳକା ଆଶ୍ରମ (୧୯୨୨) ପୁଣି ଆଉ ପାଦେ ଆଗକୁ ଯାଇ ଚେତନାର ପ୍ରୟୋଗଶାଳା ସ୍ୱରୂପ ନବକୃଷ୍ଣ ମାଳତୀ ଦମ୍ପତି ସାଧନାରତ ଥାଆନ୍ତି ତରିକୁନ୍ଦ ଫାର୍ମ (ତରୀ ଆଶ୍ରମ) ଅଣଖିଆରେ। ତରୀ ଆଶ୍ରମରେ କାର୍ଯ୍ୟଧାରା ଅଳକା ଆଶ୍ରମଠାରୁ ପରିବର୍ଦ୍ଧିତ ଓ ପ୍ରୟୋଗାତ୍ମକ। ସମାଜରୁ କୁସଂସ୍କାର ଦୂର କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ସାକ୍ଷର କରି ଦେଶପ୍ରେମୀ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ମଣିକାଞ୍ଚନର ସଂଯୋଗ ପରି ନବକୃଷ୍ଣଙ୍କ ସହ ଯୋଡି ହୋଇଥାଆନ୍ତି ବଙ୍ଗମାଟିର ବାରିଷ୍ଟର କୁମୁଦନାଥ ସେନଙ୍କ ସୁକନ୍ୟା। କବିଗୁରୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଛାତ୍ରୀ ମାଳତୀ। ଦେଶପ୍ରେମ ରଚନାତ୍ମକ କାମ ସହ ଏଠାରେ ଉନ୍ନତ କୃଷି, ନୂତନ ଫସଲ ଚାଷ ବର୍ଜ୍ୟ ପଦାର୍ଥ ସାର ଆକାରରେ ବ୍ୟବହାର ଆଦି ପ୍ରସାର ପାଇଁ ଚେତନା ସୃଷ୍ଟି କରାଯାଉଥାଏ। ଏମାନେ କହୁ ନଥାଆନ୍ତି, କରି ଦେଖାଉଥାଆନ୍ତି।

ଗୌରାଙ୍ଗଚରଣ ଆପେ ଆପେ ଯୋଡି ହୋଇଗଲେ ଏଇ ଦମ୍ପତିଙ୍କ ସହ। ଏଇ ଉଦ୍ଦାମ ଯୁବକଙ୍କ ସହ ବି ସମାନ ଭାବରେ ମିଶିଗଲେ ଏଇ ବନବାସୀମାନେ। ଗୌରାଙ୍ଗଙ୍କ ସହ ମାଳତୀ ଚାନ୍ଦାଖାତା ଧରି ବୁଲିଲେ ଗାଁରେ। ପାଠଶାଳା ପାଇଁ ଅର୍ଥ ସଂଗ୍ରହ ଥିଲା ଲକ୍ଷ୍ୟ।

ଗୌରୀ ଏ କଣ କରୁଛ? ହରିଜନ ଗୁଡାଙ୍କୁ ପାଠ ପଢାଇବ ? ପାଠ ପଢିଲେ ସେମାନେ ଆଉ ଆମକୁ ମାନିବେ? ଫେରି ଚାହିଁଲୁ ଆମେ। ବାଗଲପୁର ଗାଁର କରଣ ସାଆନ୍ତମାନେ ପ୍ରଶ୍ନ କରୁଛନ୍ତି ଗୌରାଙ୍ଗଙ୍କୁ। ସତର୍କ କରି ଦେଉଛନ୍ତି ନିଜ ଜାତି ବିରୁଦ୍ଧରେ ଏପରି ଚକ୍ରାନ୍ତ କଲାପରି କାମକୁ। ଗୁରୁଜନ ମାନଙ୍କର ଏଇ କୁ ପରାମର୍ଶ ମାନି ନଥିଲେ ଗୌରୀ। କଟକ ଯାଇଥିଲେ ଏଇ ପାଠଶାଳା ପାଇଁ ଉପକରଣ ଆଣିବାକୁ। କ୍ରୋଧିତ ବିରୋଧୀମାନେ ଗୌରୀଭାଇଙ୍କର ଏଇ ସ୍ୱପ୍ନର କୁଟୀରରେ ଅଗ୍ନି ସଂଯୋଗ କରି ଦେଇଥିଲେ। ସେଦିନ ବିଲ୍ୱମାୟୀ ନଦୀର ସିକତା ଭିଜିଥିଲା ଗୌରାଙ୍ଗଙ୍କର ଆଖି ଲୁହରେ। କିନ୍ତୁ ଏ କଣ ଏଇ ବଞ୍ଚିତ ମଣିଷ ମାନେ ଘରଛାଡି, ପିଲାଛୁଆ ଧରି ଧାଇଁଛନ୍ତି ନଦୀବନ୍ଧ ଆଡକୁ? ମୋତେ ଆଶ୍ଚର୍ଯ୍ୟ କରି ମନୀଷା କହିଲା ଇତି ମଧ୍ୟରେ ଗୌରୀ ଭାଇ ଏଇ ଗରିବ ମଣିଷମାନଙ୍କ ମନରେ ଆଣିପାରିଛନ୍ତି ସ୍ୱାଭିମାନ ଭାବ। ପଣକଲାପରି ୫୦/୬୦ ଘର ଦଳିତ ପରିବାର ସାଆନ୍ତ ମାନଙ୍କ ଡିହରେ କରିଥିବା ଘରଛାଡି ଚାଲିଯାଇଛନ୍ତି। ସମସ୍ତଙ୍କ ମୁହଁରେ ଗୋଟିଏ ସ୍ୱର ଆଉ ସାଆନ୍ତଙ୍କ ବିଲରେ କାମ କରିବୁ ନାହିଁ, ଏ ଅପମାନ ସହିବୁ ନାହିଁ।

ପାଠଶାଳା ଉଦ୍‌ଘାଟନ କରିବାକୁ ଆସି ମାଳତୀଦେବୀ ଦେଖିଲେ ଅଗ୍ନିଦେବ ତାଙ୍କ ଆଗରୁ ଉଦ୍‌ଘାଟନ କରିସାରିଛନ୍ତି। ସୁନାଟା ନିଆଁରେ ପଡିଲେ ଆଉଟି ହୋଇ ଚକ୍‌ଚକ୍ କଲାପରି ଦୁଃଖରେ ଝାଉଁଳି ପଡିଥିବା ଗୌରୀଭାଇ ଝଟକି ଉଠିଲେ। ଆଗରେ ଦେଖାଗଲା ନୂତନ ଆଶା, ମନରେ ସୃଷ୍ଟି ହେଲା ବଜ୍ର ଶପଥ। ମାଳତୀଦେବୀଙ୍କ ଆଶ୍ୱାସନା ଦେଖାଇଲା ନୂତନ ସ୍ୱପ୍ନ। ଦଳିତ ଭାଇମାନେ କହିଲେ ଭୋକିଲା ରହିବୁ ପଛେ ସାଆନ୍ତଙ୍କ ପାଖରେ କାମ କରିବାକୁ ମୁଣ୍ଡ ନୁଆଁଇବୁ ନାହିଁ। ସାଆନ୍ତଙ୍କ ବିଲରେ ପାଚିଲା ଧାନ ସେମିତି ଠିଆ ହୋଇ ରହିଲା। ଏଥିଲା ଏକ ନିରବ ବିପ୍ଳବ। ଅସହଯୋଗର ଏକ ନୂଆ ଫର୍ଦ୍ଦ।

ସାଆନ୍ତମାନେ ଆଣିଲେ ନୂଆନୂଆ ଅଭିଯୋଗ। ଗୌରାଙ୍ଗଙ୍କୁ ଜାତିଚ୍ୟୁତ କରିବା ପାଇଁ ଆରମ୍ଭ ହେଲା ପଦକ୍ଷେପ। ଅଭିଯୋଗ ହେଲା ଧନୀପୁର (ଖେରସ) ଚୌଧୁରୀ ଘରେ (ତରି ଆଶ୍ରମ) ଦଳିତ ମାନେ ରାନ୍ଧୁଛନ୍ତି, ଗୌରୀ ସେଠାରେ ଖିଆପିଆ କରୁଛି ତାକୁ ଜାତିଚ୍ୟୁତ କରାଯିବ।

ଇତି ମଧ୍ୟରେ ଗୌରାଙ୍ଗଙ୍କ ଆଦର୍ଶରେ ବାଗଲପୁରରେ ଜାତୀୟ ଚେତନାର ଅନ୍ତଃସ୍ରୋତ ସ୍ୱତଃ ପ୍ରବାହିତ ହୋଇସାରିଥିଲା। ଆମେ ପଛରେ ଅଛୁ। ଫେରି ଚାହିଁଲୁ ଆମେ। ବାଗଲପୁର ଯୁବକ ସଂଘ ସ୍ୱର ମିଶାଇଛନ୍ତି ଗୌରୀଭାଇଙ୍କ ସାଥୀରେ।

ଆକସ୍ମିକ ଭାବରେ ଅର୍ନ୍ତଧ୍ୟାନ ହୋଇଗଲା ମନୀଷା। ତା'ର ପଛେ ଯାଇ ଆମେ ଯେଉଁଠି ପହଁଚିଲୁ ସେଠି ମା ସରସ୍ୱତୀ ଆଉ ମା ଲକ୍ଷ୍ମୀଙ୍କ ମିଶ୍ରିତ ରୂପ ନେଇ ସେ ଦେଖାଗଲା। ଏକ ସୁନ୍ଦର ଗାଁରେ। ସେ ଗାଁର ନାମ ମଙ୍ଗଳପୁର। କଟକରୁ ଜଗତସିଂହପୁର ଯିବା ରାସ୍ତାରେ। କଟକରୁ ପ୍ରାୟ ପଇଁତିରିଶି କିଲୋ ମିଟର ଯିବା ପରେ ପଡେ ଏଇ ଗ୍ରାମ। ଆଣ୍ଠୁ ନ ଲୁଚୁଥିବା ଲୁଗାଟିଏ ପିନ୍ଧି ଏକ ଖାଇବା ପଙ୍ଗତ ମଝିରେ ହାତ ଯୋଡି ଠିଆ ହୋଇଥିବା ଲୋକଟିର ନାମ ରସାନନ୍ଦ ପାତ୍ର। ଜାତିରେ କେଳା। ଲୋକେ ଶ୍ରଦ୍ଧାରେ ଡାକୁଥିଲେ ରସାକେଳା ନାମରେ। ମା ସରସ୍ୱତୀ ତାଙ୍କ ଲେଖନୀରେ ଦେଇଛନ୍ତି ଜାତୀୟ ଚେତନା ଭରା କବିତାର ଭାଷା, ପୁଣି କଣ୍ଠରେ ଅପୂର୍ବ ଗାୟନ ଶୈଳୀ। ସ୍ୱାଧୀନତା ସଂଗ୍ରାମ କାଳରେ ସେ ଥିଲେ ଜନଚେତନା ଉଦ୍ରେକକାରୀ ଲୋକ କବି। ନିଜେ ଗୀତ ଲେଖୁଥିଲେ ବୁଲିବୁଲି ଗାଉଥିଲେ ଓ ତାଙ୍କ ଗୀତ ଲୋକେ ଗାଉଥିଲେ।

ଖାଇବାର ବାସ୍ନାରେ ଆମେ ସୁଗନ୍ଧିତ ହୋଇଗଲୁ, ମନେହେଲା ଖାଦ୍ୟପ୍ରସାଦ ପଛରେ ଯେମିତି ମା ଲକ୍ଷ୍ମୀଙ୍କର ସ୍ପର୍ଶ ରହିଛି। ମହମହ ବାସ୍ନା। ଏ ଗରିବ କେଳା ଦୁଆରେ ସଂଭ୍ରାନ୍ତ ଦେଖାଯାଉଥିବା ଯୁବ ସମୂହ। ମଝିରେ ବତୀଘର ପରି ଜଣେ ଉଜ୍ଜ୍ୱଳ ବପୁବନ୍ତ ପୁରୁଷ। ମନୀଷା ଚିହ୍ନେଇ ଦେଲା ପ୍ରଣାମ କଲୁ ଆମେ। ସିଏ ଗୌରାଙ୍ଗ ଦାସ। ଆହୁରି ଆଶ୍ଚର୍ଯ୍ୟ କରି ଆଖିପୁରେଇ ଦେଖିଲୁ କେଳା ଦୁଆରେ ମା ଶ୍ରାଦ୍ଧରେ ପତ୍ର ପକାଇଛନ୍ତି ଉପବୀତ ଧାରୀ ବ୍ରାହ୍ମଣ ବୀରକିଶୋର ଶତପଥୀ। ଘର ବାଗଲପୁର।

(କ୍ରମଶଃ)




## ପ୍ରେମ ସନ୍ଦେଶ

### ସୁଧାଂଶୁ ଦ୍ୱିବେଦୀ

ଆକାଶକୁ ଅପଲକ ଚାହିଁଥିବା<br>
ମୟୂର ଭାବିହୁଏ-<br>
ବର୍ଷା ବି ସମ୍ମାନର<br>
ଅଧିକାରୀ ହେଇଗଲାଣି<br>
ବିନା ଆମନ୍ତ୍ରଣରେ ବର୍ଷୁ ନାହିଁ।

ବର୍ଷାର ହୃଦୟ ପଥର ନୁହେଁ<br>
ସେଥିରୁ ପ୍ରେମ ଜାଗୃତ ହୁଏ<br>
ଆକର୍ଷକ ଏବଂ ଅତି ସୁନ୍ଦର<br>
ଧରିତ୍ରୀ ପାଇଁ......।

ଧରିତ୍ରୀକୁ ଆସିବା ଲାଗି<br>
ଅନନ୍ତ କାଳରୁ<br>
ବ୍ୟାକୁଳିତ ବର୍ଷା,<br>
ସେଥିପାଇଁ ତ<br>
ଶ୍ରାବଣରେ ବର୍ଷାର<br>
ପ୍ରେମ ସନ୍ଦେଶ ପଠାଇଦିଏ।

ଧରିତ୍ରୀର ସନ୍ଦେଶ ପାଇ<br>
କୋଣ ଅନୁକୋଣ<br>
ସବୁଜିମାମୟ ହୋଇଯାଏ<br>
ମୟୂର ପଙ୍ଖ ମେଲେଇ<br>
ବର୍ଷାର ସ୍ୱାଗତରେ ନାଚିଉଠେ।

ସବୁକିଛି ଭୁଲି<br>
ବର୍ଷା ଚାଲିଯାଏ<br>
ମେଘ ଖଣ୍ଡର ରୂପ ଧରି;<br>
ଧରିତ୍ରୀରେ ଛାଡିଯାଏ<br>
ସବୁଜିମା ସହିତ ବର୍ଷାର ସ୍ମୃତି।


+ବିସି-୭୪, ସଲଟ ଲେକ,<br>
କଲକତା-୬୪<br>
ମୋ-୯୬୮୧୩୭୩୫୧୨


## ଛିଣ୍ଡି ଗଲା ରଥର ଦଉଡ଼ି

### ଶ୍ରୀରୂପା ମଞ୍ଜରୀ ସେନ

ନୀଳ ମାଧବ,<br>
ତୁମେ ନୀଳ ସୁନ୍ଦର<br>
ଜଗନ୍ନାଥ ସ୍ୱାମୀ,<br>
ବ୍ରହ୍ମାଣ୍ଡ ଠାକୁର ।<br>
ତିନି ରଥ ଦଉଡ଼ି,<br>
ତୁମ ଅତି ଚମତ୍କାର<br>
ନିର୍ମାଣ କଉଶଳ ଅଟେ<br>
ସ୍ୱତନ୍ତ୍ର ଏହାର ।<br>
କତା କାରଖାନା ଅଛି<br>
ଏହାର ବୀର ପ୍ରତାପ ପୁର<br>
ଅକ୍ଷୟ ତୃତୀୟା ଠାରୁ,<br>
ପ୍ରସ୍ତୁତି ଆରମ୍ଭ ହୁଏ ଦଉଡିର<br>
ନିଷ୍ଠାର ସହିତ କାର୍ଯ୍ୟ<br>
କରନ୍ତି ଏଠାରେ<br>
ପଇଁତ୍ରିଶ କାରିଗର ।

ତାଳଧ୍ୱଜ, ରଥ ବଳଭଦ୍ରଙ୍କର,<br>
'ବାସୁକୀ' ନାମେ ଦଉଡ଼ି<br>
ବନ୍ଧା ହୁଏ ଏହି ରଥଙ୍କର ।<br>
ନନ୍ଦୀଘୋଷ ରଥ ଜଗନ୍ନାଥଙ୍କର,<br>
'ଶଙ୍ଖ ଚୂଡ' ଦଉଡ଼ି ଅଟେ<br>
ଜଗନ୍ନାଥ ରଥଙ୍କର ।<br>
ଦେବଦଳନ ରଥ ସୁଭଦ୍ରା ମାତାଙ୍କର<br>
'ସ୍ୱର୍ଣ୍ଣଚୂଡ' ନାମେ ଦଉଡ଼ି<br>
ବନ୍ଧା ହୁଏ ଦେବଦଳନ ରଥଙ୍କର।

ଧର୍ମ, ଅର୍ଥ, କାମ, ମୋକ୍ଷ ହୁଏ<br>
ଦଉଡ଼ି ଛୁଇଁଲେ, ରହିଛି<br>
ବିଶ୍ୱାସ ହିନ୍ଦୁମାନଙ୍କର ।<br>
ସେଥିପାଇଁ ଅଜସ୍ର ଭିଡ<br>
ହୁଏ ପୁରୀ ରଥ ଯାତ୍ରାର ।

କୁହ କୁହ ପ୍ରଭୁ ! ଏହି ଅଘଟଣ<br>
ହେଲା କେଉଁ କାରଣର ?<br>
କେଉଁ ଭୁଲ, ରୀତି ନିତି ଅବା<br>
କାହାର ଦୋଷ ତୃଟିର ?<br>
ସବୁ କର ତୁମ୍ଭେ, ପୁଣି<br>
କରାଉ ଥାଅ, ଏହି ସଂସାର ସାଗରର ।<br>
ହେ ମହାପ୍ରଭୁ, ! ତୁମେ<br>
ଦୟା ଓ କ୍ଷମାର ଭଣ୍ଡାର ।<br>
ଆତ୍ମାର ସଦଗତି ଦିଅ ପ୍ରଭୁ ,<br>
ସେହି ମୃତ ଆତ୍ମାଙ୍କର,<br>
କ୍ଷତ ବିକ୍ଷତ, ପିଡିତମାନଙ୍କୁ<br>
ଆରୋଗ୍ୟ କର।

ଆହେ ଜଗବନ୍ଧୁ, ତୁମେ<br>
ଜଗତଠାକୁର<br>
ତୁମେ ନ ବୁଝିଲେ<br>
ବୁଝିବ ବା କିଏ। ?<br>
କ୍ଷମତା ବା ଅଛି କାହାର..... ??<br>
ତୁମେ ହିଁ ତ ଏକମାତ୍ର ଠାକୁର<br>
ସମଗ୍ର ଏହି ବିଶ୍ୱ ବ୍ରହ୍ମାଣ୍ଡର<br>
ତୁମକୁ ମୋର<br>
କୋଟି କୋଟି ନମସ୍କାର ।


♥ଅଙ୍ଗାର ଗଡିଆ, ବାଲେଶ୍ୱର




## ଆଦ୍ୟ ଆଷାଢ଼ର ପ୍ରଥମ ବରଷା


### ହରିଶ୍ଚନ୍ଦ୍ର ବେହେରା




ଆଦ୍ୟ ଆଷାଢ଼ର ପ୍ରଥମ ବରଷା ଛୁଇଁ ଦେଲା ଯେବେ ଦେହକୁ ମୋର
କେଉଁ ମେଘ ବାଳା ହୋଇଣ ବାଉଳା ଖୋଲି ଦେଲା ଯାଇ ପୃଥିବୀ ଦ୍ୱାର
ମାଟି ବାସ୍ନାରେ ଭରି ଗଲା ମୋର ଆବେଗ ସାଉଁଳା ପରାଣ ପୁର
ମୋ ମନ ବୀଣାରେ ଗାଇଲା କିଏ ସେ ଅନ୍ତର ଉଚ୍ଛୁଳା ମେଘ ମଲ୍ଲାର ।

ପାହାଡ଼ ଶିଖରେ ନାଚୁଛି ମୟୂର ମୟୂରୀ କଣ୍ଠରେ ଉଚ୍ଛୁଳା ଗୀତି
ଆକୁଳ ନୟନେ କେଉଁ ବିରହିଣୀ କେତେ ଦୂରେ ତା'ର ପରାଣ ସାଥି
ପ୍ରେମ ପୂଜାରିଣୀ ସଜେଇ ରଖିଛି ଅଭିସାର ଲାଗି ହୃଦୟ କୁଞ୍ଜ
ହେନା ଚାମେଲିର ଭୁରୁ ଭୁରୁ ଗନ୍ଧେ ମହକି ଯାଉଛି ବରଷା ସଞ୍ଜ ।

ଯୋଖୁଛି କନ୍ଦର୍ପ ଭାଙ୍ଗିବାକୁ ଦର୍ପ ପଞ୍ଚ ଫୁଲଶର ଧନୁ ଟଙ୍କାର
ନାଚୁଛି ବରଷା ଅନାହତ ଛନ୍ଦେ ରୁଣୁଝୁଣୁ ବାଜେ ପାଦ ନୂପୁର
କାହା ତୃଷାତୁର ଶୁଖିଲା ଓଠରେ ବର୍ଷା ଆଂକୁଛି ନହୁଲି ଚୁମା
ନିଦାଘ କଷଣ କେତେ ଯେ ଦାରୁଣ ଭୁଲି ହେଉ ନାହିଁ ଯାତନା ଜମା ।

ପିଲାଦିନ ମୋର ଭସେଇ ନେଇଛି କାଗଜ ଡଙ୍ଗାରେ ବୋଝେଇ କରି
ଦେ'ରେ ବରଷା ଫେରେଇ ଦେ' ମୋ ଯାହା ଲାଗି ନିତି ହେଉଛି ଝୁରି ।


❤ କଲ୍ୟାଣ ନଗର, ବାଲେଶ୍ୱର- ୧
ମୋ -୯୪୩୭୮୧୩୭୦୮


## ନିର୍ଦ୍ଧାରିତ ସଞ୍ଜ କାଳରେ




### ପ୍ରଶ୍ନ କୁମାର ଶତପଥୀ


ସନ୍ଧ୍ୟା ଖାଲି ବ୍ୟାକୁଳତା ପ୍ରକାଶଇ
ତାଳବନ ଇଲାକାରେ,
ଚହଟଇ ଶୂନ୍ୟ ରେ ରଙ୍ଗିନ ମେଘ
ତାଳବନ ଚେହେରାରେ ।

ରଙ୍ଗିନ ମେଘ ସମୂହ ସଞ୍ଜକାଳେ
ଝରୁଥିଲେ ନିଶ୍ଚିତରେ,
ତାଳବନ ଭିଜୁଥିଲା ଅତିରିକ୍ତ
ମେଘର ସୁଧା ଝରରେ ।

ତାଳବଣ ମେଘେ ଭିଜି ଭରିଥିଲା
ମେଘର ଶବ୍ଦଲହରୀ,
ମେଘ ଶବ୍ଦଲହରୀରେ ସନ୍ଧ୍ୟା ପାଦ
ଚାଲୁଥିଲା ଥିରିଥିରି ।

ଅନ୍ଧାର ମାଡ଼ି ଆସୁଥିଲା ନିଃଶବ୍ଦେ
ଏଇ ମଧୁ ତାଳବନେ,
ରାତି ସହ ସନ୍ଧ୍ୟା ଆଳାପ ବିଶ୍ୱାସେ
ମିଶିଥିଲା ଭାବମନେ ।


❤ ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ




## ବର୍ଷା


### ଉଦ୍ଧବ ଚରଣ ସାହୁ




ବର୍ଷା.....
ତୁମେ ଆସିବ ଆସିବ ବୋଲି
ଆମେ ରହିଛୁ ଚାହିଁ,
ତୁମେ ଆସିଲେ ଅସହ୍ୟ ତାତି ହଟିବ
ଆକାଶରେ କଳା ମେଘ
ଘୋଟିବ, ତୁମ ଆଗମନେ
କେକୀ ନାଚିବ, ମଣ୍ଡୁକ
ଝିଙ୍କାରିର ରଡ଼ି ଶୁଭିବ ।

ବର୍ଷା.....
ତୁମେ ଆସିଲେ ନଦ, ନଦୀ ଝରଣା
ପୁରି ଉଠିବ, ନୀଳ ଜଳରାଶି
ଝର ଝର ବହିବ,
ଆକାଶରେ ମେଘ ମଲ୍ଲାରର ଗୀତି ଶୁଭିବ ।
ପାଦପ ମାଳ ମାଳ ସବୁ
କଅଁଳି ଯିବେ, ସାଧବବୋହୂମାନେ
ସବୁଜ ଘାସରେ ମଖମଲି ପାଟର
ଭ୍ରମ ସୃଷ୍ଟି କରିବେ,
ଗାଁର ପିଲାମାନେ କାଗଜର ଡଙ୍ଗା
ଭସାଇ ନାଚି ଉଠିବେ ।

ବର୍ଷା.....
ତୁମ ଆଗମନେ କଳା ମେଘ
ଢ଼ାଙ୍କିବ, କଳା ବାଦଲ କୋଳେ
ଚପଳା ଖେଳିବ, ଇନ୍ଦ୍ରଧନୁର
ସପ୍ତରଙ୍ଗରେ ଆକାଶ ଶୋଭା ଦିଶିବ ।

ବର୍ଷା.....
ତୁମ ଆଗମନେ ଦିନଟା ରାତି ସମ ଦିଶିବ,
ନବଦମ୍ପତିର ମନ ଉତ୍ତାଳ ହେବ,
ବେଙ୍ଗ ବେଙ୍ଗୁଲିର ମନେ ହର୍ଷ ଭରିବ ।

ବର୍ଷା......
ତୁମ ଆଗମନେ ମାଟି ମହ ମହ ବାସିବ,
ଚାଷୀ ଭାଇଇ ବିଭୋର ହେବ,
ଚାଷ କରି ଧରାପୃଷ୍ଠକୁ
ଆହାର ଯୋଗାଇ ଦେବ ।

ବର୍ଷା.....
ତୁମେ ଆସିଲେ ଧରା ହସିବ
ସ୍ଥାବର ଜଙ୍ଗମ କିଟ ହେବେ
ବିଭୋର, ଆସିବ ସବୁଜ ବୃକ୍ଷର ସମ୍ଭାର,
ସୃଷ୍ଟି ହେବ ଅମ୍ଳଜାନ ଭଣ୍ଡାର ।


❤ ପଦ୍ମିନୀ ନିବାସ
ଏମ.ଜି.ରୋଡ , ଜୁନାଗଡ଼
ମୋ: ୯୪୩୭୦୭୧୭୩୬


## ବାନପ୍ରସ୍ଥ


### ଡ. ଅନିଲ୍ ନନ୍ଦ




କାଖରେ ବସି
ଆକାଶର ନକ୍ଷତ୍ର ଧରିବାକୁ
ତାଲିମ ପାଇଥିବା ଶିଶୁମାନେ
ଏବେ ବଢ଼ି ଗଲେଣି
ବଡହେଇ ଅଜ୍ଞାତବାସରେ
ଜହ୍ନ, ତାରା ଓ ବୈକୁଣ୍ଠ
ଖୋଜିବାରେ ବ୍ୟସ୍ତ ।

ପଛକଥା ଭାବି ଭାବି
ଆକାଶ ଆଡ଼କୁ ଲମ୍ୱିଯାଏ ହାତ
କେହି ପଚାରିଲେ କହିବାକୁ ହୁଏ
ସେମାନେସବୁ ସପ୍ତର୍ଷି
ଆଦୌ ଛୁଇଁ ହେଉନଥିବା ଧ୍ରୁବତାରା
କିମ୍ୱା ବାରବର୍ଷ ପରେ ଇନ୍ଦ୍ର ହେବାକୁ
କଠୋର ସାଧନାରେ ମଗ୍ନ ।

ଏପାଖେ ଭାଗ୍ୟର କରାମତି
ଦିନମାନେ ରାତ୍ରୀ ଭଳି
ଅନ୍ଧାରରେ ଲୁଚେଇ ପାରନ୍ତି
ଅକୁହା ବେଦନା ।

ଚାରିକାନ୍ଥ ଭିତରେ
ବନ୍ଧା ପଡ଼ିଛି ଜୀବନ
ନିଃସଙ୍ଗତାରେ ନିତ୍ୟ ପୂଜାପାଠ
ବାର୍ଦ୍ଧକ୍ୟ ସଙ୍ଗେ ନିଇତି ବିବାଦ ।

ଝିଙ୍କି ନେଉଥିବା ସମୟ ପିଠିରେ
ମଳିନ ଆଖିର ଟୋପା ଟୋପା ଲୁହ
ବୈରାଗୀମାନେ ବାଛିନେଲେଣି ବାନପ୍ରସ୍ଥ
କହିବେ ମୂକସାକ୍ଷୀ ଦଶଦିଗପାଳ ।


❤ କ୍ୟାମ୍ପସ -୯,କିଟ୍
ମୋ -୯୯୩୭୮୪୩୩୬୮


## ଧନ ଯଉବନ ନୁହେଁ ଚିରନ୍ତନ


### ତପନ କୁମାର ବେହେରା




ଧନ ଯଉବନ ନୁହେଁ ଚିରନ୍ତନ
ମାଟିରେ ମିଶିବ ଦିନେ
ମଣିଷ ଜୀବନ ଅଢ଼େଇ ଦିନକୁ
ରଖିଥିବୁ ବାବୁ ମନେ ।

ଆଣି ନାହୁଁ କିଛି ଆସିବାର ବେଳେ
ନେବୁ ନାହିଁ କିଛି ବାନ୍ଧି
ସବୁ ମୋର ବୋଲି ଆବୋରି ବସିଛୁ
ମିଛରେ ହୋଇଣ ଧନ୍ଦି ।

ଭାଇ ବନ୍ଧୁ ଜ୍ଞାତି ନୁହେଁ ଚିର ସାଥି
ନଯିବେ କେ ଅନ୍ତକାଳେ
କର୍ମ ଫଳ ସଦା ସାଥେ ଚାଲୁଥିବ
ନିୟତିର ଭାଗ୍ୟବଳେ ।

ମାୟାର କୁହୁଡ଼ି ରଖିଅଛି ଢାଙ୍କି
ତେଣୁ ତୁ ହେଉଛୁ ବାୟା
ମାୟା ତୁଟିଗଲେ ମରୀଚିକା ସମ
ନଥିବ ଟି ଆଉ କାୟା ।

କର୍ମମୟ ଏହି ସଂସାର ଭିତରେ
କର୍ମଟି ଅସଲ ଧନ
ଭୋଗକରି ଫଳ ବଳକା ବଳିଲେ
ପ୍ରାରବ୍ଧେ ହୁଅଇ ଗଣ୍ୟ ।

କର୍ମ ଘେନି କରି ଆସିଛୁ ସଂସାରେ
ସୁକର୍ମରେ ହେତୁ କର
ସୁଫଳ ମିଳିବ ମାନବ ଜୀବନେ
ଜଗତେ ହେବୁ ଅମର ।


❤ କାନପୁର, ନରସିଂହପୁର, କଟକ
ମୋ:୭୦୦୮୧୮୮୩୫୬


## ସମ୍ବଳ


### ଆନନ୍ଦ କୁମାର ମାଇତି




ମୁଁ ବା ନିଜ ପାଇଁ ସଂଚିଛି କେତେ ?
ଏ ଦୁନିଆକୁ ନିଜ ଆଖିରେ ଦେଖିଛି ଯେତେ
ହୁଏତ ସେତିକି ସଂଚିବା ମୋର ।
ଏଇ ଏତିକି
ଦିଗନ୍ତ ବିସ୍ତୃତ ଖଣ୍ଡେ ଆକାଶ ଆଉ
ସେଇ ଆକାଶରେ ମେଳି ବାନ୍ଧି ରହିଥିବା
ଆକାଶର ଅନନ୍ତ ଜୋଛନା ।

ମୁଁ ବା ଦୁନିଆକୁ ଦେଇଛି କେତେ ?
ଏ ଦୁନିଆ ଦାଣ୍ଡରେ ଠକିଛି ଯେତେ
ହରାଇବାର ଗ୍ଲାନି ସହିଛି ଯେତେ
ଗୋଟିଏ ଜୀବନରେ ଆଉ କେତେ ବା ପରାସ୍ତ
ହୋଇହୁଏ !

ମୋର ଏଇ ଯୌଥ ସଂଗ୍ରାମରେ
ମଜବୁତ୍ ହୋଇଥିବା ମୋ ପଦ ତଳ ମାଟି
ଗୋଟିଏ ଛାତ ତଳେ
ମଧ୍ୟବିତ୍ତ କାଇଦାରେ ଅଭିନବ ଭାବେ ବଞ୍ଚିବା
ସମ୍ବଳ ବା କେତେ
ନିଜ ହାତରେ ହାତ ରଖି
ଉପଯାଚକ ସମ୍ପର୍କରେ ଭରସା କରି
କେବଳ ମନ୍ ବୁଝେଇ
କିଛି ମାୟାବୀ ଅପରାହ୍ନ କୁ ଅତିକ୍ରମ
କରିଯିବା
ଆଉ କବିତା ଖାତାରେ ଲୁଚେଇ ରଖା
ଅବହେଳିତ ପ୍ରେମ ଚିଠି
ଯେଉଁ ଚିଠି ଏକଲା ବେଳେ ମେଘୁଆ
ପାଗରେ
ଭଲପାଇବା ର ଗପ କୁହେ
ଯାହା ମୋର ଈଶ୍ୱର ପ୍ରାଙ୍ଗଣରେ
ଅନନ୍ୟ ଦୁର୍ଲଭ ପରାଜିତ ।


ମୋ:୯୪୩୯୦୭୭୩୯୫


## ମଣିଷ


### ଡ. ଦୀପକ କୁମାର ମିଶ୍ର




ସ୍ୱାର୍ଥପରତାରେ ସ୍ନାତକ କରିଚି
ମଣିଷ ଜାତିଟି ଭାଇ
ଗମ୍ଭାପୁନେଇଁ କି ମାଇଁ ମାଇଁ ଡାକେ
ବିପଦରେ ଦେଖା ନାହିଁ ।

ଓଠରେ ଧରିଚି ଅମୃତ ଆଟିକା
ହୃଦୟରେ ସପ୍ତଫେଣି
କାର୍ଯ୍ୟସିଦ୍ଧି ବେଳେ ମଉସାକୁ ବାପା
ଡାକୁଥାଏ ଗଣିଗଣି ।

ଅରକ୍ତ ସମ୍ପର୍କ ଅଜାଡ଼ିଣ ଦିଏ
ଆଶ୍ୱୟକ ଅନୁକମ୍ପା
ଯେଉଁ ଗଛଟିରେ ଢାଳୁଥିବ ପାଣି
ଦିଏ ନାହିଁ ଫୁଲ ଜମା ।

ନିଜକୁ ଭାବଇ ଡାମରା କାଉଟି
ଚାତୁର୍ଯ୍ୟରେ ବିଶାରଦ
ଉପବିଷ୍ଟ କରେ ବିଷ୍ଠା ଯେଉଁଠାରେ
କଥାଟିକୁ ମଣ ସତ ।

ସୁଆଦିଆ ତୁଣ ଦେହକୁ ଅହିତ
ନିମ୍ବଶାଗ ଲାଗେ ପିତା
ମଣିଷ ଚିହ୍ନିକି ସମ୍ପର୍କ ରଖିବୁ
ଟିପିକି ରଖିଥା' କଥା ।


❤ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦




## ଆମକୁ କହିବ କିଏ ?


### ଶିଶିର କୁମାର ପଣ୍ଡା


ବାଆଁରୁ ଡାହାଣ ନଜର କରେ ମୁଁ
ଆଗକୁ ପଛକୁ ଜଗି
ପୋଖରୀ ହୁଡ଼ାରେ ବାଟ କଡ଼େ କଡ଼େ
ଯତନରେ ଦିଏ ହଗି ।
ହଗିବା ଷ୍ଟାଇଲି ଦେଖିଲେ ମୋହର
ତମେ ବି ହୋଇବ ଟେରା
ଫିଲିମି ସୁଟିଙ୍ଗି କରିବ ଆସିକି
ଗାଆଁରେ ପକେଇ ଡେରା ।
ଏଇ କାମ ଆମ ବଂଶ ବୁନିଆଦି
ଆମକୁ କହିବ କିଏ
ଯଦିବା କହିଲା ବେହିଆ କିଏସେ
ମୁଉଁ ଖାଲି ହସି ଦିଏ ।
ସ୍ୱଚ୍ଛ ଭାରତର ଅଭିଯାନରୁ ବା
ଆମର କି ଯାଏ ଆସେ
ଏତିକି ଜାଣିଛି ଆମ ପାଇଖାନା
ଅତର ଭଳିଆ ବାସେ ।
କାଠ ଚାପୁଡ଼ିଆ କୁହପଛେ ମତେ
ହଗୁଛି ହଗିବି ଜାଣ
କାଟୁ କରିବନି ମତେ କେବେ ଆଉ
ତୁମର ଶବଦ ବାଣ ।


❤ କୁଆଁସ, ମେରଦା କାଟିଆ, ଯାଜପୁର
ମେ: ୮୯୮୧୭୩୭୨୨୮


## କବିତାମାଡେ କବିଙ୍କୁ


### ଭରତ ଚନ୍ଦ୍ର ଦାଶ




ମେଘ ମେଦୁର ଆକାଶ
ଏକା ଏକା କବି
ଦୁଇଚକ୍ର ଯାନେ
ପୂର୍ଣ୍ଣଚନ୍ଦ୍ର ମହାଲିକ୍ ।

କାନ୍ଧରେ
ଶାନ୍ତି ନିକେତନ ଝୁଲା
ଝୁଲାରେ କବିତାର ସ୍ୱପ୍ନ
ଶବ୍ଦରେ ଏଣେତେଣେ
ଅନାବନା ହୋଇପଡିଛନ୍ତି ।

ଶବ୍ଦକୁ ସଜାଡିବାକୁ ହେବ
ସ୍ୱପ୍ନକୁ ଗୁନ୍ଥିବାକୁ ପଡିବ
ହେଲେ ସମୟ କ'ଣ
ଡର ଦେଉଛି କବିଙ୍କୁ ।

କବି ପୂର୍ଣ୍ଣଚନ୍ଦ୍ର ପୂର୍ଣ୍ଣିମାର ବିକିଶିତ
ଔଜଲ୍ୟରେ
ଆଲୋକିତ ସବୁ ଅନାଲୋକିତ
ଅନାଲୋଚିତ ସତ୍ତା
ଶବ୍ଦମାନେ କଥାବାର୍ତ୍ତା ହୋଇ
ଆସନ୍ତି ହାତକୁ ହାତଛନ୍ଦି
ଟିପା ଖାତାରେ
ଏଣୁ ତେଣୁ ଗାରେଇ ପକାନ୍ତି କବି
ସେ ଦ୍ରଷ୍ଟା ସେ ସ୍ରଷ୍ଟା ।

କବିତା କବିଙ୍କୁ ମାଡେ
ହାତରେ ଆକବରୀ ମାର୍କା
ଗୁଡାଖୁ ଧରି କବି
ପ୍ରସବିବା ପାଇଁ ଦୌଡ଼ନ୍ତି
ଖୋଜାପଡେ ଟିପାଖାତା
ଶାନ୍ତି ନିକେତନ ଝୁଲା
ସଭାରେ ମିଳିଥିବା କଲମ
କଲମ ବଲମ ପରି ଚାଲେ
କବିତା ଆପଣାଛାଏଁ ରୂପନିଏ ।


❤ ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ବାଲେଶ୍ୱର -୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## ଜୀବନ ଚିତ୍ର


### ଆଦ୍ୟାଶା ମହାପାତ୍ର




ଜୀବନ ତା' ଚଲାପଥେ ଭେଟେ ଖାଲ ଢିପ
ପ୍ରାନ୍ତ ବିନ୍ଦୁ ରହେ ଦୂରେ ପୁରେନା ସଂକଳ୍ପ,
ପଥପ୍ରାନ୍ତେ ଭେଟେ ଖରା କେବେ ପୁଣି ଛାଇ
ଅବସନ୍ନ ମନ ତା'ର ମାରେ ଦୀର୍ଘ
ହାଇ..!!

ଉଇଁଥିଲା ଯେଉଁ ସୂର୍ଯ୍ୟ ପ୍ରଭାତ ପ୍ରହରେ
ସଞ୍ଜ ଆସି ପୋଛିଦେଲା ତା ଛବି ସଧୀରେ,
ରାତ୍ରି ହେଲା ଉପଗତ ଗୋଟାଇ ଅନ୍ଧାର
ସତେ ଅବା ଅବସାଦେ ବ୍ୟଥିତ
ବିଧୁର...!!

ରତିଏ କାମନା କ୍ଷଣେ ହୋଇଯାଏ ଇତି
ଚିତ୍ତ ଗହନରୁ ହଜେ ପ୍ରୀତି ମଧୁରାତି,
ବାକି ରହେ ସଂସାରରେ ସ୍ୱପ୍ନ ଅଭିଳାଷ
ଜୀବନ ନିର୍ଯ୍ୟାସ କ୍ରମେ ହୁଅଇ
ନିଃଶେଷ...!!

ଦୁଃଖ ସୁଖ ସମାହାର ଏଇ ତ ଜୀବନ
ଅବସୋସ ଭୁଲି କର ତା'ରେ
ଜୟଗାନ...!!


❤ ନୂଆପଡା, କଟକ


## କୁସୁମାଞ୍ଜଳି


### ସାବିତ୍ରୀ ମଲ୍ଲିକ




କୁସୁମ ଅଞ୍ଜଳି ଅର୍ପିଦେଇ କରି
ପ୍ରଭୁଙ୍କ ପୟରେ ପଡ଼ି,
କାମନା ବାସନା ପୂରଣ ହେବାକୁ
ଭକ୍ତଥାଏ ହାତ ଯୋଡ଼ି ।

କଳିଯୁଗେ ପ୍ରଭୁ କାଳିଆ ନାମରେ
ଦାରୁ ରୂପେ ବସିଛନ୍ତି,
ପୂରୁବ ଜନ୍ମର କରମକୁ ଦେଖି
ଫଳ ଯାଚିକରି ଦ୍ୟନ୍ତି ।

ସଭିଙ୍କ ଘଟରେ ରହିକରି ପ୍ରଭୁ
ଜାଣନ୍ତି ସକଳ କଥା,
ଭକତ ଜନଙ୍କ ଦୂର କରିଥାନ୍ତି
ହୃଦୟର ଯେତେ ବ୍ୟଥା ।

ଦାସିଆ ବାଉରୀ ଭକ୍ତସାଲବେଗ
ଭକତିରେ ଅନ୍ଧ ହୋଇ,
ଶୁଣିଥିଲ ଡାକ ଆତୁର ହୋଇକି
ରତ୍ନ ସିଂହାସନେ ଥାଇ ।

ଅନାଦି ଅନନ୍ତ ନାହିଁ ତୁମ ଅନ୍ତ
ସବୁଠାରେ ବିଦ୍ୟମାନ,
ଖୋଜିଲେ ଯେଉଁଠି ମିଳ ତୁମେ ସେଠି
ଶୁଣିଥାଅ ଡେରି କାନ ।

କଳିଯୁଗେ ତୁମେ କଳକୀ ରୂପରେ
ବେଗି ନେଇ ଅବତାର,
ସନ୍ତାନ କୁ ତୁମ ପାପୀଙ୍କ ପାଖରୁ
ଶିଘିର ଉଦ୍ଧାର କର ।


❤ ଦଶରଥପୁର, ଯାଜପୁର,
ଓଡ଼ିଶା


## ଅନ୍ଧାର


### ରଶ୍ମୀ ସାମଲ




ଭାଙ୍ଗିଯାଇଥିବା ମନଟି ଆଜି ଅନ୍ଧାରରେ
କାହିଁ ମୁଣ୍ଡ ଟେକି ଚାହୁଁଛି
ଆକାଶରେ ସେହି ତାରାମାନଙ୍କର
କିଛି ଟୁପୁର ଟାପୁର କଥାକୁ
ସେ ଠିକ୍ ଶୁଣି ପାରୁଛି,
ବିଶ୍ୱାସ ଓ ଅବିଶ୍ୱାସର
ଅଧା ଗଢ଼ା କାହାଣୀର ବିଷୟବସ୍ତୁକୁ ।

ଆଜିବି ସେହି ସୁଖ ଦୁଃଖର ମୁହୂର୍ତ୍ତକୁ
ସତେଜ ରଖିବା ପାଇଁ
ଭାବନାର ଜଳକୁ ଛିଞ୍ଚନ କରୁଛି
ସ୍ମୃତି ସବୁ ଯେପରି ଝାଉଁଳି ନଯାଉ
ଶୀତ କାକର ଆଉ ବର୍ଷା ରାସ୍ତାରେ
ଜଡ଼ସଡ଼ ଦିନର ଆଦରପଣ ଓ ମିଠା ମିଠା
ମୁହୂର୍ତ୍ତସବୁ ମଳିନ ନ ପଡୁ ।
ଜାଣିଛି ସବୁ ଇଛା କେବେ
ପୂରଣ ହୋଇ ପାରେନା
କିଛି ଭାବନା ମଧ୍ୟ ଶୂନ୍ୟରେ ଲୀନ
ହୋଇଯାଏ ।
ସେ ଦିନ ରଙ୍ଗୀନ ପ୍ରଜାପତିଟା
ଏ ଫୁଲରୁ ସେ ଫୁଲକୁ ଡେଉଁଥିଲା
ଟିକେ ମୁରୁକି ହସିଦେଇ
ଫୁଲଟି ଲାଜେଇ ଯାଉଥିଲା,
ଲାଜ ଲାଜ ଚାହାଣୀରେ ମୁହଁକାଢ଼ି ଦେଖୁଥିଲା
ବିନା ମେଘରେ ଆକାଶରେ ବିଛାଡି ହୋଇ
ପଡ଼ିଥିବା ଇନ୍ଦ୍ରଧନୁର ସପ୍ତରଙ୍ଗକୁ ।

ସେ ଚାହାଣୀର ଭାଷାରେ ମନ
ହେଉଥିଲା ଆନମନା
ଆଙ୍କୁ ଥିଲା ହୃଦୟରେ ସେ
ଦୀର୍ଘ ରାସ୍ତାର ନକ୍ସା
କଷ୍ଟ ଓ କ୍ଲାନ୍ତି ସବୁ ବାଟ ଭାଙ୍ଗି
ଚାଲିଯାଉଥିଲା
ନଥିଲା କିଛି ପରାଜୟର ଭାବନା ।

ଏବେ ଠିକ ଦେଖିପାରୁଛି
ସେହି ସଜଫୁଟା ଫୁଲର ମଉଳା ଚାହାଣୀକୁ
ଜୀବନ ସାରା ସାଇତିଥିବା ନିସଙ୍ଗତାକୁ
ଏବେ ପଚାରୁଛି ଗୋଟିଏ ପ୍ରଶ୍ନ,
ପୁଣି କଣ କେବେ ଫେରିବ
ସେହି କଳା କିଟି କିଟି ଅନ୍ଧାରଟା ।


❤ ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

# ସମ୍ବଲପୁର, ବୌଦ୍ଧ ଏବଂ କେନ୍ଦୁଝରର ପ୍ରମୁଖ ରେଳ ପ୍ରକଳ୍ପ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ସମ୍ବଲପୁର ପରିଦର୍ଶନରେ ଯାଇ ଚାଲୁ ରହିଥିବା ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ନିରୀକ୍ଷଣ କରିବା ସହିତ ସମ୍ବଲପୁର-ଜରପଡା ରେଳ ସେକ୍ସନର ରେଳ ଭିତିଭୂମି ଓ ଯାତ୍ରୀ ପରିଷେବାକୁ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ ସହିତ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରକଳ୍ପ ନିର୍ମାଣକାରୀ ଅଧିକାରୀ ପ୍ରତିନିଧୀମାନେ ଶ୍ରୀ ଫୁଙ୍କୱାଲଙ୍କ ସହ ନିରୀକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ । ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉପାନ୍ତ ଅଂଚଳରେ ଏହି ସାର୍ବଜନୀନ କୈନ୍ଦ୍ରିକ ପ୍ରକଳ୍ପକୁ ରେଳ ମନ୍ତ୍ରଣାଳୟ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନଜର ରଖାଯାଇଛି ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୫୨.୮୦୫ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି। ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ସୁନିଶ୍ଚିତ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନର ନିର୍ମାଣ କାର୍ଯ୍ୟ ଚାଲୁରଖିଛି। ବର୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର କାର୍ଯ୍ୟ ସମାପ୍ତ ହୋଇଛି । ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିଲୋମିଟର ଦୈର୍ଘ୍ୟ ରେଳ ଲାଇନକୁ ଆସନ୍ତା କିଛି ମାସ ମଧ୍ୟରେ ଶେଷ କରିବାକୁ ରେଳବାଇ ଆଶା ରଖିଛି। ଭିତିଭୂମି ତଥା ବିକାଶମୂଳକ କାର୍ଯ୍ୟ ତଥା ଯାତ୍ରୀଙ୍କ ସୁବିଧା ଉପରେ ଧ୍ୟାନ ଦେଇ ଶ୍ରୀ ଫୁଙ୍କୱାଲ ସମ୍ବଲପୁର-ଜରପଡା ରେଳ ସେକ୍ସନକୁ ମଧ୍ୟ ନିରୀକ୍ଷଣ କରିଥିଲେ। ଏହି ପ୍ରକଳ୍ପଗୁଡିକର ଶୀଘ୍ର ସମାପ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଶ୍ରୀ ଫୁଙ୍କୱାଲ ଶନିବାର ଦିନ ଯଖପୁରା-ଜାରୋଲି ରେଳ ଲାଇନର କେନ୍ଦୁଝର-ନୟାଗଡ଼ ରେଳ ସେକ୍ସନ ନିରୀକ୍ଷଣ କରି କେନ୍ଦୁଝର ଅଞ୍ଚଳରେ ଯାତ୍ରୀଙ୍କ ସୁବିଧା ତଥା ଟ୍ରାଫିକ ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ଯାତ୍ରୀମାନଙ୍କ ସୁବିଧା ପାଇଁ ନୟାଗଡ଼ ଏବଂ କେନ୍ଦୁଝରଗଡ଼ ଷ୍ଟେସନରେ ଯାତ୍ରୀ ପରିଷେବା ସୁଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଅଧିକାରୀ ମାନଙ୍କୁ ଆଦେଶ ଦେଇଛନ୍ତି। ଲୋକୋ ପାଇଲଟ୍, ଆସିଷ୍ଟାଂଟ ଲୋକୋ ପାଇଲଟ୍ ଏବଂ ଟ୍ରେନ୍ ମ୍ୟାନେଜରଙ୍କ ସମେତ ରନିଙ୍ଗ କର୍ମଚାରୀଙ୍କ ପାଇଁ ଏକ କଲ୍ୟାଣମୂଳକ ପଦକ୍ଷେପରେ ଶ୍ରୀ ଫୁଙ୍କୱାଲ୍ ରନିଙ୍ଗ ରୁମରେ ଥିବା ସୁବିଧାଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ମହାପ୍ରବନ୍ଧକ ମଧ୍ୟ ସେମାନଙ୍କର ଆବଶ୍ୟକତା ବୃଦ୍ଧି କରାଇବା ପାଇଁ କର୍ମଚାରୀଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ ଏବଂ ସେମାନଙ୍କ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ।

## ହଂସ ଖୋଜିବାକୁ ଯାଇ ପୋଖରିରେ ବୁଡି ଯୁବକ ମୃତ

ମାଲକାନଗିରି, ୨୨/୦୭ (ନି.ପ୍ର): ମାଲକାନଗିରି ସଦର ମହକୁମା ଏୟାରପୋର୍ଟ ନିକଟସ୍ଥ କାଦବହାଲ ଗାଁ ରେ ଘଟିଛି ଅଭାବନୀୟ ଘଟଣା । ଆଜି ସକାଳୁ ଗ୍ରାମ ପୋଖରୀରେ ଜଣେ ଯୁବକଙ୍କ ଶବ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଉକ୍ତ ଯୁବକଙ୍କ ଶବକୁ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରିଥିଲେ । ସୂଚନା ଅନୁଯାୟୀ, ଯୁବକଙ୍କ ନାମ ସହଦେବ ଜାନି ବୟସ ପ୍ରାୟ ୩୬ ହୋଇଥିବା ବେଳେ ସେ ଗତକାଲି ସନ୍ଧ୍ୟାରେ ନିଜ ପାଳିତ ହଂସ ଗୁଡ଼ିକୁ ଘରକୁ ଘଉଡ଼ାଇ ନେବା ପାଇଁ ନିକଟସ୍ଥ ପୋଖରୀକୁ ଆସିଥିଲେ । ଗତକାଲି ପ୍ରବଳ ବର୍ଷା ଯୋଗୁଁ ଗୋଡ଼ଖସି ପୋଖରୀ ଭିତରକୁ ଖସି ପଡ଼ିଥିବା ଅନୁମାନ କରାଯାଉଛି । ରାତି ତମାମ ପରିବାର ଲୋକେ ବହୁତ ଖୋଜାଖୋଜି କରି ନିରାଶ ହୋଇଥିଲେ ଆଜି ସକାଳୁ ମୃତଦେହ ଉଦ୍ଧାର ହେବାପରେ ପରିବାରେ ଶୋକର ଛାୟା ଖେଳିଯାଇଛି । ପୋଲିସ ଉକ୍ତ ମୃତଦେହକୁ ଜବତ କରିବା ସହ ଶବବ୍ୟବଛେଦ ପାଇଁ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛନ୍ତି । ଗ୍ରାମବାସୀଙ୍କ ପକ୍ଷରୁ ମୃତ ବ୍ୟକ୍ତିଙ୍କ ପରିବାର ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସହାୟତା ଦାବି କରାଯାଇଛି ।

# ଦୁଇଟି କଲରା ପତ୍ରିଆ ବାଘ ଛାଲ,୬ ଟି କୁଟୁରା ଛାଲ ଜବତ: ସହ ୬ ଗିରଫ

କନ୍ଧମାଳ, ୨୨/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ରେଞ୍ଜ ବନବିଭାଗକୁ ମିଳିଛି ବଡ଼ ସଫଳତା । ଗତ ବୁଧବାର ଭୋର ୩ ଟା ସମୟରେ ଟିକାବାଲି ପକ୍ଷରୁ ପେଟ୍ରୋଲଙ୍ଗି ହେଉଥିବା ବେଳେ ବେହେରା ଗାଁରୁ ଲାଇନପଡାକୁ ସଂଯୋଗ କରୁଥିବା ଜଙ୍ଗଲ ମଧ୍ୟରେ ଏକ ବାଇକରେ ବାଘ ଛାଲ ନେଇ ଯାଉଥିବା ଖବର ପାଇ ଟିକାବାଲି ବନ ବିଭାଗ ଦଳ ଖଜୁରୀପଡା ଡାଞ୍ଜୁ ଗ୍ରାମର ଧନେଶ୍ୱର ନାୟକ( ୬୦), ଗୁମୁରି ଖୋଲ ଗ୍ରାମର ଶରତ ମଲ୍ଲିକ (୨୫) ଦୁଇ ଜଣଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିଲା । ଏହି ଦୁଇ ଆସାମୀଙ୍କ ବୟାନ ଅନୁଯାୟୀ ଆଉ ଚାରି ଜଣଙ୍କୁ ଆଜି ଗିରଫ କରିବାରେ ସଫଳ ହୋଇଥିଲା । ପରେ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, ବନପାଳ ଶ୍ରୀଧର ସାହୁ, ସମେତ ଉଭୟ ଟିକାବାଲି ଓ ଚକାପାଦ ବ୍ଲକର ବନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଅଧିକ ତଦନ୍ତ ପରେ ଆଉ ଚାରି ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ କ୍ଷ ସେମାନେ ହେଲେ ଖଜୁରୀପଡା ବ୍ଲକ ର ଖଉମୁଣ୍ଡା ଗ୍ରାମର ଗୌରାଙ୍ଗ ମଳିକ ଓରଫ (ନୀଳ)( ୨୫),ସଦାନନ୍ଦ କହଁର (୩୦),ବର୍ଡିଗୁଡା ଗ୍ରାମର ସନ୍ତୋଷ ମଲ୍ଲିକ (୪୦) ଡାଞ୍ଜୁ ଗ୍ରାମର ବିବସ୍ଥ ମଲ୍ଲିକ (୩୦) ଙ୍କୁ ଗିରଫ କରି ଏକ ମାମଲା ରୁଜୁ ଏମାନଙ୍କ ଠାରୁ ଦୁଇ ଗୋଟି କଲରା ପତ୍ରିଆ ବାଘ ଛାଲ , ୬ ଟି କୁଟୁରା ଛାଲ,ଦୁଇଟି ଗୋଧି ଛାଲ, ଗୋଟିଏ ଦେଶୀ ବନ୍ଧୁକ, ୨ ଟି କୁଟ୍ରା ସିଙ୍ଗ, ଫାସ ସାତ ଗୋଟି, ବାଟୁଳିଖଡା ଦୁଇଟି, ଶର ଏକ ଗୋଟି,ଜବତ କରି , ୬ ଜଣ ଆସାମୀକୁ ଗିରଫ କରି କେସ ନଂ ଓ ଆର୍ ୫୮/ଓଏଫ୍ ୨୪ରେ ମାମଲା ରୁଜୁ କରି ଆଜି ଜି. ଉଦୟଗିରି ଏସଡ଼ିଜିଏମ କୋର୍ଟକୁ ଚାଲାଣ କରାଯାଇଛି । ଏ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଡ଼ି ଏଫ ଓ ପ୍ରଶାନ୍ତ ପଟେଲ କହିଛନ୍ତି ।

# ବାଂଲାଦେଶ ହିଂସା ମଧ୍ୟରେ ୪ଶହ ଛାତ୍ର ଭାରତୀୟ ସୀମାରେ ପ୍ରବେଶ

କୁଚବିହାର, ୨୨/୦୭ (ନି.ପ୍ର): ବାଂଲାଦେଶରେ ଚାଲିଥିବା ବିକ୍ଷୋଭ କାରଣରୁ ପରିସ୍ଥିତି ଖରାପ ହେବାରେ ଲାଗିଛି । ଛାତ୍ର ଆନ୍ଦୋଳନ ମଧ୍ୟରେ ୪ଶହ ଛାତ୍ରଛାତ୍ରୀ ବାଂଲାଦେଶରୁ ଚେଂଗରାବାଂଧା ସୀମା ମାଧ୍ୟମରେ ଭାରତରେ ପ୍ରବେଶ କରିଛନ୍ତି । ରବିବାର ସକାଳେ ଭାରତରେ ପ୍ରବେଶ କରିବା ପରେ ଛାତ୍ର-ଛାତ୍ରୀମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି । ସକାଳେ ପୋଲିସ ପକ୍ଷରୁ ଚେଂଗରାବାଂଧା ଚେକ ପୋଷ୍ଟରେ ଛାତ୍ରଛାତ୍ରୀଙ୍କୁ ବସରେ ବିଭିନ୍ନ ଅଂଚଳକୁ ପଠାଇବାକୁ ବ୍ୟବସ୍ଥା କରାଯାଇଛି । ମେଡିକାଲ ଟିମ୍ ମଧ୍ୟ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି । ସଂରକ୍ଷଣ ଆନ୍ଦୋଳନକୁ ନେଇ ବାଂଲାଦେଶରେ ପରିସ୍ଥିତି ବିଗିଡିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି କର୍ଫ୍ୟୁ ଜାରି ହୋଇଛି । ଇଂଟରନେଟ-ଟେଲିକମ ସଂଚାର ବ୍ୟବସ୍ଥା ଠପ ହୋଇପଡିଛି । ପରବର୍ତ୍ତୀ ନିର୍ଦ୍ଦେଶ ଯାଏ କଲେଜ ଓ ୟୁନିଭର୍ସିଟି ବନ୍ଦ ରହିଛି । ଏପରିକି ହଷ୍ଟେଲ ଖାଲି କରିବାକୁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଭୀଷଣ ପରିସ୍ଥିତିରେ ଛାତ୍ର-ଛାତ୍ରୀ ବାଂଲାଦେଶ-ଭାରତ ସୀମା ରାସ୍ତାରେ ଭାରତରେ ପ୍ରବେଶ କରୁଛନ୍ତି ।

ସହିଦ ଦିବସ ମଂଚରୁ ମମତାଙ୍କ ହୁଙ୍କାର-ଦେଶକୁ ବଂଚାଇବ ପଶ୍ଚିମବଙ୍ଗ

କୋଲକାତା, ୨୧ ଜୁଲାଇ - ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ରବିବାର ଧର୍ମତଲାରେ ସହିଦ ଦିବସ ସମାରୋହରେ ଦୁର୍ନୀତି ବିରୁଦ୍ଧରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି ବିଜେପିକୁ ନିଶାନା ସାଧିଛନ୍ତି । ମମତା କେନ୍ଦ୍ର ସରକାରକୁ ଚେତାବନୀ ଦେଇ ଦାବି କରିଛନ୍ତି ଯେ, କେନ୍ଦ୍ରରେ ଅଧିକ ଦିନ ଯାଏ ଏନଡିଏ ସରକାର ରହିବ ନାହିଁ । ପଶ୍ଚିମବଙ୍ଗ ହିଁ ଏହାର ରାସ୍ତା ଦେଖାଇବ ବୋଲି ସେ କହିଛନ୍ତି । ମମତା ବାନାର୍ଜୀ ନିଜ ପାର୍ଟିର ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ ସେ କୌଣସି ବି ପ୍ରକାରର ଅନିୟମିତତା ବରଦାସ୍ତ କରିବେ ନାହିଁ । ସେ କହିଛନ୍ତି ଯଦି କେହି ଭୁଲ କରିବ, ତେବେ ତାକୁ ଛଡାଯିବନାହିଁ । ଆମେ ଗିରଫ କରିବୁ । ଆପଣ ଭୁଲ କାମ କରନ୍ତୁ ନହିଁ ଏବଂ ଭୁଲକୁ ସହ୍ୟ କରନ୍ତୁ ନାହିଁ । ମହିଳାଙ୍କ ସମ୍ମାନ କରନ୍ତୁ । ଦଳରେ କାହା ବିରୁଦ୍ଧରେ ଅଭିଯୋଗ ଆସିଲେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଗୁରୁତ୍ୱ ଦେଇଛନ୍ତି । ଦଳର ନେତାଙ୍କୁ ସେ ଲୋଭ ନକରି ଯାହା କିଛି ସେମାନଙ୍କ ପାଖରେ ଅଛି, ସେଥିରେ ସନ୍ତୁଷ୍ଟ ରହିବାକୁ ପରାମର୍ଶ ଦେଇଛନ୍ତି ।

ମମତା ବାନାର୍ଜୀଙ୍କ ମଂଚରୁ କହିଲେ ଅଖିଳେଶ ଯାଦବ-କେନ୍ଦ୍ରରେ ଟିକିବ ନାହିଁ ଏନଡିଏ ସରକାର

କୋଲକାତା, ୨୧ ଜୁଲାଇ - ତୃଣମୂଳ କଂଗ୍ରେସର ସୁପ୍ରିମୋ ମମତା ବାନାର୍ଜୀଙ୍କ ସହ ରବିବାର କୋଲକାତାରେ ସହିଦ ଦିବସ କାର୍ଯ୍ୟକ୍ରମରେ ମଂଚ ସେୟାର କରି ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ ଏନଡିଏ ସରକାରକୁ କ୍ଷମତାରୁ ବେଦଖଲ କରିବା ପାଇଁ ସଂକଳ୍ପ ବ୍ୟକ୍ତ କରିବା ସହ ମମତା ବାନାର୍ଜୀଙ୍କ ନେତୃତ୍ୱର ପ୍ରଶଂସା କରିଛନ୍ତି । କେନ୍ଦ୍ରରେ ଏନଡିଏ ସରକାର ଅଧିକ ଦିନ ଯାଏ ଚାଲିବ ନାହିଁ ବୋଲି ସେ ଦାବି କରିଛନ୍ତି । ଅଖିଳେଶ ଯାଦବ କହିଛନ୍ତି ଯେ, ଦିଲ୍ଲୀରେ କ୍ଷମତା ବଜାୟ ରଖିବା ପାଇଁ ସେମାନେ କିଛି ବି କରିପାରିବେ । ଯେତେବେଳେ ଲୋକେ ଜାଗ୍ରତ ହୁଅନ୍ତି, ସେତେବେଳେ ସେମାନଙ୍କର ଏହି ମିଥ୍ୟା ପ୍ରଚାର ଧ୍ୱସ୍ତ ହୋଇଥାଏ । ଆମେ ନକରାତ୍ମକ ରାଜନୀତି କରୁନାହୁଁ, ବରଂ ସକରାତ୍ମକ ରାଜନୀତି କରୁ । ଲୋକଙ୍କ ଜୀବନରେ ପରିବର୍ତ୍ତନ ପାଇଁ ଆମକୁ ଏକଜୁଟ ହେବାକୁ ପଡିବ ।

# ଚଣ୍ଡିଖୋଲରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ସୁଧାର ପାଇଁ ଅଂଟା ଭିଡିଲେ ବଡଚଣା ବିଧାୟକ

ଧର୍ମଶାଳା, ୨୨/୦୭ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲ ଛକ ଏକ ମୁଖ୍ୟ ବ୍ୟବସାୟ କେନ୍ଦ୍ରଭାବେ ବେଶ୍ ପରିଚିତ । ଏଠାରେ ୨ଟି ଜାତୀୟ ରାଜପଥର ସଂଯୋଗିକରଣ ହୋଇଛି । ଏହି ଚଣ୍ଡିଖୋଲ ଛକ ଦୀର୍ଘ ଦିନ ହେବ ଟ୍ରାଫିକ୍ ସମସ୍ୟା ସହ ବିପର୍ଯ୍ୟସ୍ତ ପରିମଳ ସମସ୍ୟାକୁ ନେଇ ଅଂଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ଦୃଷ୍ଟିରେ ରଖି ବଡଚଣା ନିର୍ବାଚନ ମଣ୍ଡଳୀ ନୂତନ ବିଧାୟକ ଅମର ନାୟକ ଏହି ଘଟଣାକୁ ଗୁରୁତର ସହ ନେଇ ଆଜି ସୁଙ୍ଗୁଡା ପଂଚାୟତ ତତ୍ୱାବଧାନରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ନାୟକ ଯୋଗଦେଇ ନିଜ ହାତରେ ଅଳିଆ ଅବର୍ଜନା ସଫେଇ କରିଥିଲେ । ଛକର ଉଭୟ ପାର୍ଶ୍ୱରେ ଥିବା କିଛି ବ୍ୟବସାୟୀ ଜବର ଦଖଲ କରିବା ସହିତ ଏହି ସ୍ଥାନମାନଙ୍କରେ ଅଳିଆ ଅବର୍ଜନା ପକାଇବା ଦ୍ୱାରା ଟ୍ରାଫିକ ସମସ୍ୟା ବଢି ଯାଇଥିବା ବେଳେ ସେହି ସ୍ଥାନକୁ ସଫା କରିବା ସହ ବ୍ୟବସାୟୀଙ୍କୁ ଏଠାରେ ଅଳିଆ ନ ପକାଇବାକୁ ଚେତାବନୀ ଦିଆଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ ବଡଚଣା ବିଡିଓ ରିବନ୍ଦ୍ର କୁମାର ପ୍ରଧାନ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଅସିତ ବଳବନ୍ତରାୟ, ସରପଂଚ ଅଞ୍ଜୁଳତା ସ୍ୱାଇଁ, ସମିତି ସଭ୍ୟା ସିସ୍ମାରାଣୀ ସ୍ୱାଇଁ, ବିଜେପି ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ଜେନା, ଦେବଜାନୀ ପ୍ରଧାନ,ସୁଜିତ କୁମାର ଜେନା, ଗାୟତ୍ରୀ ରାଉତ, କିଶୋର ପଲେଇ, ପବିତ୍ର ବଳଙ୍କ ସମେତ ଚଣ୍ଡିଖୋଲ ବାରଆସୋସିଏସନ କର୍ମକର୍ତା, ମିଶନ ଶକ୍ତି କର୍ମକର୍ତା, ଟ୍ରକ୍ ଓ ବସ୍ ମାଲିକ ସଂଘର କର୍ମକର୍ତା ସାମିଲ୍ ହୋଇଥିଲେ ।

# ପ୍ରୋବସ୍ କ୍ଲବର ମାସିକ ବୈଠକ

ଗଂଜାମ, ୨୨/୦୭ (ନି.ପ୍ର): ରୋଟାରୀ କ୍ଲବ ଠାରେ ପ୍ରୋବସ କ୍ଲବର ବୈଠକ କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ରାଜ କିଶୋର ସ୍ୱାଇଁ ଓ ମୁଖ୍ୟ ଅତିଥି ଡା. ନକୁଳ ସାହୁ ମଂଚରେ ଉପସ୍ଥିତ ଥିଲେ। ଭାଗବାନଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସମ୍ପାଦକ ବିବରଣୀ ପାଠ କରି ଗତମାସରେ ଜନହିତରେ କରାଯାଇଥିବା କାର୍ଯ୍ୟର ସୂଚନା ଦେଇଥିଲେ। ବର୍ଷା ଦିନରେ କ୍ଲବ ପକ୍ଷରୁ ବୃକ୍ଷ ରୋପଣ ପାଇଁ ସ୍ଥିର ହୋଇଥିଲା। କୋଷାଧ୍ୟକ୍ଷ ବିଜୟ ଚଂଦ୍ର ବିଷୋୟୀ ହିସାବ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ବାର୍ଦ୍ଧକ୍ୟ କାଳୀନ ହୃଦ୍ ରୋଗ, ରକ୍ତଚାପ, ବାତ ରୋଗ, ଦୃଷ୍ଟି ମାନ୍ଦ୍ୟ, ପ୍ରୋଷ୍ଟେଟ ବୃଦ୍ଧି, ମଧୁମେହ ଆଦି ରୋଗର କାରଣ ନିରାକରଣ ସମ୍ବନ୍ଧରେ କହିଥିଲେ। ଦୀନବନ୍ଧୁ ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସହ ସଂପାଦକ ଜେ.ସୁଦର୍ଶନ ରାଓ, ସହ କୋଷାଧ୍ୟକ୍ଷ ଏ.ନାଗେଶ୍ୱର ରାଓ, ଇପାରି କେଶବ ରାଓ, ସୁରେନ୍ଦ୍ର ନାଥ ପଣ୍ଡା, ସିଏଚ୍.କାମେଶ୍ୱର ପାତ୍ର, ଜଗନ୍ନାଥ ପାଢ଼ୀ, ଏସ୍. ହରିହର ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ବ୍ରଜ ବିହାରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ନୃସିଂହ ପାଣିଗ୍ରାହୀ ଓ କମଳାକାନ୍ତ କାମ୍ପ ଏଥିରେ ସହଯୋଗ କରିଥିଲେ।

## ବଲାଙ୍ଗିର ନୃସିଂହ ମନ୍ଦିରଠାରେ ଗୁରୁ ପୂଜନୋତ୍ସବ

ବଲାଙ୍ଗିର, ୨୨/୦୭ (ନି.ପ୍ର): ସ୍ଥାନୀୟ ନୃସିଂହ ମନ୍ଦିର ଠାରେ ଗୁରୁଭାଇ ଓ ଭଉଣୀ ସେବା ସଂଘ ତରଫରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥିଲା । ସମସ୍ତ ଗୁରୁଭାଇ ଓ ଭଉଣୀଙ୍କ ଦ୍ୱାରା ପୂଜ୍ୟପାଦ ସଦଗୁରୁଦେବ ଶ୍ରୀ ଶ୍ରୀ ବ୍ରଜ ମୋହନ ଶରଣଦେବ, ମହନ୍ତ ନୃସିଂହ ମନ୍ଦିରଙ୍କ ଶ୍ରୀଚରଣରେ ଗୁରୁପୂଜନ କାର୍ଯ୍ୟକ୍ରମ କରାଯାଇଥିଲା । ଅଗଣିତ ଭକ୍ତମାନଙ୍କୁ ଅତି ଉପାଦେୟ ଗୁରୁ ଶିଷ୍ୟ ପରମ୍ପରା ତଥା ଆଶୀର୍ବଚନ ଦେଇଥିଲେ । ମହାସମାରୋହରେ ଆନନ୍ଦର ସହିତ ପୂଜନ, ଅର୍ଚନ, ଭଜନ ଓ କିର୍ତନ କରାଯାଇ ସମସ୍ତଙ୍କ ପାଇଁ ପ୍ରସାଦ ସେବନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ସମେତ ସୋନପୁର, ନୂଆପଡା, କଳାହାଣ୍ଡି ଇତ୍ୟାଦି ଜିଲ୍ଲାରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ ।

# ନୂଆଦିଲ୍ଲୀର ପ୍ରଗତି ମୈଦାନ ଏକ୍ସପୋ-୨୦୨୪ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷାରେ ଉତ୍କର୍ଷତା ପୁରସ୍କାର

ଜୟପୁର, ୨୨/୦୭ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ୨୧ ଜୁଲାଇ ୨୦୨୪ରେ ସରକାରୀ ଉପଲବ୍ଧି ଓ ଯୋଜନା ଏକ୍ସପୋ-୨୦୨୪ରେ 'ଉତ୍କୃଷ୍ଟ ଉଚ୍ଚଶିକ୍ଷା ପ୍ରଦାନ' ବର୍ଗରେ ପ୍ରଥମ ପୁରସ୍କାର ହାସଲ କରି ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଛି। ଏନଏନଏସ ମିଡିଆ ଗ୍ରୁପ ଦ୍ୱାରା ଆୟୋଜିତ ନୂଆଦିଲ୍ଲୀର ପ୍ରଗତି ମୈଦାନରେ ଅନୁଷ୍ଠିତ ଏହି ଏକ୍ସପୋରେ ସିୟୁଓ ଏହି ପୁରସ୍କାର ହାସଲ କରିଛି । ଏହି ଏକ୍ସପୋ ଜୁଲାଇ ୨୦ରୁ ୨୨, ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି ଏବଂ ଏଥିରେ ଦେଶର ବହୁ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କ ଦ୍ୱାରା ବିଭିନ୍ନ ଉପଲବ୍ଧି ଏବଂ ପଦକ୍ଷେପକୁ ପ୍ରଦର୍ଶିତ କରାଯାଉଅଛି । ସିୟୁଓ ପ୍ରତିନିଧି ଦଳରେ ଡ. ଗୁରଜିତ୍ ସିଂହ ୱାଲିଆ (ଆସୋସିଏଟ୍ ପ୍ରଫେସର ଓ ମୁଖ୍ୟ, ପରିସଂଖ୍ୟାନ ବିଭାଗ, ସଂଯୋଜକ), ଡ. ଜ୍ୟୋତିସ୍ମା ଦତ (ସହକାରୀ ପ୍ରଫେସର, ଗଣିତ ବିଭାଗ, ସହ ସଂଯୋଜକ), ଡ. ରବିତା ପାଠକ (ସହକାରୀ ପ୍ରଫେସର, ଶିକ୍ଷା ବିଭାଗ, ସଦସ୍ୟ) ଏବଂ ଡ. ଏଲିସା ମହାନ୍ତି (ସହକାରୀ ପ୍ରଫେସର, ସମାଜବିଜ୍ଞାନ ବିଭାଗ, ସଦସ୍ୟ) ଏହି ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ଏହି ଟିମ୍ ମାନ୍ୟବର ମନ୍ତ୍ରୀ, ଆଇଆଇଟି ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ଶିକ୍ଷାନୁଷ୍ଠାନର ପ୍ରତିନିଧି, ଗଣମାଧ୍ୟମ କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ସହ ଆଲୋଚନା କରିଥିଲେ। ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଗବେଷଣା ପ୍ରୟାସ ଏହି ପ୍ରଦର୍ଶନୀରେ ମୁଖ୍ୟ ଆକର୍ଷଣ ଥିଲା। ସିୟୁଓର ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇକେଏସ)କୁ ପାରମ୍ପରିକ କ୍ରିଡା ମହୋତ୍ସବ ଏବଂ ସନ୍ଥ କବି ଭୀମ ଭୋଇଙ୍କ ଉପରେ ଆନ୍ତର୍ଜାତିକ ସେମିନାର ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହିତ କରିବା ପାଇଁ ଉଲ୍ଲେଖନୀୟ କାର୍ଯ୍ୟକ୍ରମକୁ ସମସ୍ତଙ୍କ ଆଗ୍ରହ ସୃଷ୍ଟି କରିଥିଲା । କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମରେ ସିୟୁଓ ପକ୍ଷରୁ ଆୟୋଜିତ 'ସାକ୍ଷରତା ଅଭିଯାନ' ଏହି କାର୍ଯ୍ୟକ୍ରମରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ବିବେଚନା କରାଯାଇଥିଲା। ଏହାବ୍ୟତୀତ ହଷ୍ଟେଲ ବୋର୍ଡର୍ସଙ୍କ ପାଇଁ ଆର୍ଥିକ ସହାୟତା ଯୋଜନା, ଯାହା ସାମାଜିକ-ଅର୍ଥନୈତିକ ଅନଗ୍ରସର ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କୁ ଯଥେଷ୍ଟ ଫି ଛାଡ଼ ପ୍ରଦାନ କରେ, ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ସିୟୁଓର ଏହି ମଡେଲ କୁ ଅନ୍ୟ ଅନୁଷ୍ଠାନରେ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚିତ ହୋଇଥିଲା । କୁଳପତି ପ୍ରଫେସର ତ୍ରିପାଠୀ ଏହି ସଫଳତା ଏବଂ ବିଶ୍ୱବିଦ୍ୟାଳୟର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱବିଦ୍ୟାଳୟ ସମୁଦାୟ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଥିଲେ । ସେ ଆଶାବ୍ୟକ୍ତ କରିଥିଲେ ଯେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ମାର୍ଗଦର୍ଶନ ଓ ସହଯୋଗ ମାଧ୍ୟମରେ ଏହି ବିଶ୍ୱବିଦ୍ୟାଳୟ ସଫଳତାର ନୂତନ ଶିଖରରେ ପହଂଚିବ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

# ମାଲକାନଗିରିରେ ବନ୍ୟା ପରିସ୍ଥିତିରେ ଆସିଛି ସୁଧାର: ବିପଦ ସଂକୁଳ ପୋଟରୁ ପୋଲ

ମାଲକାନଗିରି , ୨୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଜାରି ରହିଛି ବର୍ଷା । ଲଗାଣ ବର୍ଷାରେ ବେହାଲ ମାଲକାନଗିରି ଜିଲ୍ଲା । ହେଲେ ଗତ ୩ ଦିନ ଧରି ବର୍ଷା ପାଣିରେ ବୁଡ଼ି ରହିଥିବା ପାଙ୍ଗାମ, ଏମଭି-୯୦, ଏମଭି-୯୬, ମହାରାଜପାଲି ଓ ପୋଟେରୁ ପୋଲ ଉପରୁ ପାଣି ତଳକୁ ଖସିଥିବା ବେଳେ କାଙ୍କୁରୁକୋଣ୍ଡା ପୋଲ ଉପରେ ସାମାନ୍ୟ ପାଣି ପ୍ରବାହିତ ହେଉଛି ।ହେଲେ ମାଲକାନଗିରିଠାରୁ ମୋଟୁ ପର୍ଯ୍ୟନ୍ତ ୩୨୬ ନଂ ଜାତୀୟ ରାଜପଥର ଗମନାଗମନ ସ୍ୱାଭାବିକ ହୋଇନାହିଁ । ବନ୍ୟା ପାଣିରେ କ୍ଷତିଗ୍ରସ୍ତ ହୋଇଛି ପୋଟେରୁ ପୋଲ । ପୋଲ ଉପରେ ବଡ଼ ବଡ଼ ଗଛ ଆସି ଲାଗି ରହିଥିବା ବେଳେ କଂକ୍ରିଟ୍ ଛାତ ଉଠି ଯାଇଥିବା ଦେଖିବାକୁ ମିଳିଛି । ରାଜପଥ ବିଭାଗ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ପୋଲ ମରାମତି ପରେ ଯାନ ବାହାନ ଚଳାଚଳ ହୋଇଥିଲା ।ଗତ ୩ ବର୍ଷ ତଳେ ପୋଟରୁ ପୋଲ ରେ ବନ୍ୟା ଯୋଗୁଁ ଉପର ସ୍ଲାବ ଭାଙ୍ଗି ଯାଇଥିଲା ଜାତୀୟ ରାଜପଥ ପକ୍ଷରୁ ଏହାର ମରାମତି କରାଯିବା ସହ ଏହି ପୋଲ କୁ ବିପଦ ସଂକୁଳ ବୋଲି ଘୋଷଣା କରିଥିଲା ! ମାଲକାନଗିରିଠାରୁ କାଲିମେଲା -ମୋଟୁ ଓ ପଡ଼ିଆ ମଧ୍ୟରେ ଯୋଗାଯୋଗ ବର୍ତ୍ତମାନ ସୁଦ୍ଧା ବିଚ୍ଛିନ୍ନ ରହିଛି । ଅନେକ ପୋଲର ଦୁଇ ପାର୍ଶ୍ୱରେ ଅନେକ ଯାନ ବାହାନ ଅଟକି ରହିଛି । ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସବୁଠି ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଛନ୍ତି । ଅପରପକ୍ଷରେ ବିଭିନ୍ନ ଅଂଚଳର ଚାଷ ଜମିରେ ପାଣି ମାଡ଼ିଯାଇଥିବା ବେଳେ ଅନେକ ଜାଗାରେ ପୋଲ ଭୁଷୁଡ଼ି ଥିବା ଜଣାପଡ଼ିଛି । ଖଇରପୁଟ ବ୍ଲକର ଦୁଇଟି ଗାଁକୁ ସଂଯୋଗ କରୁଥିବା ଦୁଇଟି ପୋଲ ଭୁଶୁଡ଼ିଯାଇଛି ।

## ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତାଳ ମଞ୍ଜି ରୋପଣ

କେନ୍ଦ୍ରାପଡ଼ା, ୨୨/୦୭ (ନି.ପ୍ର): ପରିବେଶର ସନ୍ତୁଳନ ପାଇଁ ତାଳ ଗଛର ଆବଶ୍ୟକତା ରହିଛି । ଗତ କିଛିଦିନ ହେବ ଘଡଘଡ ଜନିତ ଅପମୃତ୍ୟୁ ସଂଖ୍ୟା ବଢିଚାଲିଛି । ତାଳ ଗଛ ଥିବାରୁ ଘଡଘଡି ପ୍ରାୟ ଆୟତ ହୋଇଥାଏ । କେନ୍ଦ୍ରାପଡା ପୌରାଂଚଳ ର ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ଓ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତାଳବଣିଆ ଅଂଚଳର ଭୂଦାନ ଜଙ୍ଗଲରେ ତାଳ ମଞ୍ଜି ରୋପଣ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଦମନ ମହାନ୍ତି, ଲିପୁନ ବେହେରା, ଓମ୍ ପ୍ରକାଶ ନାୟକ, ସତ୍ୟ ରଂଜନ ପଲାଇ, ଅମିତ ସାମଲ, କ୍ରୀଷ୍ଣା ବାହାଦୂର, ପିୟୁଷ ପାତ୍ର, ଓମ୍ ପାଇକରାୟ, ସୌମ୍ୟରଂଜନ ପାଣି, ସୌମଜିତ ମହାପାତ୍ର, ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କୁଟାସିଂହାଠାରେ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, ୨୨/୦୭ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ଆଗଲପୁର ବ୍ଲକର କୁଟାସିଂହାଠାରେ କେଶବ ସଂଯୁକ୍ତ ବିଦ୍ୟାର୍ଥୀ ଶାଖା ଦ୍ୱାରା ଶ୍ରୀଗୁରୁଦକ୍ଷିଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା କାର୍ଯ୍ୟବାହ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରମ ପବିତ୍ର ଭଗବଧ୍ୱଜଙ୍କୁ ପୂଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବଲାଙ୍ଗିର ସହ ବିଭାଗ କାର୍ଯ୍ୟବାହ ତଥା ଆଦର୍ଶ ଶିକ୍ଷକ ଯୋଗୀନ୍ଦ୍ର ଦାଶ ଯୋଗଦେଇଥିଲେ । ବ୍ୟକ୍ତିଗତ ଗୀତ ପରେପରେ ତାଙ୍କ ବକ୍ତବ୍ୟରେ ସେ ଭାରତୀୟ ଗୁରୁ ଶିଷ୍ୟର ଆଦର୍ଶ ପରମ୍ପରା, ଶ୍ରୀ ଗୁରୁଦକ୍ଷିଣା ଓ ଭଗବା ଧ୍ୱଜଙ୍କ ମହନୀୟତା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଉପସ୍ଥିତ ସ୍ୱୟଂସେବକ ଗଣ ପୁଷ୍ପାଞ୍ଜଳି ଅର୍ପଣପୂର୍ବକ ପ୍ରାର୍ଥନା କରିଥିଲେ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସମୀର ସାହୁ, ସତ୍ୟବାନ୍ ପସାୟତ, ରାମଜୀ ପାତ୍ର । ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ଭାଇ, ରାଘବ ଭାଇ, ତରଣୀ ଭାଇ, ପ୍ରେମେନ୍ଦ୍ର ଭାଇଙ୍କ ସମେତ ଶାଖାର ସମସ୍ତ ବାଲ, ତରୁଣ ସ୍ୱୟଂସେବକ ଯୋଗଦାନ କରିଥିଲେ ।

# ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ନିଟ ପରୀକ୍ଷା ଫଳରେ ଦୁର୍ନୀତି ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର , ୨୨/୦୭ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ପ୍ରଦଶେ ଯୁବ କଂଗ୍ରେସ କର୍ମକର୍ତା ଏବଂ ଜିଲ୍ଲା ଯୁବ କଂଗ୍ରେସ ସଭାପତିମାନେ ଉପସ୍ଥିତ ରହିଥିଲେ। ଅପରାହ୍ନରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର କର୍ମୀମାନେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋଭାଯାତ୍ରାରେ ଆସି ମାଷ୍ଟରକ୍ୟାଂଟିନ ଛକରେ ନିଟ-୨୦୨୪ ପରୀକ୍ଷାଫଳରେ ଦୁର୍ନୀତି ପ୍ରତିବାଦରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନରେ ଭାରତର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କୁଶପୁତଳିକା ଦାହ କରାଯାଇଥିଲା। ଏହି ପ୍ରସଙ୍ଗରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ-୨୦୨୪ ରେ ହୋଇଥିବା ଦୁର୍ନୀତିକୁ ଘୋଡ଼ାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ଏହି ପରୀକ୍ଷାରେ ଦୁର୍ନୀତି ହୋଇନାହିଁ ବୋଲି ସେ ଗଣମାଧ୍ୟମରେ ଦୃଢ଼ ଭାବରେ ଘୋଷଣା କଲେ। ମାନ୍ୟବର ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ପରୀକ୍ଷାରେ ବ୍ୟାପକ ଦୁର୍ନୀତି ହୋଇଥିବାର ଜଣାପଡ଼ିଛି। ଏନଟିଏ ଏକ ଦୁର୍ନୀତିପୂର୍ଣ୍ଣ ସଂସ୍ଥା ବୋଲି ପ୍ରମାଣିତ ହୋଇଯାଇଛି। ଜନନାୟକ ରାହୁଲ ଗାନ୍ଧୀ କଂଗ୍ରେସର ଇସ୍ତାହାରରେ ପ୍ରଶ୍ନପତ୍ର ପ୍ରଘଟ କିପରି ନହେବ ସେଥିନେଇ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ସୁତରାଂ ମୋଦୀ ସରକାର ଅମଳରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟକୁ ଯୁବ କଂଗ୍ରେସ ଦୃଢ଼ ବିରୋଧ କରୁଛି। ନିଟ ସ୍କାମ ଏ ରାଷ୍ଟ୍ରର ଛାତ୍ର ସମାଜ ପାଇଁ ଏକ ସାଂଘାତିକ ବିଶ୍ୱାସଘାତକତା। ଏ ସଂପୂର୍ଣ୍ଣ ଦୁର୍ନୀତିରେ ଏନଟିଏ ସଂପୃକ୍ତ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରକୁ ବାହାରେ ପ୍ରଘଟ କରିବାର ପ୍ରମାଣ ରହିଛି। ଏହା ଦ୍ୱାରା ୨୪ଲକ୍ଷ ପରୀକ୍ଷାର୍ଥୀଙ୍କର ଭବିଷ୍ୟତ ସହ ଖେଳାଯାଇଛି। ଜୁନମାସ ୧୪ ତାରିଖରେ ଫଳାଫଳ ବାହାରିବା କଥା ମାତ୍ର ଯେଉଁଦିନ ସାଧାରଣ ନିର୍ବାଚନ ଅର୍ଥାତ ୧୦ ଦିନ ପୂର୍ବରୁ ନିଟ ପରୀକ୍ଷାର ଫଳାଫଳ ପ୍ରକାଶ କରାଗଲା। ଏହା ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। କିପରି ସମସ୍ତଙ୍କ ଦୃଷ୍ଟିରୁ ଏହି ଫଳାଫଳ ଏଡ଼େଇଯିବ ସେଥିପାଇଁ ଏହି ଷଡ଼ଯନ୍ତ୍ର କରାଯାଇଥିଲା। ୬୭ ଜଣ ଛାତ୍ରଙ୍କୁ ପୂର୍ଣ୍ଣସଂଖ୍ୟା ୭୨୦ ନମ୍ବର ଦିଆଯାଇଛି। ନିଟ ପରୀକ୍ଷାର ମୂଲ୍ୟାୟନ ଯେଉଁ ପ୍ରକ୍ରିୟାରେ ହୁଏ ସେହି ପ୍ରକ୍ରିୟାରେ ଜଣେ ପରୀକ୍ଷାର୍ଥି ୭୧୮ କିମ୍ବା ୭୧୯ ନମ୍ବର ପାଇପାରିବ ନାହିଁ। ତେଣୁ କିଭଳି ଭାବେ ପରୀକ୍ଷାର୍ଥିଙ୍କୁ ୭୧୮ ଓ ୭୧୯ ନମ୍ବର ଦିଆଯାଇଛି। ଗୋଟିଏ ପରୀକ୍ଷା କେନ୍ଦ୍ରରେ ଅଧିକାଂଶ ପରୀକ୍ଷାର୍ଥି ଟପର ଲିଷ୍ଟରେ ରହିଛନ୍ତି। କେତେକ କେନ୍ଦ୍ରରେ ପରୀକ୍ଷାର୍ଥିଙ୍କୁ ଭୁଲ ପ୍ରଶ୍ନ ବଂଟନ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ନିଟ ୟୁଜି-୨୦୨୪ ପୁନଃ ପରୀକ୍ଷା କରିବାକୁ ଦାବି କରୁଛି। ଏହି ମହାଦୁର୍ନୀତିରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଯୁବ କଂଗ୍ରେସ ଦାବି କରୁଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜିତ ସିଂ ଏବଂ ସହ ପ୍ରଭାରୀ ଅଭିନବ ଭଗତ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ରୁକ୍ମଣି ମଙ୍ଗରାଜ, ନାରାୟଣ ବାରି, କୃଷ୍ଣଚନ୍ଦ୍ର ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଗୋପନ ମାର୍ଥା, ନିହାର ରଞ୍ଜନ ବେହେରା, ଅଭିଜିତ ଜେନା, ଜ୍ଞାନରଞ୍ଜନ ରାଉତ, ଜୟଦେବ ଲେଙ୍କା, ମହମ୍ମଦ ପରଭେଜ, ଲିସ୍ନା ନାୟକ, ଲିପିକା ପାତ୍ର, ରାଜ୍ୟ ସୋସିଆଲ ମେଡିଆ ଆବାହକ ରାହୁଲ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ନୀଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କଲେ ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ



ନୀଳଗିରି , ୨୨/୭ (ନି.ପ୍ର): ନିଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ୍ କରି ଦୃଷ୍ଟି ଆକର୍ଷଣ କରିଛନ୍ତି ନୀଳଗିରିର ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ। ଜଣେ ଦୃଢ଼ ସଂଗଠକ, ସୁନାମ ଧନ୍ୟ ବକ୍ତା ତଥା ବର୍ତ୍ତମାନ ବାଲେଶ୍ୱର ସାଂସଦ ଭାବେ କାର୍ଯ୍ୟରତ ଚନ୍ଦ୍ରବିନ୍ଦୁ ଦାସ ନିଳଗିରି ନିର୍ବାଚନ ମଣ୍ଡଳୀରେ ବେଶ୍ ପରିଚିତ। ଛାତ୍ର ଜୀବନରୁ ବିଜେପି ଆଦର୍ଶରେ ଅନୁପ୍ରାଣିତ ହୋଇ ନୀଳଗିରି କଲେଜ ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ପ୍ରତିଦ୍ୱନ୍ଦିତା କରି ନିଜର ରାଜନୀତି ଜୀବନ ଆରମ୍ଭ କରିଥିବା ବେଳେ କଲେଜ ନିର୍ବାଚନରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୨୦୧୯ ନିର୍ବାଚନରେ କେନ୍ଦ୍ରମନ୍ତ୍ରୀ ଥିବା ବେଳେ ଚନ୍ଦ୍ରବିନ୍ଦୁ ଦାସଙ୍କୁ ନିଜର ବ୍ୟକ୍ତିଗତ ସହାୟକ ଭାବେ ନିଯୁକ୍ତି ଦେଇଥିଲେ। ସେବେ ଠାରୁ ଏଯାବତ୍ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିବା ବେଳେ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକାରର ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛନ୍ତି। ନିଜର ମଣିଷ ପଣିଆକୁ ସଦାସର୍ବଦା ଗରିବ ଖଟିଖିଆ, ଦୁଃଖୀ, ଦରିଦ୍ର, ମେଡିକାଲ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ୍ କରି ବିଭିନ୍ନ ପ୍ରକାର ସମସ୍ୟା ଉପରେ ଆଲୋଚନା କରିବା ସହ ଧନ୍ୟବାଦ୍ ଜଣାଇଥିଲେ।

# ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ: ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ 'କାଳିଆ'

ଉଦଳା , ୨୨/୭ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ରାଜାବସା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦିବାକର ନାଏକଙ୍କ ପୁତ୍ର 'କାଳିଆ' ଆଦୌ ବିଦ୍ୟାଳୟର ମାଟି ମାଡ଼ିପାରିନଥିବାର ଜଣା ଯାଇଛି । କାଳିଆର ଆଧାର କାର୍ଡ଼ ନଥିବାରୁ କୌଣସି ବିଦ୍ୟାଳୟ ତାଙ୍କୁ ଆଡ଼ମିସନ କଲେନାହିଁ ବୋଲି ପରିବାରର ଲୋକେ ଅଭିଯୋଗ କରିଛନ୍ତି । 'କାଳିଆ'ଙ୍କୁ ବର୍ତ୍ତମାନ ବୟସ ୧୦ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରି କାଳିଆ ତାର ଦୈନନ୍ଦିନର ଗୁଜୁରାଣ ମେଟାଂଉଥିବାର ଜଣାଯାଇଛି । ଏପରିକି ସରକାର ମୁଣ୍ଡପିଛା ଯୋଗାଇ ଦେଉଥିବା ୫ କିଗ୍ରା ଚାଉଳ ମଧ୍ୟ ପାଇବାରୁ କାଳିଆ ବଂଚିତ ଅଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ କାଳିଆଙ୍କ ପରି ବର୍ତମାନ ମଧ୍ୟ ବହୁ ସଂଖ୍ୟାରେ ପିଲା ବିଭିନ୍ନ କାରଣରୁ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ତୁରନ୍ତ ନେବାକୁ ସାଧାରଣରେ ଦାବି ହେଉଛି ।

# ଉଧାର ଟଙ୍କାକୁ ନେଇ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି , ୨୨/୭ (ନି.ପ୍ର): ସାମାନ୍ୟ ଦୁଇହଜାର ଟଙ୍କା ଧାର ନେଇ ସଠିକ ସମୟରେ ଫେରସ୍ତ ନ କରିପାରିବାରୁ ଏକ ପରିବାରର ଦମ୍ପତି ଙ୍କୁ ବିଚ ରାସ୍ତାରେ ପିଟି ପିଟି ସଂଜ୍ଞହୀନ କରି ଦେଲେ ଜୈନିକ ଯୁବକ । ଘଟଣାଟି ଘଟିଛି ନୀଳଗିରି ଥାନା ଅଧୀନ ଈଶ୍ୱରପୁର ଫାଣ୍ଡି ଅଞ୍ଚଳରେ । ଈଶ୍ୱରପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ବାଙ୍କିପଦା ଗ୍ରାମରେ ସୀତାନାଥ ପୋଥାଳ ଓରଫ ଭୂଆ ପୂର୍ବରୁ ବିଜେଡି ଦଳରେରେ ରହି ଆଗ ଧାଡ଼ିର ଜଣେ ସକ୍ରିୟ କର୍ମୀ ଥିଲାବେଳେ ଚଳିତ ସାଧାରଣ ନିର୍ବାଚନ ରେ ବିଜେପି ଦଳରେ ରେ ସାମିଲ ଯୋଗ ଦେଇଛନ୍ତି । ଆଜି ସନ୍ଧ୍ୟା ପ୍ରାୟ ୮ଘଟିକା ସମୟରେ ଉକ୍ତ ଗ୍ରାମର ଗୌତମ ବିଶ୍ୱାଳ ଙ୍କୁ ପୂର୍ବରୁ ଦେଇଥିବା ଉଧାର ଟଙ୍କା ସୀତାନାଥଙ୍କୁ ମାଗିଥିଲେ । ଟଙ୍କା ଫେରେଇବାକୁ ଅସମର୍ଥ ହେବାରୁ ଗୌତମ ଓ ତାଙ୍କ ସ୍ତ୍ରୀ ସବିତା ବିଶ୍ୱାଳ ଓ ତାଙ୍କ ଦୁଇ ଛୋଟଛୁଆକୁ ନିସ୍ତୁକ ମାଡ଼ ମାରିବା ପରେ ତାଙ୍କ ସ୍ତ୍ରୀ ସେଠାରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଇଶ୍ୱରପୁର ହସ୍ପିଟାଲରେ ଭର୍ତି କରାଯାଇଥିଲା । ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଖବର ଲେଖା ହେବା ବେଳକୁ ଏନେଇ ଈଶ୍ୱରପୁର ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି ।

# କବି ରମେଶ ଦାଶଙ୍କ ତିନୋଟି କାବ୍ୟଗ୍ରନ୍ଥ ଉନ୍ମୋଚିତ



ବାଲେଶ୍ୱର, ୨୨/୭ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ରବିବାର ପୂର୍ବାହ୍ଣରେ କବିତୀର୍ଥ ଶାନ୍ତିକାନନଠାରେ କବି ରମେଶ ଚନ୍ଦ୍ର ଦାଶଙ୍କର ତିନୋଟି କାବ୍ୟଗ୍ରନ୍ଥ 'ଜନ୍ମ ଜାତକ', 'ଭଗବାନ ତୁମେ ଭୁଲ କଲ' ଓ 'ସ୍ମୃତି ତର୍ପଣ' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉନ୍ମୋଚକ ଭାବେ ଯୋଗ ଦେଇଥିବାବେଳେ କଲିକତାସ୍ଥିତ ଇଷ୍ଟର୍ଣ୍ଣ ଜୋନାଲ କଲଚ୍ୟୁରାଲ ସେଣ୍ଟରର ଡେପୁଟି ଡାଇରେକ୍ଟର ଡ. ତାପସ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ହୋଇଥିଲେ। କବି ବ୍ରଜେନ୍ଦ୍ରନାଥ ଗିରି, କବି ପୀତାମ୍ବର ଦାସ ଓ କବି ନିରୋଦ ସୁନ୍ଦର ଜେନା ପୁସ୍ତକ ତିନୋଟିକୁ ସମୀକ୍ଷା କରିଥିବାବେଳେ ଗବେଷକ ଡ. କୁଞ୍ଜବିହାରୀ ଧଳ ସମ୍ମାନିତ ବକ୍ତା ଭାବେ ନିଜର ବକ୍ତବ୍ୟ ରଖିଥିଲେ। କବି ସର୍ବେଶ୍ୱର ଜେନା ଓ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ରମେଶ ଚନ୍ଦ୍ର ଦାଶ ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ପ୍ରଦାନ କରିଥିବାବେଳେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ମଞ୍ଚଆବାହନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁନି ନୃତ୍ୟଶିଳ୍ପୀ ସୁହାନୀ ଜେନା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ନମିତା ଦାଶ, ରମାକାନ୍ତି ଦାଶ, ଦୀପକ ଦାଶ, ପ୍ରଜ୍ଞା, ସୁବ୍ରତା, ସ୍ୱସ୍ତିବ୍ରତା, ଆଲିଶା, ଚିରସ୍ମିତା ଓ ସୃଷ୍ଟିସ୍ମିତା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶେଷରେ ଅନିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ତମ୍ବାଖୁ ବର୍ଜନ ପାଇଁ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୨୨/୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅଇନସେବା ପ୍ରାଧିକରଣ ଓ ନ୍ୟାସନାଲ ଲ' ୟୁନିଭରସିଟି ତରଫରୁ ଜିଲ୍ଲା କୋର୍ଟ ସଭାଗୃହ ରେ ତମ୍ବାଖୁ ମୁକ୍ତ ଓଡିଶା ଗଠନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜଜ ଓ ଆଇନସେବା ପ୍ରାଧିକରଣ ର ଅଧକ୍ଷ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ରେ ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ରହି କିପରି ଭାବରେ ତମ୍ବାଖୁ ମୁକ୍ତ ଓଡିଶା ଗଠନ ହୋଇ ପାରିବ ସେ ସଂପର୍କରେ ଆଲୋଚନା କରିଥିଲେ । ଛାତ୍ର ତମ୍ବାଖୁ ସେବନ ରୁ ଦୂରେଇ ରହିବା ସହିତ ସେମାନେ ନିଜର ଭବିଷ୍ୟତ ବିଷୟରେ ଚିନ୍ତା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ ପାରାଲିଗାଲ ଭଲେଣ୍ଟର ଯୋଗ ଦେଇଥିଲେ ।

# ମୟୂରଭଞ୍ଜ ଜିଲ୍ଲାର ଭୌଗୋଳିକ ପ୍ରତିବନ୍ଧକ ଅଞ୍ଚଳରେ ଲୋକଙ୍କ ପାଇଁ ବରଦାନ 'ବାଇକ୍ ଆମ୍ବୁଲାନ୍ସ'




ମୟୂରଭଞ୍ଜ, ୨୨/୭ (ନି.ପ୍ର): ଆଦିବାସୀ ବହୁଳ ତଥା ବଣ ପାହାଡ଼ଘେରା ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ବିଭିନ୍ନ ଭୌଗୋଳିକ ପ୍ରତିବନ୍ଧକ ରହିଛି। ତେଣୁ ଲୋକଙ୍କ ଦୁଆର ମୁହଁରେ ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଏକ ଆହ୍ୱାନ ହୋଇଥାଏ। ଏବେ ଏହି ସମସ୍ୟାର ସମାଧାନ ହୋଇପାରିଛି 'ବାଇକ୍ ଆମ୍ବୁଲାନ୍ସ'। ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ସହାୟତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ଏହି 'ବାଇକ୍ ଆମ୍ବୁଲାନ୍ସ' ସେବା ଚାଲିଛି। ଭୌଗୋଳିକ ପ୍ରତିବନ୍ଧକ ଥିବା ରାଇରଙ୍ଗପୁର, ଯଶିପୁର, କୁସୁମି ଏବଂ ବିଜାତଳା ବ୍ଲକ୍ ପାଇଁ ୧ଟି କରି ମୋଟ ୪ଟି ଆମ୍ବୁଲାନ୍ସ ରହିଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏହି ଆମ୍ବୁଲାନ୍ସ ସେବା ପରିଚାଳନା କରାଯାଉଛି। ''କିଛି ମାସ ତଳେ ମୋ' ଜେଜେ ମା'ଙ୍କର ଦେହ ଖରାପ ହୋଇଥିଲା। ଆମେ ବାଇକ୍ ଆମ୍ବୁଲାନ୍ସରେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲୁ। ସେଠାରେ ଡାକ୍ତରଙ୍କୁ ଦେଖାଇ ଆବଶ୍ୟକ ଔଷଧ ଆଣି ଘରକୁ ଆସିଥିଲୁ। ଆମ ଘର ପାହାଡ଼ିଆ ଅଞ୍ଚଳରେ ହୋଇଥିବାରୁ ବଡ଼ ଆମ୍ବୁଲାନ୍ସ ଯିବା ଆସିବା କରିବାରେ ଅସୁବିଧା ହୋଇଥାଏ। ବାଇକ୍ ଆମ୍ବୁଲାନ୍ସ ଆମ ପାଇଁ ବେଶ୍ ସୁବିଧାଜନକ ହୋଇପାରିଛି,'' କହିଛନ୍ତି ବିଜାତଳା ବ୍ଲକ୍ ସାନଝରଣ ଗାଁର ସାଉଁରୁ ମାର୍ଣ୍ଡି। ମୟୂରଭଞ୍ଜ ଜିଲ୍ଲାରେ ୨୦୨୧ରୁ ଏହି 'ବାଇକ୍ ଆମ୍ବୁଲାନ୍ସ' ସେବା ଚାଲିଛି। ମୁଖ୍ୟତଃ ଯେଉଁ ସ୍ଥାନରେ ବଡ଼ ଆମ୍ବୁଲାନ୍ସ ଯିବାରେ କୌଣସି ସମସ୍ୟା ରହିଛି ସେଠାରେ ବାଇକ୍ ଆମ୍ବୁଲାନ୍ସ ପହଞ୍ଚି ଲୋକଙ୍କୁ ଜରୁରିକାଳୀନ ସେବା ଯୋଗାଇ ଦେଉଛି। ଏହା ଦ୍ୱାରା ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ୫ ହଜାରରୁ ଅଧିକ ରୋଗୀ ସେବା ପାଇଛନ୍ତି। ତା'ଭିତରେ ବରିଷ୍ଠ ନାଗରିକ, ଗର୍ଭବତୀ ମା', ଶିଶୁ ଓ ସଡ଼କ ଦୁର୍ଘଟଣାରେ ଗୁରୁତର ଥିବା ବ୍ୟକ୍ତି ବିଶେଷ ଉପକୃତ ହେଉଛନ୍ତି। ବାଇକ୍ ଆମ୍ବୁଲାନ୍ସଗୁଡ଼ିକୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଡ଼ା ଯାଇଛି। ଏଥିରେ ଜଣେ ଲେଖାଏଁ ଡ୍ରାଇଭର ନିୟୋଜିତ ହୋଇଛନ୍ତି। ଆଖ ପାଖ ଗାଁରେ କୌଣସି ଲୋକଙ୍କର ଜରୁରିକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସ୍ଥାନୀୟ ଆଶା କର୍ମୀ ବାଇକ୍ ଆମ୍ବୁଲାନ୍ସକୁ ଫୋନ୍ କରିଥାନ୍ତି। ଦୁଆର ମୁହଁରୁ ରୋଗୀଙ୍କୁ ଶୀଘ୍ର ଡାକ୍ତରଖାନାରେ ପହଞ୍ଚାଇ ଆବଶ୍ୟକ ଚିକିତ୍ସା ଯୋଗାଇଦେବା ପରେ ପୁଣି ଘର ପାଖରେ ଆଣି ଛାଡ଼ିଥାଏ ବାଇକ୍ ଆମ୍ବୁଲାନ୍ସ। ''ମୟୂରଭଞ୍ଜ ଜିଲ୍ଲାରେ ଅନେକ ଗାଁ ପାହାଡ଼ିଆ ଅଞ୍ଚଳରେ ରହିଛି। ଜରୁରିକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ବଡ଼ ଆମ୍ବୁଲାନ୍ସ ପହଞ୍ଚି ପାରିନଥାଏ। ତେଣୁ ଓମ୍ବାଡସି ସହାୟତାରେ ଯେଉଁ ବାଇକ୍ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି ତାହା ଆମ ପାଇଁ ବେଶ୍ ସହାୟକ ହୋଇପାରୁଛି। ଏଥିପାଇଁ ସରକାରଙ୍କୁ ଧନ୍ୟବାଦ,'' କହିଛନ୍ତି ସାନଝରଣ ଗାଁର ଆଶାକର୍ମୀ ମୀନା ମହାନ୍ତ। ଆମ୍ବୁଲାନ୍ସ ହେଉଛି ଏକ ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା। ଗୁରୁତର ରୋଗୀଙ୍କୁ ଦୁଆର ମୁହଁରୁ ନେଇ ଡାକ୍ତରଖାନାରେ ଚିକିତ୍ସା ଯୋଗାଇଦେବା ଲାଗି ଆମ୍ବୁଲାନ୍ସ ସେବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ମୟୂରଭଞ୍ଜ ଜିଲ୍ଲାର କେତେକ ଭୌଗୋଳିକ ପ୍ରତିବନ୍ଧକ ଥିବା ସ୍ଥାନରେ 'ବାଇକ୍ ଆମ୍ବୁଲାନ୍ସ' ସେବା ଲାଗୁ ହେବା ଫଳରେ ଏହା ସ୍ଥାନୀୟ ଲୋକଙ୍କ ପାଇଁ ବରଦାନ ପାଲଟିଛି। ମୟୂରଭଞ୍ଜ ଜିଲ୍ଲାରେ ଜରୁରିକାଳୀନ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ 'ବାଇକ୍ଆମ୍ବୁଲାନ୍ସ' ସହିତ ଓମ୍ବାଡସି ପାଣ୍ଠି ସହାୟତାରେ ଆଡଭାନ୍ସ ଲାଇଫ୍ ସପୋର୍ଟ (ଏଏଲଏସ୍) ଏବଂ ବେସିକ୍ ଲାଇଫ୍ ସପୋର୍ଟ (ବିଏଲଏସ୍) ଆମ୍ବୁଲାନ୍ସ ସେବା ଚାଲିଛି। ଆବଶ୍ୟକ ବେଳେ ଗୁରୁତର ରୋଗୀଙ୍କୁ ଉପଖଣ୍ଡ ଚିକିତ୍ସାଳୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଜିଲ୍ଲା ବାହାରକୁ ନେବା ପାଇଁ ଏହି ଆମ୍ବୁଲାନ୍ସଗୁଡ଼ିକୁ ବ୍ୟବହାର କରାଯାଉଛି। ଏଥିରେ ରୋଗୀମାନଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି।

# ୭ ଦଫା ଦାବିରେ ରୋଷେୟା ସେବାୟତ ମହାସଂଘର ବିକ୍ଷୋଭ

ଭୁବନେଶ୍ୱର, ୨୨/୭ (ନି.ପ୍ର): ମହିଳା ରୋଷେୟା ସେବାୟତ ମହାସଂଘର ସମ୍ପାଦିକା ରୀନା ମୁର୍ମୁଙ୍କ ନେତୃତ୍ୱରେ ୭ ଦଫା ଦାବି ନେଇ ରୋଷେୟାମାନେ ଲୋୟର ପି.ଏମ୍.ଜି. ଠାରେ ଏକତ୍ରିତ ହୋଇ ଏକ ପ୍ରତିବାଦ ସଭା କରିଥିଲେ । ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ କହିଲେ ଦୀର୍ଘ ୨୪ ଘଂଟା ଧରି ରୋଷେୟାମାନେ କାର୍ଯ୍ୟ କରୁଛନ୍ତି । ସରକାର ଯାହା ପାରିଶ୍ରମିକ ଦେଉଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ । ସଂଘର ପ୍ରମୁଖ ଦାବି ଗୁଡିକ ମଧ୍ୟରେ ରହିଛି ନିୟମିତ ନିଯୁକ୍ତି , ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ , ୬ ବର୍ଷ କାର୍ଯ୍ୟ ତୁଲାଇଥିବା ରୋଷେୟା ତଥା ସେବାୟତଙ୍କ ଚାକିରୀକୁ ନିୟମିତ କରାଯାଉ ଏବଂ ପ୍ରତ୍ୟେକ ରୋଷେୟାମାନଙ୍କର ଇ.ପି.ଏଫ୍. କଟାଯାଉ ,ଯେଉଁମାନଙ୍କର ଶିକ୍ଷାଗତ ଯୋଗ୍ୟତା +୨ ପାସ୍ ହୋଇଥିବା ସେମାନଙ୍କୁ ସିଟି ତାଲିମ୍ ଏବଂ କନିଷ୍ଠ ମେଟ୍ରନ ନିଯୁକ୍ତି ଦେବା ବ୍ୟବସ୍ଥା କରାଯାଉ ,ଚାକିରୀ ସମୟରେ ଆକସ୍ମିକ ଦୁର୍ଘଟଣା ଘଟିଲେ ପରିବାରଙ୍କୁ ଅନୁକମ୍ପାମୂଳକ ପ୍ରୋତ୍ସାହନ ରାଶି ପ୍ରଦାନ, ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି , ଚାକିରୀରୁ ବହିଷ୍କାର ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ ଏବଂ ଚାକିରୀ ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### କେନ୍ଦ୍ରର ବଡ଼ ନିଷ୍ପତ୍ତି: ବିହାରକୁ ...

ମତପାର୍ଥକ୍ୟ ଦେଖିବାକୁ ମିଳିଛି। ଏପରି କି ବଜେଟ ଅଧିବେଶ ପୂର୍ବରୁ ବସିଥିବା ସର୍ବଦଳୀୟ ବୈଠକରେ ମଧ୍ୟ ଜେଡିୟୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା କଥା ଉଠାଇଥିଲା। ତଥାପି ଜେଡିୟୁର ଦାବି ରହିନାହିଁ। ନୀତୀଶ କୁମାର ପ୍ରଥମେ ବିରୋଧୀ ମେଣ୍ଟରେ ଥିଲେ। କିନ୍ତୁ ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ସହ ହାତ ମିଳାଇଥିଲେ। ଏଥିସହ ବିଜେପିକୁ କେନ୍ଦ୍ରରେ ସମର୍ଥନ ଘୋଷଣା କରିଛନ୍ତି। ବିଜେପି ଏକାକୀ ସରକାର ଗଠନ କରିବାକୁ ଏଥର ସକ୍ଷମ ହୋଇନାହିଁ। ତେଣୁ ନୀତୀଶ କୁମାର ଓ ଏନ ଚନ୍ଦ୍ରବାବୁ ନାଇଡୁଙ୍କ ସମର୍ଥନରେ ଦଳ କେନ୍ଦ୍ରରେ ଶାସନ କରୁଛି। ଏବେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାକୁ ପ୍ରସଙ୍ଗ କରି ନୀତୀଶ କୁମାର ଏନଡିଏରୁ ଓହରି ଯିବେ କି ବୋଲି ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା କହିଛନ୍ତି, "ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବା ପ୍ରସଙ୍ଗ ସବୁବେଳେ ଜେଡିୟୁର ପ୍ରାଥମିକତା ରହିଛି। ଆରମ୍ଭରୁ ଆମ ଦଳ ଏପରି ଦାବି କରି ଆସିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏଥିପାଇଁ ବଡ଼ବଡ଼ ରାଲି କରିଛନ୍ତି। ଯଦି କେନ୍ଦ୍ର ସରକାର ଭାବୁଛନ୍ତି, ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାରେ ସମସ୍ୟା ରହିଛି, ତେବେ ଆମେ ବିହାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦାବି କରୁଛୁ।" ତେବେ କେନ୍ଦ୍ର ସରକାର ସହଯୋଗୀ ଜେଡିୟୁର ପ୍ରମୁଖ ଦାବିକୁ ଅଣଦେଖା କରିବାରୁ ବିହାରର ପ୍ରମୁଖ ବିରୋଧୀ ଦଳ ଆରଜେଡି ଏହାକୁ କଟାକ୍ଷ କରିଛି। ଆରଜେଡି କହିଛି, "ନୀତୀଶ କୁମାର ଓ ଜେଡିୟୁର ନେତାମାନେ କେନ୍ଦ୍ରରେ କ୍ଷମତାର ଫଳକୁ ଉପଭୋଗ କରନ୍ତୁ। ଏଥିସହ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାକୁ ନେଇ ନିଜର ରାଜନୀତିକ ଡ୍ରାମା କରନ୍ତୁ।"

### ସଂସଦରେ ୨୦୨୩-୨୪...

ଜିଡିପି ଅଭିବୃଦ୍ଧି ହାର ବଢିବାକୁ ଥିବା ବେଳେ କେତେକ ବୈଶ୍ୱିକ ସମସ୍ୟା ଏଥିପ୍ରତି ଆହ୍ୱାନ ସୃଷ୍ଟି କରିଛି। ରପ୍ତାନୀ କ୍ଷେତ୍ରରେ ଅସୁବିଧା ଦେଖାଯିବାକୁ ଥିବା ବେଳେ କେନ୍ଦ୍ର ସରକାର ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସେହିପରି ଜନସଂଖ୍ୟା ଅନୁପାତର ଅଭିବୃଦ୍ଧି ସହିତ କରୋନା ମହାମାରୀ ପରେ ଦେଶର ବେକାରୀ ହାର ହ୍ରାସ ପାଉଛି। ୧୫ରୁ ଉର୍ଦ୍ଧ୍ୱ ବୟସ ବର୍ଗଙ୍କ ପାଇଁ ସହରୀ ବେକାରୀ ହାର ଗତ ବର୍ଷ ମାର୍ଚ୍ଚ ସୁଦ୍ଧା ୬.୭% କୁ ହ୍ରାସ ପାଇଛି। ଯୁବ ବେକାରୀ ହାର ୨୦୧୭-୧୮ ରେ ୧୭.୮% ରୁ ୨୦୨୨-୨୩ ରେ ୧୦% କୁ ଖସି ଆସିଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସର୍ଭେରେ ଏହା ମଧ୍ୟ କୁହାଯାଇଛି ଯେ ହାରାହାରି ୨୦୩୦ ସୁଦ୍ଧା ଅଣ କୃଷି କ୍ଷେତ୍ରରେ ବାର୍ଷିକ ପ୍ରାୟ ୭୮.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆର୍ଥିକ ନିଅଣ୍ଟ ହ୍ରାସ ନେଇ ମଧ୍ୟ ଆଶା ଦେଖାଦେଇଛି। ଭାରତର ଆର୍ଥିକ ନିଅଣ୍ଟ ୪.୫ ପ୍ରତିଶତକୁ ଖସି ଆସିବାର ସମ୍ଭାବନା ରହିଛି। କୁହାଯାଇଛି ଯେ ସରକାରଙ୍କ ସମ୍ପୂର୍ଣ୍ଣ ଧ୍ୟାନ ରାଜ୍ୟଗୁଡ଼ିକର ଦକ୍ଷତା ବୃଦ୍ଧି ଉପରେ ରହିଛି।

### ୨ ବର୍ଷ ମଧ୍ୟରେ ପୂରଣ ହେବ ୬୫ ହଜାର ...

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳରେ ନିର୍ମାଣ ହେବ ୧୦ ଲକ୍ଷ ଘର।ଏହାସହ ଓଡ଼ିଶାରେ ଖୁବ୍ ଶୀଘ୍ର ଲାଗୁ କରାଯିବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ତା'ଛଡ଼ା ସାରା ରାଜ୍ୟରେ ୩ହଜାର ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ଜିଲ୍ଲା ମେଡିକାଲରେ ପ୍ରସୂତୀ ଓ ଶିଶୁରୋଗ ବିଶେଷଜ୍ଞ ନିଶ୍ଚିତ ରହିବେ। ଉପକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ନାଁ 'ଆରୋଗ୍ୟ ମନ୍ଦିର' କରାଯିବ। ୨୦୩୦ ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇ ଶିକ୍ଷାର ମାନବୃଦ୍ଧି ଉଦେଶ୍ୟରେ ରାଜ୍ୟସ୍ତରୀୟ ଶିକ୍ଷାନୀତି ପାଇଁ ସରକାର ଲକ୍ଷ୍ୟ ରଖିଥିବା କହିଛନ୍ତି ରାଜ୍ୟପାଳ। ସେହିପରି କୃଷକଙ୍କୁ ସଶକ୍ତ କରିବା ପାଇଁ ବଂଚିତ ହିତାଧିକାରୀଙ୍କୁ ପିଏମ୍-କିଷାନ ଯୋଜନାରେ ସାମିଲ କରାଯିବ। ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦିଆଯିବ। ସେହିପରି ଶୀତଳ ଭଣ୍ଡାର ସୁବିଧା, ପ୍ରକ୍ରିୟାକରଣ ୟୁନିଟ୍ ଓ ଯୋଗାଣ ଶୃଙ୍ଖଳିତ ହେବ। ମଣ୍ଡିରେ ଶସ୍ୟ ଭଣ୍ଡାର ଓ କୃଷକ ବିଶ୍ରାମ ଗୃହ ରହିବ। ଶିକ୍ଷକ ପ୍ରଶିକ୍ଷଣ, ଗ୍ରାମାଞ୍ଚଳରେ ଡିଜିଟାଲ ଭିତ୍ତିଭୂମି ସମ୍ପ୍ରସାରଣ ହେବ। ଓଡ଼ିଆ ଅସ୍ମିତା ଭବନ, ତାଳପତ୍ର ପାଣ୍ଡୁଲିପି ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଅସ୍ମିତା ପାଇଁ କାମ କରାଯିବ ବୋଲି କହିଥିଲେ ରାଜ୍ୟପାଳ ରଘୁବର ଦାସ। ସେପଟେ ପ୍ରଥମ ଥର ଲାଗି ବିରୋଧୀ ଆସନରେ ବସିଥିବା ବିଜେଡି ଆଜି କିନ୍ତୁ ପ୍ରଥମରୁ ଆକ୍ରମଣାତ୍ମକ ମୁଦ୍ରାରେ ରହିଥିଲା। ଓଡିଆ ଅସ୍ମିତା ତଥା ଆଇନ୍ ଶୃଙ୍ଖଳା କଥା କହି ପ୍ରଥମରୁ ହିଁ ପ୍ରତିବାଦ କରିଥିଲା ଦଳ। ସେହିପରି ବିଜେଡି ସହ ସ୍ୱର ମିଳାଇ କଂଗ୍ରେସ ବି ଗୃହ ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲା। ଶେଷରେ ଉଭୟ ବିରୋଧୀ ରାଜ୍ୟପାଳଙ୍କ ଅଭିଭାଷଣକୁ ଆଦୌ ନଶୁଣି କକ୍ଷତ୍ୟାଗ କରିଥିଲେ। ବିଧାନସଭା ଆରମ୍ଭରୁ ଆଟାକିଂ ଖେଳିଛନ୍ତି ବିରୋଧୀ। ଏବେ ଦେଖିବାର କଥା ହେଉଛି ନୂଆ ସରକାର ବଜେଟ୍ ଅଧିବେଶନକୁ କିପରି ସୁପରିଚାଳନା କରୁଛନ୍ତି। କାରଣ ସାମ୍ନାରେ ଅଛନ୍ତି ସଶକ୍ତ ବିରୋଧୀ।

### ଭିଜିଲାନ୍ସ ଜାଲରେ ମତ୍ସ୍ୟ ସମ୍ପଦ ବିଭାଗ ...

ବସନ୍ତଙ୍କ ପୁରୁଣା ଭୁବନେଶ୍ୱର ସ୍ଥିତ ଭଡ଼ାଘର, ପୁରୀ ତୋଟା ମହାବୀର ଲେନ ସ୍ଥିତ ଘର, ପୁରୀ ଜିଲ୍ଲା ଗୋରୁଲା ନିକଟ ଫାର୍ମହାଉସ, ଭଦ୍ରକ ଗୋବିନ୍ଦପୁର ସ୍ଥିତ ପୈତୃକ ଘର ଓ କଟକ ଅଫିସରେ ଚଢ଼ାଉ ହୋଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରୀ ଆକାଉଣ୍ଟରୁ ପୁରୀ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ସେ ୧ କୋଟି ୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରି ଉଠାଣ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ତେବେ ଏନେଇ ଅଧିକାରୀ କିମ୍ବା ବସନ୍ତ ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ବିଜେଡିକୁ ନେଇ ...

ବେଳେ ଏଥିରେ ଯୋଗ ଦେବାକୁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ଆମନ୍ତ୍ରଣ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାକୁ ନେଇ ବିଜେଡି ପ୍ରତି ବିଜେପି ନରମ ଆଭିମୁଖ୍ୟ ପୋଷଣ କରୁଥିବା ଆଲୋଚନା ହେଉଥିବା ବେଳେ ଜୟନାରାୟଣ ମିଶ୍ର ଏହାକୁ ଖଣ୍ଡନ କରିଛନ୍ତି। ସେ କହିଥିଲେ, କିଛି ନରମ ଆଭିମୁଖ୍ୟ ଦେଖାଯାଉ ନାହିଁ। ସେମିତି କିଛି ଘଟିନି। କଥାଟି ହେଉଛି- ଆମେ ରାଜନୀତିକ ଶିଷ୍ଟାଚାର ଜାଣୁ। ରାଜନୀତିକ ଶିଷ୍ଟାଚାରକୁ ଆମେ ଅବଲମ୍ବନ କରୁଛୁ। ନବୀନ ପଟ୍ଟନାୟକଙ୍କୁ ରାଜନୈତିକ ଶିଷ୍ଟାଚାର ଜଣାନଥିଲା। ସେ କେବେ କାହାକୁ କେୟାର କରୁ ନଥିଲେ। ତାଙ୍କୁ ଶିଷ୍ଟାଚାର ଜଣା ନଥିବାରୁ ସେ ସେଭଳି ଭୁଲ୍ କରୁଥିଲେ। ଆମେ ସେଭଳି ରାଜନୀତିକ ଶିଷ୍ଟାଚାରବିହୀନ କାମ କରିବୁ ନାହିଁ। ବିରୋଧୀ ଦଳକୁ ସରକାର ଗଠନମୂଳକ ପ୍ରସ୍ତାବ ମାଗୁଥିବା ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ ଶ୍ରୀ ମିଶ୍ର କହିଥିଲେ, ବିରୋଧୀ ଦଳ ଗଠନମୂଳକ ପ୍ରସ୍ତାବ ଦେବା କଥା। ସେଥିରେ କ'ଣ ଅଛି ? ସରକାରୀ ଦଳ ଓ ବିରୋଧୀ ଦଳ ମିଶିକି ଦେଶଟାକୁ ଚଲାଇବେ। ବିରୋଧୀ ଦଳ ଆମ ଦୁର୍ବଳତା ଦେଖିବେ। ଆମେ ତାକୁ ସୁଧାରିବୁ।

### କାଉଡ଼ିଆ ଯାତ୍ରା ମାର୍ଗରେ...

ପାଇବା ପରେ ସୁପ୍ରିମକୋର୍ଟ ନିଆଯାଇଥିବା ନିଷ୍ପତ୍ତି ଉପରେ ରୋକ ଲଗାଇ ୩ରାଜ୍ୟର ସରକାରଙ୍କୁ ଜବାବ ମାଗିଛନ୍ତି। ତେବେ ଯୋଗୀଙ୍କ ଏଭଳି ଘୋଷଣା ପରେ ବିରୋଧୀ ଦଳ ନେତାମାନେ ଏହି ନିର୍ଦ୍ଦେଶନାମାକୁ ତୀବ୍ର ପକ୍ଷପାତିତାର ଉଦାହରଣ ବୋଲି ଦର୍ଶାଇ ଏହାକୁ ନିନ୍ଦା କରିଥିଲେ। ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଥିଲା ଯେ ଏବେ ୟୁପିର କାଉଡ଼ିଆ ଯାତ୍ରା ମାର୍ଗରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଭାରତୀୟ ମୁସଲମାନମାନଙ୍କ ପ୍ରତି ବିଜେପି ଘୃଣା ପ୍ରସାର କରୁଛି ଏବଂ ଏହି ଘୃଣାର ଶ୍ରେୟ ରାଜନୈତିକ ଦଳ, ହିନ୍ଦୁତ୍ୱବାଦୀ ନେତା ଏବଂ ତଥାକଥିତ ଧର୍ମନିରପେକ୍ଷ ଦଳଗୁଡ଼ିକୁ ଯାଉଛି ବୋଲି ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସି କହିଥିଲେ। ରାଜ୍ୟସଭା ସାଂସଦ କପିଲ ସିବଲ ମଧ୍ୟ ୟୁପି ସରକାରଙ୍କ ନିର୍ଦ୍ଦେଶକୁ ସମାଲୋଚନା କରିଥିଲେ। ଏମଧ୍ୟରେ ମୁଜାଫରନଗର ପୁଲିସ ସ୍ପଷ୍ଟ କରିଥିଲା ଯେ ଏହି ଆଦେଶ ପଛର ଉଦ୍ଦେଶ୍ୟ ଧାର୍ମିକ ଭେଦଭାବ ସୃଷ୍ଟି କରିବା ନୁହେଁ। ଭୋଜନାଳୟଗୁଡ଼ିକୁ ସ୍ୱେଚ୍ଛାକୃତ ଭାବରେ ସେମାନଙ୍କ ମାଲିକ ଏବଂ କର୍ମଚାରୀଙ୍କ ନାମ ପ୍ରଦର୍ଶିତ କରିବାକୁ ଅନୁରୋଧ କରାଯାଇଛି। ଏହାର ଉଦ୍ଦେଶ୍ୟ କୌଣସି ପ୍ରକାର ଧାର୍ମିକ ଭେଦଭାବ ସୃଷ୍ଟି କରିବା ନୁହେଁ ବରଂ କେବଳ ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା କରିବା ବୋଲି ପୁଲିସ କହିଛି।

### ଭାରତର ଇନୋଭେସନ...

ଏଲଓଆଇ ସ୍ୱାକ୍ଷରିତ ହୋଇଛି । ଇନୋଭେସନ କ୍ଷେତ୍ରରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ନବସୃଜନ ହେଉଛି ଭାରତର ଶକ୍ତି । ଅଟଳ ଇନୋଭେସନ ମିଶନ ଏବଂ ୱିପୋ ମଧ୍ୟରେ ଏହି ଭାଗିଦାରୀ ଅନ୍ୟ ରାଷ୍ଟ୍ର ପାଇଁ ପଥପ୍ରଦର୍ଶକ ସାଜିବ । ଶିକ୍ଷା କ୍ଷେତ୍ରରେ ଭାରତର ଅଭିନବ ମଡେଲ ଗୁଡିକ ବିକାଶଶୀଳ ରାଷ୍ଟ୍ରରେ ଉପଯୋଗ ହେବ । ବିଦ୍ୟାଳୟ ସ୍ତରରୁ ଆଇପିଆର(ଇଣ୍ଟେଲେକ୍ଚ୍ୟୁଆଲ ପ୍ରପର୍ଟି ରାଇଟ୍ସ) ବିଷୟରେ ବୁଝାମଣା ଏବଂ ସଚେତନତା ବ୍ୟାପକ ହେବ । ବିଶ୍ୱରେ ଇନେଭୋସନ କ୍ଷେତ୍ରରେ ଥିବା ସମ୍ଭାବନାର ଅନ୍ୱେଷଣ କରିବ । ସ୍ଥାୟୀ ଏବଂ ସମାବେଶୀପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି ପାଇଁ ଉଭୟ ସଂସ୍ଥା କାର୍ଯ୍ୟ କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

### ଦିନେ ଦୁଇ ଦିନ ଭିତରେ...

ଅନୁମୋଦନ କରିବା ପରେ ରତ୍ନଭଣ୍ଡାର ମରାମତି ଆରମ୍ଭ ହେବ। ତେବେ ଲେଜର ସ୍କାନିଂ ହେବ କି ନାହିଁ, ତାହା ସ୍ଥିତି ଯାଞ୍ଚ ପରେ ସ୍ପଷ୍ଟ ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ସୂଚନା ଯୋଗ୍ୟ ଯେ, ଇଝଓ ଦ୍ୱାରା ରତ୍ନଭଣ୍ଡାର ମରାମତି ସରିବା ପରେ ପୁଣି ସେଠାକୁ ଅଳଙ୍କାର ସ୍ଥାନାନ୍ତର କରାଯିବ। ଏହା ପରେ ଯାଇ ଆରମ୍ଭ ହେବ ସେଗୁଡ଼ିକର ଗଣତି ମଣତି ପ୍ରକ୍ରିୟା। ଯାହା ଉପରେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କର ନଜର ରହିଛି।

### ଆହୁରି ୪ ଦିନ ପର୍ଯ୍ୟନ୍ତ ...

୨୪ ଘଣ୍ଟା ଭିତରେ ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ଗଜପତି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ସମ୍ବଲପୁର, ବରଗଡ଼, ସୋନପୁର ଓ ବୌଦ୍ଧ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ଅନୁଗୋଳ, ଢେଙ୍କାନାଳ, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ସଂଘ କାର୍ଯ୍ୟକ୍ରମରେ ଅମଲାଙ୍କ ଯୋଗଦାନ କଟକଣା ହଟିଲା

ନୂଆଦିଲ୍ଲୀ, ୨୨/୭ : ଆରଏସଏସ୍‌କୁ ୧୯୪୮ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ସରକାରୀ କର୍ମଚାରୀମାନେ ଏଣିକି ଆରଏସଏସ୍ କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ପାରିବେ। ଦୀର୍ଘ ୫୮ ବର୍ଷ ଧରି ସରକାରୀ କର୍ମଚାରୀ ଓ ଆରଏସଏସ ଲିଙ୍କ ଉପରେ ବ୍ୟାନ ଲାଗିଥିଲା। କିନ୍ତୁ ନିକଟରେ ଏହାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି। ଏବେ ସରକାରୀ ବାବୁମାନେ ଆରଏସଏସ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇପାରିବେ। ତେବେ କେନ୍ଦ୍ରର ଏପରି ନିଷ୍ପତ୍ତିକୁ କଂଗ୍ରେସ ନେତା ଜୟରାମ ରମେଶ ତୀବ୍ର ସମାଲୋଚନା କରିଛନ୍ତି। ଜୁଲାଇ ୯ରେ କେନ୍ଦ୍ର ସରକାର ଜାରି କରିଥିବା ବିଜ୍ଞପ୍ତିକୁ ଶେୟାର କରି ଜୟରାମ କହିଛନ୍ତି, ୧୯୬୬ରୁ ସରକାରୀ କର୍ମଚାରୀଙ୍କ ପାଇଁ ଆରଏସଏସ୍ ? କାର୍ଯ୍ୟକଳାପରେ ଭାଗ ନେଇ ନ ପାରିବାର ପ୍ରାବଧାନ ଥିଲା। ଏବେ କିନ୍ତୁ ଏହାକୁ ହଟାଇ ଦିଆଯାଇଛି। ଆରଏସଏସ୍ ?କୁ ୧୯୪୮ରେ ପ୍ରାଥମିକ ଭାବେ ବେଆଇନ ସଂଗଠନ ଭାବେ ବିବେଚିତ କରାଯାଇଥିଲା। ଏହା ଉପରେ ବ୍ୟାନ ମଧ୍ୟ ଲାଗିଥିଲା। ଏହାର ଜଣେ ସଦସ୍ୟ ନାଥୁରାମ ଗଡସେ ଜାତିର ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବା ପରେ ଏପରି ପଦକ୍ଷେପ ନିଆଯାଇଥିଲା। ରମେଶ କହିଛନ୍ତି, "ସର୍ଦ୍ଦାର ପଟେଲ ଆରଏସଏସକୁ ୧୯୪୮ ମସିହା ଫେବୃଆରୀ ମାସରେ ବ୍ୟାନ କରିଥିଲେ। ଗାନ୍ଧିଜୀଙ୍କ ହତ୍ୟା ପରେ ଏପରି ପଦକ୍ଷେପ ନିଆଯାଇଥିଲା। ସଂଗଠନ ଭଲ କାମ କରିବାରୁ ବ୍ୟାନ ପ୍ରତ୍ୟାହାର ହୋଇଥିଲା। ତଥାପି ଆରଏସ୍ଏସ୍ କେବେ ହେଲେ ବି ନାଗପୁରରେ ତ୍ରିରଙ୍ଗା ଉଡ଼ାଇ ନଥିଲା।" ୧୯୬୬ରେ ପୁଣି ଗୋଟିଏ ନୂଆ ବ୍ୟାନ ଲାଗୁ ହୋଇଥିଲା। ଆରଏସଏସ୍ ? ଓ ଜମାତ –ଇ –ଇସଲାମ ସହ କୌଣସି ସରକାରୀ କର୍ମଚାରୀ ଯୋଡ଼ି ହୋଇ ପାରିବେ ନାହିଁ ବୋଲି କୁହାଯାଇଥିଲା। ଏବେ କେବଳ ଆରଏସଏସ ଲିଙ୍କ ବ୍ୟାନକୁ ପ୍ରତ୍ୟାହାର କରି ନିଆଯାଇଥିବାରୁ ରମେଶ ଆପତ୍ତି ଉଠାଇଛନ୍ତି।

# ଭଦ୍ରକ ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର: ୧୧୫ ଅଭିଯୋଗ ଆଗତ, ୩୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ଭଦ୍ରକ, ୨୨/୭ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାପାଳ ଓ ଏସ୍.ପି. ଙ୍କ ମିଳିତ ଜନଶୁଣାଣି ଶିବିର ଚଳିତ ମାସର ଚତୁର୍ଥ ସୋମବାର ୨୨ ତାରିଖ ଦିନ ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୧୫ ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୯୬ ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ତନ୍ମଧ୍ୟରେ ୧ଟି ସି.ଏମ୍. ଆର୍.ଏଫ୍. ଓ ୨ଟି ରେଡ଼କ୍ରସ୍ ସମ୍ବନ୍ଧୀୟ ଆବେଦନ ଥିଲା। ଭଣ୍ଡାରିପୋଖରୀ ବ୍ଲକ୍ ମୋବାରକ ଅଞ୍ଚଳର ବାସନ୍ତୀ ପରୀଡ଼ାଙ୍କୁ ତାଙ୍କ ନାତିର ବୃହତ୍ତର ଚିକିତ୍ସା ପାଇଁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଓ ଟାଙ୍କୁଣୀ, ବଳଭଦ୍ରପୁର, କଲେଇ ପଞ୍ଚାୟତ ଭଦ୍ରକ ବ୍ଲକ୍‌ର ଆବେଦନକାରୀ ସୋମନାଥ ସାହୁଙ୍କୁ ଚିକିତ୍ସା ପାଇଁ ୧୨ ହଜାର ଟଙ୍କା ସି.ଏମ୍.ଆର୍.ଏଫ୍ ରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନ୍ୟଜଣେ ଆବେଦନକାରଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ସି.ଡ଼ି.ଏମ୍.ଓ ପ୍ରଭାତ କୁମାର ବେହେରା, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ବେହେରା ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ଭଦ୍ରକ ବି.ଡ଼ି.ଓ. ସୀତାକାନ୍ତ ରାଉତ ଓ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଏହି ଶିବିର ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଡେପୁଟୀ କଲେକ୍ଟର ତନ୍ମୟ କୁମାର ଜେନା, ସାଧାରଣ ବିବିଧ ବିଭାଗର ଲିସାରାଣୀ ରାଉତ, ବ୍ଲକ୍ କର୍ମଚାରୀ ଅଜୟ କୁମାର ନାୟକ ପ୍ରମୁଖ ଏହି ଶିବିରରେ ଅଭିଯୋଗ ପଞ୍ଜିକରଣ, ଉପସ୍ଥାପନା ଓ ପରିଚାଳନା ରେ ସହଯୋଗ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା, ଅବସରକାଳୀନ ପେନସନ୍, ସରକାରୀ ଓ ଘରୋଇ ଜମି ଜବରଦଖଲ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା ମରାମତି ଓ ନିର୍ମାଣ ଆଦି ବିଭିନ୍ନ ଅଭିଯୋଗ ସହ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗର ଯଥାବିଧି ସମାଧାନ ପାଇଁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।



# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା , ୨୨/୭ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ମଧ୍ୟମା କନ୍ୟା ଆୟୁଷ୍ମତୀ ପ୍ରମୋଦିନୀ ବାରିକ-ଶ୍ରୀଯୁକ୍ତ ଗୋପବନ୍ଧୁ ବର ଙ୍କ ଏକମାତ୍ର କନ୍ୟା ଆୟୁଷ୍ମତୀ ସୁନୟନା ବାରିକ/ବର ଙ୍କର ୧୧ ତମ ଶୁଭ ଜନ୍ମଦିନ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ମୁନି ସମାଜର ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ।ସେ ଆଶିର୍ବାଦ ପ୍ରଦାନ ସହିତ ଜୀବାଦୈତ୍ୟବାଦ ଉପରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଥିବା ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା।ସେ ମହାନ ବିଦୁଷୀ ନାରୀ ଗାର୍ଗୀ,ମୈତ୍ରେୟ ଙ୍କ ଉଦାହରଣ ଦେଇ ଆଶୀର୍ବାଦର ବର୍ଷା ସୃଷ୍ଟି କରିଥିଲେ।ମଞ୍ଚାସୀନ ଥିବା ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ସୁ ଲଳିତ କଣ୍ଠରେ ଜନ୍ମଦିନ ସଙ୍ଗୀତ ଗାନ କରି ସମସ୍ତଙ୍କୁ ତଲ୍ଲୀନ କରିଦେଇଥିଲେ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମତୀ ସୁନୟନାଙ୍କୁ ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା।ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ ବାସନ୍ତୀ ମହାଳିକ,ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିମତୀ ଫୁଲମଣୀ ବେହେରା, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ ଉର୍ମିଳା ରାଉଳ, ମୁନିମତୀ ସୁମତୀ ବେହେରା, ମୁନିମତୀ ବାସନ୍ତୀ ପରିଡ଼ା, ମୁନି ସତ୍ୟ ସେନାପତି, ମୁନି ଶଶଧର ସେନାପତି, ମୁନି ଯୋଗେନ୍ଦ୍ର ବେହେରା ଏବଂ ମୁନି କୁମାରୀ ମିନତୀ ଦଳାଇ ପ୍ରମୁଖ । ଶେଷରେ ଅଜା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।



# ନୂଆ ଏଜି ଭାବେ ଦାୟିତ୍ୱ ନେଲେ ପୀତାମ୍ବର ଆଚାର୍ଯ୍ୟ

ଭୁବନେଶ୍ୱର, ୨୨/୭ (ନି.ପ୍ର): ଓଡ଼ିଶା ହାଇକୋର୍ଟରେ ନୂତନ ଆଡଭୋକେଟ ଜେନେରାଲ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ। କାର୍ଯ୍ୟରେ ଯୋଗ ଦେବା ପରେ ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ନିରପେକ୍ଷ ଭାବରେ ଦାୟିତ୍ୱ ତୁଲେଇବି। ଓଡ଼ିଶାବାସୀଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରିବି। ରାଜ୍ୟବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ମୋହନ ସରକାରଙ୍କ ପ୍ରଥମ ପ୍ରାଥମିକତା।

## କଂଗ୍ରେସ ବିଧାୟକ ଦଳ ବୈଠକକୁ ଆସିଲେନି ତାରା

ଭୁବନେଶ୍ୱର, ୨୨/୭ (ନି.ପ୍ର): ବିଧାନସଭା ଆରମ୍ଭ ହେବା ପୂର୍ବରୁ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗ ଦେଇ ନାହାନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । କଂଗ୍ରେସ ତାଙ୍କ ବଦଳରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କୁ ବିଧାୟକ ଦଳର ନେତା କରିଥିବାରୁ ତାରା ଅସନ୍ତୁଷ୍ଟ ଅଛନ୍ତି। ବରିଷ୍ଠତା ସତ୍ତ୍ୱେ ତାଙ୍କୁ ଏହି ପଦ ମିଳି ନଥିବାରୁ ସେ ନିଜର ଅସନ୍ତୋଷ ଜଣାଇବା ପାଇଁ ଆଜିର ବୈଠକକୁ ଆସି ନଥିବା ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ବୈଠକରେ ଉପସ୍ଥିତ ନରହିବାକୁ ନେଇ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଆଜି ବିଧାୟକ ଦଳ ବୈଠକ ବସିବ ବୋଲି ମୋ ପାଖକୁ କୌଣସି ଫୋନ୍ ଆସିନଥିଲା। ବୈଠକ ବସିବ ବୋଲି ମୋତେ କେହି ନାହାନ୍ତି, ମୁଁ ମଧ୍ୟ ଜାଣି ନାହିଁ। ଆଜି ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିଧାନସଭାର ୫୪ ନଂ କକ୍ଷରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିଥିଲା। ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ହେଲେ ଏହି ବୈଠକରେ ତାରା ଉପସ୍ଥିତ ନଥିଲେ। କିନ୍ତୁ ବିଧାନସଭା କାର୍ଯ୍ୟରେ ତାରା ଯୋଗ ଦେଇଥିଲେ।

# ନୀଳଗିରି ବଉଳଗଡିଆ ରାସ୍ତା ମରଣଯନ୍ତା: ଗଛ ଅବରୋଧର ଦ୍ୱାହି ଦେଇ ଠିକାଦାର ଉଭାନ

ନୀଳଗିରି , ୨୨/୭ (ନି.ପ୍ର): ନୀଳଗିରି ଉପଖଣ୍ଡ ସଦର ମହକୁମାକୁ ସଂଯୋଗ କରୁଥିବା ଔପଦା ବ୍ଲକ ନୀଳଗିରି ବଉଳଗଡିଆ ପି. ଡବ୍ଲ୍ୟୁ. ଡି ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ରାଜତନ୍ତ୍ର ସମୟରେ ନିର୍ମିତ ଉକ୍ତ ରାସ୍ତାଟି ଜନସାଧାରଣଙ୍କ ଯାତାୟତରେ ସୁବିଧାପାଇଁ ନିର୍ମାଣ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ରାଜ୍ୟସରକାର ହାତକୁ ନେଇଥିଲେ। ମାତ୍ର ରାସ୍ତାର ଦୂରାବସ୍ଥା ପାଇଁ ବାରମ୍ବାର ଅଭିଯୋଗ, ରାସ୍ତାରୋକ ହୋଇଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାଁନ୍ତି। ଉକ୍ତ ରାସ୍ତାଟି ଔପଦା, ନୀଳଗିରି ଓ ମୟୂରଭଞ୍ଜବାସୀଙ୍କ ପାଇଁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ହୋଇଥିବା ବେଳେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ପ୍ରମୁଖ ମାର୍ଗ। ମାତ୍ର ରାଜ୍ୟ ସରକାର ୨୦୨୨/ ୨୩ ବର୍ଷରେ ଉକ୍ତ ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ ପାଇଁ ନାବାର୍ଡ ସ୍ୱରାଜ ଯୋଜନାରେ ୩୨କୋଟି ଅର୍ଥ ବ୍ୟୟବରାଦ ହୋଇ ରାଜ୍ୟ ସରକାରଙ୍କ ତରଫରୁ ଟେଣ୍ଡର ହୋଇଥିଲା। ଉକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ମେକିନଟସ୍ କନଷ୍ଟ୍ରକ୍ସନ ଟେଣ୍ଡର ଗ୍ରହଣ କରି ୨୦୨୩ମସିହା ଏପ୍ରିଲ୍ ୧୪ତାରିଖ ଚୁକ୍ତିବଦ୍ଧ ହୋଇଥିଲା। ଯାହା ଏକବର୍ଷର ସମୟସୀମା ଧାର୍ଯ୍ୟ ହୋଇ କାର୍ଯ୍ୟାରମ୍ଭ ହୋଇଥିଲା। ଏନେଇ ରାସ୍ତା କଡ଼ରେ ଥିବା ଛୋଟଛୋଟ ଦୋକାନୀ, ବାସଗୃହ ଆଦି ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ମାତ୍ର କାର୍ଯ୍ୟାଦେଶର ଅବଧିକୁ ଏକବର୍ଷରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ମଧ୍ୟ ରାସ୍ତାକାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏପଟେ ଠିକାଦାର ସଂସ୍ଥା ନିଜର ଯନ୍ତ୍ରପାତି ନେଇ ଚଂପଟ ମାରିଛି। ତେବେ ରାସ୍ତାପାର୍ଶ୍ୱରେ ଥିବା ଗଛ ଗୁଡିକ କରିବା ପାଇଁ ଜଙ୍ଗଲ ବିଭାଗ ଅନୁମତି ଦେଉନଥିବାରୁ ନିର୍ମାଣ କାର୍ଯ୍ୟ ହୋଇପାରୁନଥିବା ବିଭାଗୀୟ ଯନ୍ତ୍ରୀ ସଫେଇ ଦେଇଛନ୍ତି। ଏନେଇ ସୋମବାର ଓଉପଦା ପଞ୍ଚାୟତ ସମିତି ଅଧିନରେ ଥିବା ପଞ୍ଚାୟତବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ପାର୍ଶ୍ୱରେ ଥିବା ଗଛ ଅପସାରଣ କରିବା ସହିତ ସଂପୃକ୍ତ ଠିକାଦାରକୁ ରାସ୍ତା ନିର୍ମାଣ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଯାହା ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଶହଶହ ଯାତ୍ରୀ, ଯାନବାହାନ, ଆମ୍ବୁଲାନ୍ସ ଆଦି ବିପଦମୁଖରୁ ବର୍ତ୍ତିଯାନ୍ତେ ବୋଲି ବହୁ ଲୋକ ପ୍ରତିନିଧି, ବୁଦ୍ଧିଜୀବି, ଜନସାଧାରଣ ଅଭିଯୋଗ ପତ୍ରରେ ସ୍ୱାକ୍ଷର କରିଥିବା ଜଣାଯାଇଛି।



# ଆମ ବସ ଷ୍ଟାଣ୍ଡରେ କର୍ମଚାରୀ ନିଯୁକ୍ତି ବେଳେ ଉତ୍ତେଜନା: ବକେୟା ଦରମା ଦାବି କରି ନୂତନ ନିଯୁକ୍ତିକୁ ବିରୋଧ

ଲଙ୍ଗଳେଶ୍ୱର, ୨୨/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ସରକାରୀ ନୂଆ ବସଷ୍ଟାଣ୍ଡରେ ବିବାଦ ତୁଟିବାର ନାଁ ଧରୁନି। ବିଭିନ୍ନ ସମୟ ରେ ବିଭିନ୍ନ ବିବାଦ ଭିତରକୁ ବସ ଷ୍ଟାଣ୍ଡଟି ଟାଣି ହୋଇଯାଉଛି। କିଛି ଦିନ ପୁର୍ବରୁ ସ୍ଥାୟୀ ନିଯୁକ୍ତି ଓ ଛଟେଇ ନେଇ ବିବାଦ ଲାଗିବା ପରେ ସମ୍ପୂର୍ଣ ବସ ଷ୍ଟାଣ୍ଡ ରେ ତାଲା ପଡିବା ସହିତ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ସୋମବାର ପୁଣି ସେହି ବସ ଷ୍ଟାଣ୍ଡ ପାଇଁ ବ୍ଲକ ପରିସରରେ ନିଯୁକ୍ତି ପ୍ରକ୍ରିୟା ପାଇଁ ଆଇ .ଏନ୍ . ଟି . ସଂସ୍ଥା ତରଫରୁ ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀ , ମାଳି ଆଦିକୁ ମିଶେଇ ୧୧ ଟି ପଦବୀରେ ନିଯୁକ୍ତି ପାଇଁ ଅଧିକାରୀ ଓ ପାର୍ଥି ଉପସ୍ଥିତ ହୋଇଥିବା ବେଳ ପୁର୍ବରୁ ନିଯୁକ୍ତି ପାଇ ଥିବା କର୍ମଚାରୀ ମନେ ବକେୟା ଦରମା ପାଇନଥିବା ରୁ ନୂତନ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କର୍ବାରୁ ଉତ୍ତେଜନା ଦେଖା ଦେଇଥିଲା।ପୁର୍ବରୁ ନିଯୁକ୍ତି ପାଇ ଥିବା କର୍ମଚାରୀ ମନେ ଉତ୍ତ୍ୟକ୍ତ ହୋଇ ଅଧିକାରୀ ମାନଙ୍କୁ ତାଲା ପକାଇ ଅଟକ ରଖିଥିଲେ। ଖବର ପାଇଁ ବାଲିଆପାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ, ଯୁବ ନେତା ସତ୍ୟକାମ ମହାନ୍ତି, ଅରୁଣ ପାତ୍ର ପ୍ରମୁଖ ଉତ୍ତ୍ୟକ୍ତ କର୍ମ ଚାରୀମାନଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲ। ସାତଦିନ ମଧ୍ୟରେ ବକିଆ ଦରମା ଦିଆଯିବ, ନିଯୁକ୍ତି ପାଇଁ ସମୟ ଧାର୍ଯ୍ୟ କରାଯିବ ବୋଲି ଆଇ ଏନ୍ ଟି କମ୍ପାନୀର ଅଧିକାରୀ ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ପ୍ରତିଶ୍ରୁତି ପରେ ତାଲା ଖୋଲାଯାଇଥିଲା। ନିଯୁକ୍ତି ପାଇବାକୁ ଆସିଥିବାଯୁବତୀ ଯୁବକ ମାନେ ନିରାଶ ହୋଇ ଫେରିଯାଇଥିଲେ।

# ଯୋଗ ମହୋତ୍ସବ ସମିତି ବାଲେଶ୍ୱରର ବୈଠକ

ବାଲେଶ୍ୱର, ୨୨/୭ (ନି.ପ୍ର): ଯୋଗ ମହୋତ୍ସବ ସମିତି ବାଲେଶ୍ୱର ବୈଠକ ତା.୨୧.୦୪.୨୪ରିଖ ରବିବାର ପଦୁଆଁପଦା ସ୍ଥିତ ଗୋଲାପ ସାହୁଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଗତ ଯୋଗ ଦିବସ ବିଷୟରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ଆସନ୍ତା ଦିନରେ ସମିତିର ଭୂମିକାକୁ ନେଇ ବିଷଦ ଆଲୋଚନା କରାଯାଇଥିଲା । ବିଭିନ୍ନ ସ୍ଥାନରେ ଦୁଇଟି ପର୍ଯ୍ୟାୟରେ ବୃକ୍ଷରୋପଣ କରାଯାଇଥିଲେ ମଧ୍ୟ ବୃକ୍ଷ ଗୁଡ଼ିକର ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଆଲୋଚନାରେ ଭାଗ ନେଇ ସମିତିର ସଭାପତି ସୁଜିତ କୁମାର ଜେନା, ତାଙ୍କର ପାରିବାରିକ ସମସ୍ୟା ପାଇଁ ସଭାପତି ପଦରୁ ଉସ୍ତଫା ପ୍ରଦାନ କରିଥିଲେ । ଆଲୋଚନା ହୋଇ ଏହା ଗୃହିତ ହେବା ପରେ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ଅଗ୍ରଣୀ କର୍ମୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଶ୍ରୀ ଗୋପାଳ ଚନ୍ଦ୍ର ନାୟକଙ୍କୁ ସଭାପତି ଦାୟିତ୍ୱ ପାଇଁ ମନୋନୀତ କରାଯାଇଥିଲା । ଏହାକୁ ଉପସ୍ଥିତ ସଭ୍ୟମାନେ ସ୍ୱାଗତ କରିଥିଲେ । ଶ୍ରୀମତୀ ଦମୟନ୍ତୀ ମହାପାତ୍ର ମହିଳା ପ୍ରସରୀ ଭାବେ ମନୋନୀତ ହୋଇଥିଲେ । ଶେଷରେ ଅରବିନ୍ଦ ପାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରାବଣ ପ୍ରଥମ ସୋମବାରରେ ବାବା ସିଦ୍ଧେଶ୍ୱର ଶୈବ ପୀଠରେ ଜଳାଭିଷେକ ସମାପନ

ଲଙ୍ଗଳେଶ୍ୱର , ୨୨/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ର ମଧୁପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚରବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମର ବୋଲବମ୍ଭ ଭକ୍ତ ମାନେ ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ରେ ଚୌଧୁରୀକୁଦ ବାବା ସିଦ୍ଧେଶ୍ୱର ଶୈବ ପୀଠରେ ଜଳାଭିଷେକ କରିଛନ୍ତି। ଶହ ଶହ ମହିଳା ପୁରୁଷ ବୋଲବମ୍ଭ ଭକ୍ତ ମାନେ ସୋମବାର ବଡ଼ି ଭୋର ରୁ ସୁବର୍ଣ୍ଣରେଖା ନଦୀର ଅବବାହିକା ପରୁଲିଆ ପୋଳ ନିକଟସ୍ଥ ପକା ଘାଟରୁ ମାନସିକ କରି ଓ ମାନସିକ ପୂରଣ ହୋଇଥିବାରୁ ନିଷ୍ଠାର ସହିତ ନଦୀ ରୁ ପାଣି ଆଣି ବାବା ସିଦ୍ଧେଶ୍ୱରଙ୍କ ଉପରେ ଜଳଭିଶେକ କରିଛନ୍ତି।ବୋଲବମ ଯାତ୍ରା ସମୟରେ ଭକ୍ତଙ୍କ ବୋଲବମ ଧ୍ୱନି ସହିତ ଶିବଙ୍କ ପଞ୍ଚାକ୍ଷର ନାମର ଧ୍ୱନି ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହେଉଥିଲା। ଭକ୍ତ ମେନେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଲମ୍ବା ପଟୁଆର ରେ ଶାନ୍ତି ପୂର୍ଣ୍ଣ ଭାବରେ ମାନସିକ ଧାରୀ ଓ ମାନସିକ ପୂରଣ ହୋଇଥିବା ଭକ୍ତ ମାନେ ବାବାଙ୍କ ଉପରେ ଜଳ ଲାଗି କରିଥିଲେ। ଅଦୈତ୍ୟ ସାହୁ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଜଳଲାଗି ଉତ୍ସବରେ ଚରବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମର ସମସ୍ତ ସକ୍ରିୟ ଯୁବକ ଓ ବୋଲବମ କମିଟିର ସଦସ୍ୟଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ କରିଥିଲା। ଯୁବକ ମାନଙ୍କର ଏତାଦୃଶ କାର୍ଯ୍ୟ କୁ ଉଭୟ ଗ୍ରାମ ସହିତ ସ୍ଥାନୀୟ ବରିଷ୍ଠ ନାଗରିକ ଓ ବୁଦ୍ଧି ଜୀବି ମାନେ ପ୍ରଶଂସା କରିଛନ୍ତି।ସଞ୍ଜୟ ବେହେରା, ସୁଶାନ୍ତ କୁମାର ସାହୁ,ନାରାୟଣ ଗଙ୍ଗାଇ, ଝଣ୍ଟୁ ସାହୁ,ଅରବିନ୍ଦ ରାଉତ ଙ୍କ ସହିତ ଅନ୍ୟ ସଦସ୍ୟ ମନେ ଶାନ୍ତି ଶୃଙ୍ଖଳା ପ୍ରତି ବଜାଇ ରଖିବା ପାଇଁ ସଜାଗ ରହିଥିଲେ।



# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୫ତମ ସ୍ୱନକ୍ଷତ୍ର ଦିବସ ଉଦ୍‌ଯାପିତ

ବଡସାହି , ୨୨/୭ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ବିହାର ସ୍ଥିତ ଉତ୍କଳ ଶିକ୍ଷା ପରିଷଦ ମର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଆବାସିକ)ର ୨୫ତମ ସ୍ୱନକ୍ଷତ୍ର ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୟୂରଭଞ୍ଜ ଜିଲ୍ଲା ସମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭବେ ମାନନୀୟା ନିଶାମଣି ରାଉତ ଯୋଗଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ, ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ କୁମାର ନାୟକ ଯୋଗଦାନ କରି ସଚ୍ଚା ଦେଶଭକ୍ତ ପିଲାଟି ଦିନରୁ ମାର୍ଜିତ ହୋଇଥାଏ ଏହିପରି ଶିକ୍ଷା କେନ୍ଦ୍ର ଠାରୁ । ଯାହା ତାର ପରିବେଶ ଓ ଗୁରୁଜୀ ଗୁରୁମା ସଂସ୍କାର ଶିଖାଇଥାନ୍ତି ପିଲାଟି ଦିନରୁ ଏହି ଶିକ୍ଷା କେନ୍ଦ୍ରରେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ଏ ଭାରତ ବର୍ଷରେ ବହୁ ମହାମାନବ ଜନ୍ମ ଗ୍ରହଣ କରିଥିବା ବେଳେ ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଅନ୍ୟତମ ଓ ଅନନ୍ୟ ପ୍ରତିଭାର ଅଧିକାରୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଉଥିବା ମଣିଷ ମଧ୍ୟ ମହାମାନବ ପାଲଟିଯାଏ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଗୋପବନ୍ଧୁ ସାହିତ୍ୟ ସଂସଦର ସଂପାଦକ କବି ଅମିତାଭ ମିଶ୍ର, ସମ୍ମାନୀତ ଅତିଥି ଭାବେ ଜେଜେ ଗୁରୁଜୀ ବେଣୁଧର ଜେନା, ନାଟ୍ୟକାର ମନୋରଞ୍ଜନ ବେହେରା ଓ ସମ୍ମାନୀତ ବକ୍ତା ଭାବେ ଶିକ୍ଷକ ନେତା ରାଜେନ୍ଦ୍ର ଜେନା ଓ ପୁରାତନ ବିଦ୍ୟାର୍ଥୀ ପରିଷଦର ସଭାପତି ଡକ୍ଟର ଅଭିଜିତ୍ ବାରିକ ଯୋଗଦାନ କରିଥିଲେ। ସଭା ସଂଯୋଜନା ସଚୀନ୍ଦ୍ର କୁମାର ବିଶ୍ୱାଳ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ବାଣୀ ମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଓ ଭାରତମାତାଙ୍କ ପୂଜା ଅର୍ଚ୍ଚନା ରଶ୍ମିତା ବେହେରା, ବୃନ୍ଦାବତୀ ନାଏକ ଓ ପ୍ରିୟଙ୍କା ମହାନ୍ତଙ୍କ ଦ୍ୱାରା କରାଯାଇଥିଲା । ପରେ ପରେ ଶିକ୍ଷାକେନ୍ଦ୍ରର ୨୫ ବର୍ଷ ପୂର୍ତ୍ତି ଅବସରରେ ଗୁରୁଜୀ କାର୍ତ୍ତିକ ସେଠୀ, ସୁବ୍ରତ ବଳିଆର ସିଂହ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ଦୀପକ କୁମାର ଦାସ, ରଣଜିତ୍ ମହାନ୍ତି ଓ ବେଣୁଧର ବେହେରାଙ୍କ ଦ୍ୱାରା ୨୫ଟି ଚାରା ରୋପଣ କରାଯାଇଥିଲା । ବୀଣା ଓ ରୀନା ଗୁରୁମାଙ୍କ ତତ୍ତ୍ୱାବଧାନରେ ପାରଂପାରିକ ଢଙ୍ଗରେ ଜନ୍ମଦିନ ପିଠା କଟାଯାଇଥିଲା ଏବଂ ଛାତ୍ରୀମାନଙ୍କ ଦ୍ୱାରା ଆବାହନୀ ସଂଗୀତ ଓ ନୃତ୍ୟ ପରିବେଷଣ ହୋଇ ଥିଲା । ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଏହା ଶୁଭଜିତ ଶୁଭଙ୍କର ଓ କବିତା ଗୁରୁମାଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ଶାନ୍ତି ପ୍ରବୀର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo